ଧରିତ୍ରୀ
DHARITRI
୫୧
ଭୁବନେଶ୍ୱର, ଶନିବାର, ଡିସେମ୍ବର ୭/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 7/2024 Page 16 ₹ 7.00 | RAYAGADA
୫୧ଶ ଭାଗ ୧୪ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 14 ମୂଲ୍ୟ ₹୭/-

# ସ୍କୁଲ ପ୍ରିନ୍ସିପାଲ୍‌ଙ୍କୁ ହତ୍ୟାକଲେ ଛାତ୍ର

**ଛତରପୁର,୬।୧୨**

ମଧ୍ୟପ୍ରଦେଶର ଛତରପୁର ଜିଲାରେ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ର ସ୍କୁଲ ପ୍ରିନ୍ସିପାଲ୍‌ଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏଥିସହିତ ଛାତ୍ର ଜଣକ ତାଙ୍କ ସହଯୋଗୀଙ୍କ ସହ ମିଶି ପ୍ରିନ୍ସିପାଲ୍ ଏସ୍.କେ. ସାକ୍ସେନା (୫୫)ଙ୍କ ସ୍କୁଟର ନେଇ ପଳାଇଛନ୍ତି। ସ୍କୁଲ କ୍ୟାମ୍ପସ୍‌ରେ ଶୁକ୍ରବାର ଅପରାହ୍ନ ୧ଟା ୩୦ ମିନିଟ୍‌ରେ ଏହି ହତ୍ୟାକାଣ୍ଡ ଘଟିଥିବା ଏସ୍‌ପି ଆଗମ ଜୈନ କହିଛନ୍ତି। ପୋଲିସ କହିବା ଅନୁଯାୟୀ, ୨ ଛାତ୍ର ବିଳମ୍ବରେ ସ୍କୁଲକୁ ଆସିବାରୁ ପ୍ରିନ୍ସିପାଲ ସେମାନଙ୍କୁ ଗାଳି ଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ୨ ଛାତ୍ର ପ୍ରିନ୍ସିପାଲଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସାକ୍ସେନା ୫ ବର୍ଷ ହେଲା ଧାମୋରା ଗଭର୍ନମେଣ୍ଟ ହାୟର ସ୍କୁଲର ପ୍ରିନ୍ସିପାଲ ରହିଥିଲେ। ସେ ଅପରାହ୍ନରେ ସ୍କୁଲ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଡିଆର୍‌ଏସ୍ ଧାରା






ଏମ୍‌ଏସ୍‌ପିକୁ ଆଇନଗତ ସ୍ୱୀକୃତି ଦାବିରେ ଶୁକ୍ରବାର 'ଦିଲ୍ଲୀ ଚଲୋ' ପଦଯାତ୍ରାରେ ବାହାରିଥିବା କୃଷକଙ୍କ ଉପରେ ଶମ୍ଭୁ ସୀମାରେ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି।

# ଶମ୍ଭୁ ସୀମାରେ ସଂଘର୍ଷ: ୧୦ ଚାଷୀ ଆହତ

**ଶମ୍ଭୁ/ନୂଆଦିଲ୍ଲୀ,୬।୧୨**

ଉତ୍ପାଦିତ ଫସଲ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସମେତ ଅନ୍ୟ କେତେକ ଦାବି ପୂରଣ ପାଇଁ ଶୁକ୍ରବାର ଆନ୍ଦୋଳନରତ ଚାଷୀଙ୍କ ଉପରେ ପୋଲିସର ବର୍ବରତା ପୁଣି ସାମ୍ନାକୁ ଆସିଛି। କୃଷକମାନେ 'ଦିଲ୍ଲୀ ଚଲୋ' ଡାକରାରେ ସାମିଲହୋଇ ଜାତୀୟ ରାଜଧାନୀ ଅଭିମୁଖେ ଅଗ୍ରସର ହେଉଥିବାବେଳେ ପଞ୍ଜାବ-ହରିୟାଣା ସୀମାର ଶମ୍ଭୁସ୍ଥିତ ଜାତୀୟ ରାଜପଥ ନଂ.୪୪ରେ ପୋଲିସ ଲୁହବୁହା ବାଷ୍ପ

**ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ଦାବିରେ 'ଦିଲ୍ଲୀ ଚଲୋ' ଦିନକ ପାଇଁ ସ୍ଥଗିତ**

ପ୍ରୟୋଗକରି ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଛି। ଏପରି କି ପୋଲିସ ବଳ ପ୍ରୟୋଗ କରିବାକୁ ମଧ୍ୟ ପଛାଇନାହିଁ। ପୋଲିସ-କୃଷକ ସଂଘର୍ଷ ଘଟିବାରୁ ୧୦ ଚାଷୀ ଆହତ ହୋଇଥିବାବେଳେ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହାକୁ ଦୃଷ୍ଟିରେ ରଖି କୃଷକମାନେ ଅପରାହ୍ନଠାରୁ ବିକ୍ଷୋଭ ସ୍ଥଗିତ ରଖିଛନ୍ତି। ଫେବୃଆରୀ ୧୩ରୁ ☞ପୃଷ୍ଠା-୪

# ପରୀକ୍ଷାରେ ଅନିୟମିତତା କଲେ କୋଟିଏ

**କିଛି ବର୍ଷ ହେବ ନିଯୁକ୍ତି ପାଇଁ ପରୀକ୍ଷାରେ ଅନିୟମିତତା ଅଭିଯୋଗ ହୋଇଆସୁଥିବାରୁ ରାଜ୍ୟ ସରକାର ଏବେ କଠୋର ହୋଇଛନ୍ତି। ବିଶେଷକରି ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର (ଏଏସ୍‌ଓ) ପରୀକ୍ଷାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ନିକଟ ଅତୀତରେ ପରୀକ୍ଷାର୍ଥୀମାନେ ବିଧାନସଭା ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରୀକ୍ଷାର୍ଥୀଙ୍କୁ ନ୍ୟାୟ ଦେବା ଲକ୍ଷ୍ୟ ରଖି ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନର ନିବାରଣ) ବିଲ୍- ୨୦୨୪ ବିଧାନସଭାରେ ଶୁକ୍ରବାର ପାରିତ କରିଛନ୍ତି। ପରୀକ୍ଷାରେ ଅନିୟମିତତା ବିଷୟରେ ଜଣାପଡ଼ିଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ ୧ କୋଟି ଟଙ୍କା ଏବଂ ବ୍ୟକ୍ତିଗତ ଅପରାଧ ପ୍ରମାଣିତ ହେଲେ ୧୦ ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିଧେୟକ ଆଗତ କରିବାବେଳେ କହିଛନ୍ତି, ପୂର୍ବ ସରକାର ସମୟରେ ପ୍ରତି ଏଏସ୍‌ଓ ପଦବୀ ୨୫ରୁ ୩୦ ଲକ୍ଷ ଟଙ୍କାରେ ବିକ୍ରି ହେଉଥିଲା। ନୂଆ ଆଇନ ଆସିଲେ ପରୀକ୍ଷାରେ ସ୍ୱଚ୍ଛତା ଓ ସାଧୁତା ବଜାୟ ରହିପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।**

## ୩୦ ଲକ୍ଷରେ ବିକ୍ରି ହେଉଥିଲା ଏଏସ୍‌ଓ ପଦବୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୧୨(ଅନିଲ ଦାସ)**

ସରକାରୀ ଚାକିରି ପାଇଁ ବିଭିନ୍ନ ପରୀକ୍ଷାରେ ହେଉଥିବା ଅନିୟମିତତା ଓ ଦୁର୍ନୀତିକୁ ରୋକିବା ଲାଗି ରାଜ୍ୟ ସରକାର କଠୋର ହୋଇଛନ୍ତି। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ସକାଶେ ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନର ନିର୍ବାରଣ) ବିଲ୍ -୨୦୨୪ ଆଣିଛନ୍ତି। ସର୍ବସମ୍ମତିକ୍ରମେ ଶୁକ୍ରବାର ବିଧାନସଭାରେ ଏହାକୁ ଗୃହୀତ କରାଯାଇଛି। ଏହି ବିଲ୍‌ରେ ଅନିୟମିତତା ପାଇଁ କଠୋର ଦଣ୍ଡବିଧାନ କରାଯାଇଛି। ଅଧିନିୟମ ଅଧୀନରେ ସମସ୍ତ ଅପରାଧକୁ ଜାମିନ୍‌ବିହୀନ କରାଯାଇଛି। ବ୍ୟକ୍ତିଗତ ଭାବେ ଅପରାଧ ପ୍ରମାଣିତ ହେଲେ ୩ରୁ ୫ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହିତ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଗଣିବାକୁ ହେବ। ଜରିମାନା ନ ଦେଲେ ଆଇନ ଅନୁସାରେ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ସେବା ଯୋଗାଣକାରୀ ସଂସ୍ଥା ଅନିୟମିତତା କଲେ ୧ କୋଟି ଟଙ୍କା ଜରିମାନା ଗଣିବେ। ସମ୍ପୃକ୍ତ ସଂସ୍ଥାକୁ ୪ ବର୍ଷ ପର୍ଯ୍ୟନ୍ତ ପରୀକ୍ଷା ପରିଚାଳନା ଦାୟିତ୍ୱରୁ ବିଦା କରାଯିବ। ସଂସ୍ଥାର ଅଧିକାରୀଙ୍କ ☞ପୃଷ୍ଠା-୪

# ସିଆର୍‌ଆର୍ ହ୍ରାସ କଲା ଆର୍‌ବିଆଇ

**ମୁମ୍ବାଇ,୬।୧୨**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର କ୍ୟାଶ୍ ରିଜର୍ଭ ରେସିଓ (ସିଆର୍‌ଆର୍)କୁ ୫୦ ବେସିସ୍ ପଏଣ୍ଟ ହ୍ରାସ କରିଛନ୍ତି। ଫଳରେ ସିଆର୍‌ଆର୍ ୪.୫%ରୁ ୪ %କୁ ହ୍ରାସ ପାଇଛି। ଆର୍ଥିକ ବ୍ୟବସ୍ଥାରେ ନଗଦ ବଢ଼ାଇବା ଉଦ୍ଦେଶ୍ୟରେ ଆର୍‌ବିଆଇ ମୁଦ୍ରାନୀତି କମିଟି (ଏମ୍‌ପିସି) ଏଭଳି ନିଷ୍ପତ୍ତି ନେଇଛି। ସିଆର୍‌ଆର୍ ହେଉଛି ବ୍ୟାଙ୍କ୍‌ର ମୋଟ ଜମା ରାଶିର ନିର୍ଦ୍ଦିଷ୍ଟ ପ୍ରତିଶତ, ଯାହାକୁ ବ୍ୟାଙ୍କ ଆର୍‌ବିଆଇ ପାଖରେ ରିଜର୍ଭ ଭାବେ ନଗଦ ରଖିଥାଏ। ତେବେ ରେପୋ ରେଟ୍‌କୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖାଯାଇଛି। ୬ ସଦସ୍ୟ ବିଶିଷ୍ଟ ମୁଦ୍ରାନୀତି କମିଟି ରେପୋ ରେଟ୍ ଅପରିବର୍ତ୍ତିତ

**ରେପୋ ରେଟ୍ ଅପରିବର୍ତ୍ତିତ**

ରଖିବା ପାଇଁ ୪:୨ ସଂଖ୍ୟାଗରିଷ୍ଠତାରେ ନିଷ୍ପତ୍ତି ନେଇଥିଲା। ୨୨ ମାସ ମଧ୍ୟରେ କ୍ରମାଗତ ୧୧ଟି ମୁଦ୍ରାନୀତିରେ ରେପୋ ରେଟ୍ ପରିବର୍ତ୍ତନ କରାଯାଇ ନାହିଁ।

ଚଳିତ ଆର୍ଥିକ ବର୍ଷରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୬ ପ୍ରତିଶତକୁ ହ୍ରାସ ପାଇବ ବୋଲି ମୁଦ୍ରାନୀତି କମିଟି ଆକଳନ କରିଛି। ପୂର୍ବରୁ ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଆକଳନ କରାଯାଇଥିଲା। ସେହିପରି ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ ବୋଲି ପୂର୍ବରୁ ଆକଳନ କରାଯାଇଥିବାବେଳେ ଏହାକୁ ୪.୮ ପ୍ରତିଶତକୁ ବୃଦ୍ଧି କରାଯାଇଛି। ମୁଦ୍ରାସ୍ଫୀତିର ଘୋଡ଼ାକୁ ☞ପୃଷ୍ଠା-୪






# ଲଘୁଚାପ ଆଣିବ ଶୀତ

## ୨ଦିନ ୫ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୬।୧୨(ଅନୁରାଧା ମହାରଣା)

ବର୍ତ୍ତମାନ ଧାନ କଟା ଏବଂ ଅମଳ ସମୟ ହୋଇଥିବାବେଳେ ଓଡ଼ିଶାର କିଛି ଜିଲାରେ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପଶ୍ଚିମାଝଡ ପ୍ରଭାବରେ ୮ ଓ ୯ ତାରିଖରେ ରାଜ୍ୟର ୫ ଜିଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବାକୁଥିବାବେଳେ କିଛି ସ୍ଥାନରେ ଅଧିକ ବର୍ଷା ହୋଇପାରେ। ଅନ୍ୟପଟେ ଶନିବାର ଦକ୍ଷିଣ ବଙ୍ଗୋପସାଗରରେ ଆଉଏକ ଲଘୁଚାପ ସୃଷ୍ଟି ହେବ। ୧୧ ଓ ୧୨ ତାରିଖବେଳକୁ ଏହା ଶ୍ରୀଲଙ୍କା ଓ ତାମିଲନାଡୁ ଉପକୂଳରେ ପହଞ୍ଚିବ। ଫଳରେ ୧୨ ତାରିଖରୁ ରାଜ୍ୟରେ ପୁଣି କୋହଲା ପାଗ ଦେଖିବାକୁ ମିଳିବ। ଏହାସହ ତାପମାତ୍ରା ବୃଦ୍ଧି ନେଇ ମଧ୍ୟ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଡିସେମ୍ବର ପ୍ରଥମ ସପ୍ତାହ ଶେଷହେବାକୁ ଥିବାବେଳେ ରାଜ୍ୟରୁ ଶୀତ ଉଭାନ ହୋଇଯାଇଛି। ଦିନ ତାପମାତ୍ରା ୩୧ରୁ ୩୨ ଡିଗ୍ରୀ ରହୁଥିବାବେଳେ ରାତିର ତାପମାତ୍ରା ମଧ୍ୟ ଅନେକ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ରହୁଛି। ତେବେ ପ୍ରଥମେ ପଶ୍ଚିମାଝଡ଼ ଓ ପରେ ବଙ୍ଗୋପସାଗର ଲଘୁଚାପ ଶୀତକୁ ପ୍ରଭାବିତ କରିବ ବୋଲି ପାଣିପାଗ ବିଶେଷଜ୍ଞମାନେ ମତ ରଖିଛନ୍ତି।

# ‘ନିରାପଦ ଆକାଶ, ସ୍ଥାୟୀ ଭବିଷ୍ୟତ’ଲକ୍ଷ୍ୟ

## ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଦିବସ



ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ (ଆଇସିଏଓ) ପକ୍ଷରୁ ପ୍ରତିବର୍ଷ ଡିସେମ୍ବର ୭ରେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଦିବସ ପାଳନ କରାଯାଇଥାଏ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିମାନ ଚଳାଚଳ କ୍ଷେତ୍ରରେ ବିଶ୍ୱର ସମସ୍ତ ଦେଶକୁ ବାନ୍ଧି ରଖିବା ଏବଂ ନିରାପଦ ବିମାନ ଚଳାଚଳ ସହ ବିଶ୍ୱ ଅର୍ଥନୀତିକୁ ସମୃଦ୍ଧ କରିବା। ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଦିବସ-୨୦୨୪ର ଥିମ୍ ରହିଛି ‘ନିରାପଦ ଆକାଶ, ସ୍ଥାୟୀ ଭବିଷ୍ୟତ: ଆଗାମୀ ୮୦ ବର୍ଷ ପାଇଁ ଏକାଠି ହେବା। ଅନ୍ୟପକ୍ଷେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଚୁକ୍ତିନାମା ସ୍ୱାକ୍ଷରର ୫୦ତମ ବାର୍ଷିକୀ ୭ ଡିସେମ୍ବର ୧୯୯୪ରେ ଆଇସିଏଓ ଦ୍ୱାରା ପାଳନ କରାଯାଇଥିଲା। ଏହି ଦିବସ ବିଶ୍ୱବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ । ଏହି ଦିନ ବିମାନ ଚଳାଚଳର ସଫଳତା ଏବଂ ଏହାର ଭବିଷ୍ୟତ ବିଷୟରେ ଯୋଜନା ପ୍ରସ୍ତୁତ କରାଯାଇଥାଏ। ଏହି ଦିବସର ଇତିହାସକୁ ଦେଖିଲେ, ୧୯୪୪ରେ ୫୪ଟି ଦେଶର ପ୍ରତିନିଧି ଶିକାଗୋରେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସମ୍ମିଳନୀରେ ଯୋଗଦେଇ ଚୁକ୍ତିନାମାରେ ଦସ୍ତଖତ କରିଥିଲେ। ଏହି ସମ୍ମିଳନୀକୁ ‘ଶିକାଗୋ କନ୍‌ଭେନସନ’ ମଧ୍ୟ କୁହାଯାଏ।

# ଗାଁରେ ଏକତା ଅକ୍ଷୁଣ୍ଣ ରହୁ: ରାଷ୍ଟ୍ରପତି

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି),୬।୧୨



ପାରମ୍ପରିକ ଆଦିବାସୀ ନୃତ୍ୟରେ ସାମିଲ ହୋଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ପୂର୍ବରୁ ସଂକୀର୍ତ୍ତନ ଓ ପୋଥି ପୁରାଣ ଶୁଣିବାକୁ ଗାଁ ଲୋକେ ଏକାଠି ହେଉଥିଲେ। ସ୍ନେହ ସମ୍ପର୍କରେ ସମସ୍ତେ ବାନ୍ଧିହୋଇ ରହୁଥିଲେ। ଏବେ ସେହି ସମ୍ପର୍କ ଓ ସ୍ନେହ ଶ୍ରଦ୍ଧା ଭାବ କମିଥିବା ଜଣାପଡୁଛି। ତେଣୁ ଗାଁର ପୂର୍ବ ଏକତାକୁ ଅକ୍ଷୁଣ୍ଣ ରଖିବାକୁ ହେବ। ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବାକୁ ପଡ଼ିବ ବୋଲି ଦୁଇଦିନିଆ ମୟୂରଭଞ୍ଜ ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନିର୍ଦ୍ଧାରିତ ସମୟ ଶୁକ୍ରବାର ପୂର୍ବାହ୍ନ ୧୧ଟା୩୦ମିନିଟ୍‌ରେ ରାଷ୍ଟ୍ରପତି ପହଞ୍ଚିବା କ୍ଷଣି ପ୍ରଥମେ ଜନ୍ମମାଟିକୁ ଛୁଇଁ ପ୍ରଣାମ କରିଥିଲେ। ନିଜ ପ୍ରିୟଜନ ଓ ଗ୍ରାମବାସୀଙ୍କୁ ପାଖରେ ପାଇ ଆନନ୍ଦିତ ହୋଇଥିଲେ। ପିଲାବେଳର ପାଠପଢ଼ା ଓ ଶିକ୍ଷକମାନଙ୍କ ଶିକ୍ଷାଦାନ କଥା ମନେପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ରାଷ୍ଟ୍ରପତି କହିଥିଲେ, ଆଜି ବି ଛୋଟ ପିଲାଟି ଭଳି ଲାଗୁଛି। ଗାଁ ଲୋକଙ୍କ ସ୍ନେହ ଶ୍ରଦ୍ଧା ସ୍ମରଣୀୟ ହୋଇ ରହିଛି। ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ପାଠ ପଢ଼ି ଭଲ ମଣିଷ ହେବା ସହ ଗାଁ ଓ ଦେଶର ନାଁ ରଖିବାକୁ କହିଥିଲେ। ଭାରତର ରାଷ୍ଟ୍ରପତି ହେବା ତାଙ୍କ ପାଇଁ ଆଶୀର୍ବାଦ ଏବଂ ଗାଁ ସ୍କୁଲ ଶିକ୍ଷକମାନଙ୍କଠାରୁ ଶିକ୍ଷାଲାଭ କରିବା ସୌଭାଗ୍ୟର ବିଷୟ। ସେତେବେଳେ ଲେଖିବାକୁ ପାଖରେ କଲମ ନ ଥିଲା। କିନ୍ତୁ ଜୀବନରେ ଆଗକୁ ବଢ଼ିବା ପାଇଁ ଉତ୍ସାହ ଥିଲା ବୋଲି ରାଷ୍ଟ୍ରପତି କହିଥିଲେ।

ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକ୍ ଅଧୀନ ରଙ୍ଗାମାଟିଆ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସଡ଼କ ପଥରେ ଯାଇ ବାପଘର ଗାଁ ଉପରବେଡ଼ାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। କମଳାବିମଳା ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ସହ

### ■ ଜନ୍ମମାଟିକୁ ପ୍ରଣାମକଲେ
### ■ ପିଲାବେଳ କଥା ମନେପକାଇ ଭାବବିହ୍ୱଳ ହେଲେ

ମନ ଖୋଲି କଥା ହୋଇଥିଲେ। ରାଷ୍ଟ୍ରପତି କହିଥିଲେ, ଏହି ମାଟିରେ ଝିଅ ହୋଇଥିବାରୁ ବହୁତ ଖୁସି। ପୂର୍ବରୁ ଗାଁ ପରିବାର ଭଳି ଲାଗୁଥିଲା। ଭୁବନେଶ୍ୱରରେ ପାଠ ପଢୁଥିବା ବେଳେ ଗାଁକୁ ଫେରିଲେ ଗାଁ ଲୋକେ ମୁଢ଼ି, ପିଠା, ପଖାଳ ଖାଇବାକୁ ଡାକୁଥିଲେ। ଲୋକଙ୍କ ସ୍ନେହ ଆଦର ଭରପୂର ରହିଥିଲା। ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ସମୟର ମୁହୂର୍ତ୍ତକୁ ମଧ୍ୟ ରାଷ୍ଟ୍ରପତି ରୋମନ୍ଥନ କରିଥିଲେ। ପାଠ ପଢ଼ାଉଥିବା ଶିକ୍ଷକ ପାର୍ଥ ସାର୍, ପ୍ରଭାକର ସାର୍, ବସନ୍ତ ସାର୍ ଓ ମଦମୋହନ ସାର୍‌ଙ୍କ ଉଦାହରଣ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ମଣିଷଟିଏ ହେବାକୁ କହିଥିଲେ। ନାଁ କମାଇବାକୁ ପରିଶ୍ରମ କରିବାକୁ ପଡ଼ିବ। ପୂର୍ବ ଗୌରବ ଫେରାଇବା ପାଇଁ ସମସ୍ତଙ୍କୁ ଏକ ହେବାକୁ ପଡ଼ିବ ବୋଲି ସେ କହିଥିଲେ।

ପରେ ସେଠାରୁ ବାହାରି ବାପଘରକୁ ଯାଇ ପୁତୁରା, ପୁତୁରା ବୋହୂ ଏବଂ ଆତ୍ମୀୟଙ୍କ ସହ ଆଲୋଚନା କରିଥିଲେ। ସେଠାରେ ମଧ୍ୟାହ୍ନଭୋଜନ ପରେ ସଡ଼କ ପଥରେ ରାଇରଙ୍ଗପୁରସ୍ଥିତ ବାସଭବନରେ ପହଞ୍ଚିଥିଲେ। କିଛି କ୍ଷଣ ରହିବା ପରେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ଯାଇ ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ମୁକ୍ତି ବାହନ ଏବଂ ଇଣ୍ଡିଆନ ରେଡ୍‌କ୍ରସ୍ ସୋସାଇଟି ତରଫରୁ ଆମ୍ବୁଲାନ୍ସର ଲୋକାର୍ପଣ କରିଥିଲେ।

ରାଷ୍ଟ୍ରପତି ରାଇରଙ୍ଗପୁରସ୍ଥିତ ମହିଳା ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଭାବବିନିମୟ କରିଥିଲେ। ଯେଉଁ ପରିବାରରେ ମହିଳା ଶିକ୍ଷିତ, ସେହି ପରିବାର ଓ ସାରା ସମାଜ ଶିକ୍ଷିତ। ଏବେ ମହିଳାଙ୍କ ବିକାଶରେ ଦେଶର ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଛାତ୍ରୀମାନେ ଅଧିକ ପରିଶ୍ରମୀ ହୋଇ ବିଦ୍ୟା ଆଧାରରେ ଆଗକୁ ବଢ଼ିବାକୁ ସେ ପରାମର୍ଶ ଦେଇଥିଲେ। ଝିଅମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ରହିବା ଦରକାର। ନିଷ୍ଠା ସେମାନଙ୍କୁ ବଡ଼ ପଦବୀରେ ବସାଇବ। ସ୍ୱପ୍ନ ଦେଖିବା ସହ ତାକୁ ସାକାର କରିବାକୁ ପଡ଼ିବ। ପରିସ୍ଥିତି ଯେତେ କଠିନ ହେଲେ ବି ପଛଘୁଞ୍ଚା ଦେବା ନାହିଁ, ଆଗକୁ ବଢ଼ି ଲକ୍ଷ୍ୟପଥରେ ପହଞ୍ଚି ସଫଳ ହେବା ବୋଲି ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ। ସେଠାରୁ ବାହାରି ରାଇରଙ୍ଗପୁରସ୍ଥିତ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ଦେବ ଦର୍ଶନ କରିଥିଲେ। ସେଠାରେ ଚାଲିଥିବା ଯଜ୍ଞରେ ପୂର୍ଣ୍ଣାହୁତି ଦେଇ ନୂତନ ଭାବେ ସ୍ଥାପିତ ଗଣେଶଙ୍କ ମୂର୍ତ୍ତି ନିକଟରେ ଆଳତି କରିଥିଲେ। ପରେ ରାଇରଙ୍ଗପୁର ମହୁଲଡିହାସ୍ଥିତ ପୂର୍ତ୍ତ ବିଭାଗ ବଙ୍ଗଳାରେ ରହି ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା ସାରି ବାସଭବନକୁ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲାପାଳ ହେମକାନ୍ତ ସୟ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।

DSPL-240

ଓଡ଼ିଶା ଶାସନ | ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ | TDCC SERVES THE TRIBAL ଟି.ଡି.ସି.ସି

## ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

### ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୪-୨୫



- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ଓ କ୍ରୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ **୩୧ ଡିସେମ୍ବର ୨୦୨୪** ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ ।
- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ **୦୧ ଜାନୁୟାରୀ ୨୦୨୫** ରୁ ଆରମ୍ଭ ହୋଇ **୩୧ ମାର୍ଚ୍ଚ ୨୦୨୫** ପର୍ଯ୍ୟନ୍ତ ଚାଲୁ ରହିବ ।
- ଚାଷୀ ମାନେ ନିଜର ପ୍ରାପ୍ୟ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ପାଇପାରିବେ ।
- ଅଧିକ ସୂଚନା ପାଇଁ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ ।





**ମାଣ୍ଡିଆ ଚାଷୀ ପଞ୍ଜିକରଣ ପାଇଁ ଆବଶ୍ୟକତା**

- ✓ କୃଷକ ଓଡିଶା ପଞ୍ଜିକରଣ
- ✓ ଆଧାର କାର୍ଡ
- ✓ ଆଧାର ସହିତ ସଂଲଗ୍ନ ମୋବାଇଲ ନଂ
- ✓ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା
- ✓ ଭାଗ ଚାଷୀଙ୍କ ସ୍ୱୀକୃତି ପତ୍ର

**ପଞ୍ଜିକରଣ ପ୍ରକ୍ରିୟା :**

- କୃଷକ ଓଡ଼ିଶା (KO)ରେ ପଞ୍ଜିକୃତ ଚାଷୀମାନେ ହିଁ ମାଣ୍ଡିଆ କ୍ରୟ ଯୋଜନାରେ ନାମ ପଞ୍ଜିକରଣ ପାଇଁ ଯୋଗ୍ୟ ବିବେଚିତ ହେବେ ।
- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ କୃଷକ ଓଡ଼ିଶା ପୋର୍ଟାଲର ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ ।
- ଭାଗ ଚାଷୀ ଏବଂ ଜଙ୍ଗଲ ଜମିରେ ଚାଷ କରିଥିବା ଚାଷୀ ମଧ୍ୟ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ।

**ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :**

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା ।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ଚାଷୀଙ୍କ ତଥ୍ୟକୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ MPAS ପୋର୍ଟାଲରେ ନିର୍ଭୁଲ ଭାବେ ପଞ୍ଜିକୃତ ସୁନିଶ୍ଚିତ କରିବେ ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ କରିବା ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରାଇବା ।

₹ ୪,୨୯୦/- କୁଇଣ୍ଟାଲ ପ୍ରତି (୨୦୨୪-୨୫ ଖରିଫ ଋତୁ ପାଇଁ)



ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ ।

OIPR-01510/13/0018/2425



ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପୁରୀର ଜଙ୍ଗଲ ଲୋର ଫାଉଣ୍ଡେଶନର ମୁଖ୍ୟ ଆକାଶ ରଞ୍ଜନ ରଥଙ୍କୁ ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ ବିଜେତା ଭାବେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ଧରିତ୍ରୀ ପରିବାରର ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

# ଭାଲ୍‌ଭ ପଏଣ୍ଟ ଚାମ୍ବରରୁ ଖସି ଶ୍ରମିକ ମୃତ

## ବିପିସିଏଲ୍ ଗ୍ୟାସ୍ ପାଇପ୍‌ଲାଇନ ମରାମତି ସମୟରେ ଅଘଟଣ

କୁଜଙ୍ଗ,୬।୧୨(ମନୋଜ ପ୍ରଧାନ)

କଟକ-ପାରାଦୀପ ରାଜ୍ୟ ରାଜପଥର ତାଳଦଣ୍ଡାଠାରେ ଭୂତଳ ପାଇପ୍ ଲାଇନରେ ଶୁକ୍ରବାର ଅଘଟଣ ଘଟିଛି। ପାରାଦୀପରୁ-ଜଗତ୍‌ସିଂହପୁରକୁ ବିପିସିଏଲ୍ ପକ୍ଷରୁ ରନ୍ଧନ ଗ୍ୟାସ ଯୋଗାଣ ନିମନ୍ତେ ବିଛାଯାଇଥିବା ପାଇପ୍ ଲାଇନ୍‌ର ଭାଲ୍‌ଭ ପଏଣ୍ଟ ଚାମ୍ବର ଖୋଲି ମରାମତି ବେଳେ ଖସିପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଜଙ୍ଗ ବ୍ଲକ ନୂଆଗଡ ପଞ୍ଚାୟତ ବିଜୟଚାନ୍ଦପୁର ଗ୍ରାମର ହରିପଦ ଗାଏନଙ୍କ ପୁଅ ପରିମଳ ଗାଏନ (୨୨)।

ପ୍ରକାଶ ଯେ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ତାଳଦଣ୍ଡା ଠାରେ ଥିବା ଗ୍ୟାସ୍ ପାଇପ୍‌ଲାଇନ ମରାମତି କାର୍ଯ୍ୟରେ ଠିକାଦାରଙ୍କ ପକ୍ଷରୁ ପରିମଳଙ୍କ ସମେତ ବିଜୟଚାନ୍ଦପୁର ଗ୍ରାମର ସୁଜିତ୍ ପର୍‌ମନ୍ୟ, କିନା ମଣ୍ଡଳ, ବିଶ୍ୱନାଥ ମଣ୍ଡଳ, ଗୁରୁ ଥାନେଦାର ଓ ବିର୍ଜେନ ମିସ୍ତ୍ରୀଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଭାଲ୍‌ଭ ପଏଣ୍ଟ ଚାମ୍ବର ଖୋଲିବା ପରେ ମରାମତି ନିମନ୍ତେ ବିନା ସୁରକ୍ଷା ସରଞ୍ଜାମରେ ପରିମଳ ଅଣଓସାରିଆ ବାଟଦେଇ ଥିବା ସିଡି ସାହାଯ୍ୟରେ ତା'ଭିତରକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ ହଠାତ୍ ଭାଲ୍‌ଭ ପଏଣ୍ଟରୁ ପ୍ରବଳ ଗ୍ୟାସ୍ ନିର୍ଗତ ହୋଇଥିଲା। ଫଳରେ ପରିମଳ ଆଉ ବାହାରକୁ ବାହାରି ନପାରି ଚାମ୍ବରର ନିମ୍ନ ଭାଗକୁ ଖସି ପଡ଼ିଥିଲେ। ଗ୍ୟାସ ଏତେ ତୀବ୍ର ବେଗରେ ବାହାରୁଥିଲା ଯେ, ସାଥୀ ଶ୍ରମିକମାନେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରିବାକୁ ସାହାସ ଜୁଟାଇପାରି ନ ଥିଲେ। ଖବରପାଇ ପୋଲିସ ସମେତ କୁଜଙ୍ଗ ଓ ତିର୍ତ୍ତୋଲର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ମାତ୍ର ସେମାନଙ୍କ ପାଖରେ ଅତ୍ୟାଧୁନିକ



ଉଦ୍ଧାର ଯନ୍ତ୍ରପାତି ନ ଥିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଥିଲା। ପ୍ରାୟ ଅଢ଼େଇ ଘଣ୍ଟା ପରେ ଏକ ଆଙ୍କୁଡ଼ା ସାହାଯ୍ୟରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପରିମଳଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବିଳମ୍ବରେ ଉଦ୍ଧାର କାର୍ଯ୍ୟ ସହ ଠିକାଦାର ବିନା ସୁରକ୍ଷା ସରଞ୍ଜାମରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବାରୁ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା।

ମୃତକଙ୍କ ବଡ ଭାଇ ସୁକୁମାର ଗାଏନ ଏନେଇ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଠିକାଦାର ସୁରକ୍ଷା ସରଞ୍ଜାମ ବିନା ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇଥିବାରୁ ଗ୍ୟାସ ନିର୍ଗତବେଳେ ଶ୍ୱାଶରୁଦ୍ଧ ହୋଇ ପରିମଳଙ୍କ ମୃତ ଘଟିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୫୮୭/୨୪) ରୁଜୁ କରି ୨ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଖବରପାଇ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ଘଟଣାସ୍ଥଳ ପହଞ୍ଚି ଅନୁସନ୍ଧାନ କରିବା ପରେ ଡାକ୍ତରଖାନାରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି। ରିପୋର୍ଟ ଲେଖା ହେବାବେଳକୁ ଗ୍ୟାସ ନିର୍ଗତ ବନ୍ଦ ହୋଇ ନ ଥିବାରୁ ପୋଲିସ ଓ ଅଗ୍ନିଶମବାହିନୀ ପକ୍ଷରୁ ଉକ୍ତ ସ୍ଥାନରେ ବାରିକେଡ୍ କରାଯାଇ କାହାକୁ ଛଡ଼ାଯାଉ ନାହିଁ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଟ୍ରାଫିକ୍ ଜାମକୁ ଦୃଷ୍ଟିରେ ରଖି କେବଳ ବାଇକ୍ ଆରୋହୀମାନଙ୍କୁ ଗାଡ଼ି ଷ୍ଟାଟ ବନ୍ଦ କରି ଛଡ଼ାଯାଉଛି। ଅପରପକ୍ଷେ ସୂର୍ଯ୍ୟାସ୍ତ ପରେ ବ୍ୟବଚ୍ଛେଦ ହେବାର ନିୟମ ନ ଥିବା ବେଳେ ମୃତଦେହ ବ୍ୟବଚ୍ଛେଦ କିପରି କରାଗଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ପ୍ରଶନ୍ନ ପଣ୍ଡା କହିଛନ୍ତି ଯେ, ସେ ଛୁଟି ଅଛନ୍ତି। ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଛାତ୍ରଙ୍କୁ ଯୌନ ନିର୍ଯାତନା: ମାମଲା ରୁଜୁକଲା ଶିଶୁ ଅଧିକାର ସୁରକ୍ଷା ଆୟୋଗ

ଭୁବନେଶ୍ୱର,୬।୧୨(ସୂର୍ଯ୍ୟକାନ୍ତ ବେହେରା)


ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଏକ ଘରୋଇ ଆବାସିକ ବିଦ୍ୟାଳୟରେ ଜଣେ ଶିକ୍ଷକ ଷଷ୍ଠ ଶ୍ରେଣୀର ଛାତ୍ରଙ୍କୁ ଯୌନ ନିର୍ଯାତନା ଦେବା ଘଟଣାରେ ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରିଣୀ(ବିଇଓ) ଘଟଣାର ତଦନ୍ତ ଜାରି ରଖିଛନ୍ତି। ଅନ୍ୟପଟେ ପୀଡିତା ଛାତ୍ର ଜଣକ ନାବାଳକ ଥିବାରୁ ଏହି ମାମଲାରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଘଟଣାକୁ ଗୁରୁତ୍ୱର ସହ ନେଇ ହସ୍ତକ୍ଷେପ କରିଛନ୍ତି। ଆୟୋଗ ନିଜ ଆଡୁ ମାମଲା ରୁଜୁ କରିବା ସହ ୧୫ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଖଣ୍ଡଗିରି ଥାନା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆୟୋଗ ଜିଲାପାଳଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି।


# ଓଡ଼ିଶାରେ ଖୋଲିବ ୮ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ

## କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

ଭୁବନେଶ୍ୱର,୬।୧୨
(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି(ସିସିଇଏ) ବୈଠକରେ ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି। ଏଥିମଧ୍ୟରେ ଓଡ଼ିଶାର ୮ଟି କେନ୍ଦ୍ରୀୟ ବିଦ୍ୟାଳୟ ରହିଛି। ସମ୍ବଲପୁର ଜିଲାର କୁଚିଣ୍ଡା, ଅନୁଗୋଳ ଜିଲାର ତାଳଚେର ଓ ଆଠମଲ୍ଲିକ, ଢେଙ୍କାନାଳର କାମାକ୍ଷାନଗର, ଖୋର୍ଦ୍ଧା ଜିଲାର ଆଇଟିବିପି ଖୋର୍ଦ୍ଧା, କୋରାପୁଟ ଜିଲାର ଜୟପୁର, ବଲାଙ୍ଗୀର ଜିଲାର ରେଲ୍‌ୱେ ଟିଟିଲାଗଡ଼ ଓ ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବ। ଏନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଧର୍ମେନ୍ଦ୍ର କହିଛନ୍ତି, ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଓଡ଼ିଶା ସମେତ ଦେଶରେ ଉତ୍ତମ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଏହି ନୂଆ ବିଦ୍ୟାଳୟଗୁଡିକୁ ମଞ୍ଜୁର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଭାରତ ସରକାର ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଓ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟର ସମ୍ପ୍ରସାରଣ ପାଇଁ ପ୍ରାୟ ୫୮୭୨ କୋଟି ଟଙ୍କା ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରାୟ ୨୩୫୯ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାଦ୍ୱାରା ଏକବିଂଶ ଶତାବ୍ଦୀର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ପ୍ରତିଷ୍ଠା ହେବାକୁ ଥିବା ସ୍ଥାନରେ ଶିକ୍ଷାର ଭିତ୍ତିଭୂମିର ବିକାଶ ହେବ। ବିଶେଷ ଭାବରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ସେହିପରି ଛାତ୍ରୀଛାତ୍ରଙ୍କ ମାନସିକ, ଶାରୀରିକ, କ୍ରିଟିକାଲ ଥିଙ୍କିଂ ସହ ବୌଦ୍ଧିକ କ୍ଷମତା ବିକଶିତ ହେବ। ସ୍ଥାନୀୟ ଅଞ୍ଚଳରେ ବହୁ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜାତୀୟ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସକାଳ ୬ରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୪ଟାରୁ ରାତି ୮ଟା।
- ଶାମାଭୋଇ ଭଜନ ସଙ୍ଗୀତ ଏବଂ ମାନବବାଦ ମହିମା ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ନେଟ୍‌ଡ୍ରେଡ୍ ଯୁବ କେନ୍ଦ୍ର ପକ୍ଷରୁ ଯୁବ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: କିଟ୍ ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୧୦ଟା ୪୫।
- ନାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫ୍ୟାଶନ ଟେକ୍ନୋଲୋଜି (ଏନ୍‌ଆଇଏଫ୍‌ଟି) ଭୁବନେଶ୍ୱର ପକ୍ଷରୁ ଆଲୁମ୍ନି ମିଟ୍, ସ୍ଥାନ: ଏନ୍‌ଆଇଏଫ୍‌ଟି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କେନେଲ କ୍ଲବର ସେମିଆଲିଟି ଡଗ୍ ଶୋ ଏବଂ ଓବିଡିଏନ୍ସ ଟ୍ରାଏଲ, ସ୍ଥାନ: ଭେଟେରିନାରି କଲେଜ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ଡିଷ୍ଟ୍ରିକ୍ଟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୩୨ତମ ଡିଷ୍ଟ୍ରିକ୍ଟ କ୍ୟାମ୍ପୋରି, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ସମୟ: ଅପରାହ୍ନ ୩ଟା।
- ବିଜେଏମ୍ ସ୍କୁଲର ୫୦ତମ ବାର୍ଷିକ ଆଥ୍ଲେଟିକ୍ ମିଟ୍, ସ୍ଥାନ: ବିଜେଏମ୍ ସ୍କୁଲ ପରିସର, ସମୟ: ଅପରାହ୍ନ ୩ଟା ୩୦।
- ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ୬୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧିଷ୍ଟ ଟେମ୍ପଲ, ୟୁନିଟ-୪, ସମୟ: ଅପରାହ୍ନ ୪ଟା।
- ଏକ୍ସିମେ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ହଲ୍, ସମୟ: ସନ୍ଧ୍ୟା ୭ଟା।

## କଟକ

- ରାଷ୍ଟ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଚିନିଦିନିଆ ତୃତୀୟ ଇଣ୍ଡିଆନ୍ ରାଇସ୍ କଂଗ୍ରେସ-୨୦୨୪ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପ୍ରତିଷ୍ଠାନ ପରିସର, ସମୟ: ସକାଳ ୧୦ଟା ୩୦।
- ବ୍ରହ୍ମ କୁମାରିଜ୍ ପକ୍ଷରୁ ଆଧ୍ୟାତ୍ମିକ ଆଲୋଚନା, ସ୍ଥାନ: ମହାନଦୀ ଭବନ, ମହାନଦୀ ବିହାର, ସମୟ: ଅପରାହ୍ନ ୪ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ଭାଗବତ ଚରଣ ମହାନ୍ତିଙ୍କ ଜୈବିଟିଚ ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ୪ର୍ଥ ଜୁଲି ମେମୋରିଆଲ ରାଜ୍ୟସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରଦର୍ଶନୀ, ସ୍ଥାନ: ବାରବାଟୀ ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ଘୋଡ଼ାଲାଗି ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ବିଷ୍ଣୁ ମନ୍ଦିର ସେବା ସାଂସ୍କୃତିକ ପରିଷଦ ପକ୍ଷରୁ ବିଷ୍ଣୁ ଦେବଙ୍କ ୧୬ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀହରି ବିହାର, ଜଟଣୀ, ସମୟ: ସକାଳ ୮ଟା।
- ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଜଟଣୀ, ସମୟ: ସକାଳ ୯ଟା ୪୫।

## ବାଲେଶ୍ୱର

- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ବାଘାଯତୀନ ସ୍ମୃତି ପୀଠ, ଦେଶୁଆଁ ପୋଖରୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- 'ଫିଟ୍ ଇଣ୍ଡିଆ ସପ୍ତାହ'ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଡ଼ି କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତ ଓଭରବ୍ରିଜ୍‌ର ଲୋକାର୍ପଣ ଉତ୍ସବ, ସ୍ଥାନ: ରେଳଷ୍ଟେସନ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଖବରକାଗଜ ସୋସାଇଟିର ରାଜ୍ୟ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବାଲେଶ୍ୱର ଉତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ତ୍ରିଦିବସୀୟ ଧର୍ମ ପ୍ରବଚନ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟାଉନହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ମୁରଲୀଧର ଜେନାଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ଭଗବାନପୁର ନୋଡାଲ ବିଦ୍ୟାଳୟ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଟିବି ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧୨ଟା ୩୦।
- ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ମୁରଲୀଧର ଜେନାଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ମହତାବ ସେବା ସଦନ, ଧାମନଗର, ସମୟ: ଅପରାହ୍ନ ୩ଟା।
- ବାର୍ଷିକ ମେଳାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ଉତ୍ସବ, ସ୍ଥାନ: ସିଂହାସନ ରୁଗୁଡ଼ା ଟାଉନହଲ, ବଡ଼ବିଲ, ସମୟ: ସକାଳ ୧୦ଟା।

## ମୟୂରଭଞ୍ଜ

- ବିଶିଷ୍ଟ ବ୍ୟକ୍ତିଙ୍କ ସହ ରାଷ୍ଟ୍ରପତିଙ୍କ ଆଲୋଚନା, ସ୍ଥାନ: ରାଇରଙ୍ଗପୁରସ୍ଥିତ ବାସଭବନ, ସମୟ: ସକାଳ ୯ଟା ୪୫।
- ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତିଙ୍କ ଦ୍ୱାରା ବହୁ ପ୍ରକଳ୍ପର ଶିଳାନ୍ୟାସ ଓ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବାଙ୍ଗରିପୋଷି ରେଳ ଷ୍ଟେସନ, ସମୟ: ପୂର୍ବାହ୍ନ ୧୧ଟା।
- ଭିଡିଓ କନଫରେନ୍ସ ଜରିଆରେ ଟ୍ରାଇବାଲ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର, ଦାଣ୍ଡବୋଷ ଏୟାର ପୋର୍ଟ ଏବଂ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାର ପୁନରୁଦ୍ଧାରର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବାଙ୍ଗରିପୋଷି ରେଳ ଷ୍ଟେଶନ,ସମୟ: ପୂର୍ବାହ୍ନ ୧୧ଟା ୩୦।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ଅପରାହ୍ନ ୫ଟାରୁ ରାତି ୧୦ଟା।
- ମୟୂରଭଞ୍ଜ ମହୋତ୍ସବରେ ଆସାମର ବିହୁ ନୃତ୍ୟ, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ସନ୍ଧ୍ୟା ୬ଟା।
- ରାମ ମୁଣ୍ଡାରୀ, ରଞ୍ଜିତା ସିଂ ଓ ବାବଲୁ ସିଂଙ୍କ ଆଦିବାସୀ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ଗଞ୍ଜାମ

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା, ସ୍ଥାନ: ବୁଗୁଡ଼ା ଶିଶୁମନ୍ଦିର ପରିସର,ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ଜଙ୍ଗଲ ଜମି ପଟ୍ଟା ବଣ୍ଟନ, ସ୍ଥାନ: ଦାରିଙ୍ଗବାଡି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ପ୍ରି ଖ୍ରୀଷ୍ଟମାସ ମହୋତ୍ସବ ଓ ଖ୍ରୀଷ୍ଟମାସ କାଣ୍ଟାଣ୍ଟା କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି ରାଶିପଦା ପଡିଆ,ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ପୂରବୀକୁ ନେଇ ଯେତେସବୁ ପ୍ରେମ କବିତା ଉନ୍ମୋଚନ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ସମୟ:ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ 'ସପ୍ତମ ସି ୨' ସେମିନାର, ସ୍ଥାନ: ବିଜୁ କନଭେନଶନ ସେଣ୍ଟର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚ, ସ୍ଥାନ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଭାଗବତ ପ୍ରସାଦ ମହାନ୍ତିଙ୍କ ସ୍ମୃତି ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ଷ୍ଟଡି କମ ଟ୍ରେନିଂ କ୍ୟାମ୍ପ, ସ୍ଥାନ: କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଓଢ଼ଣ ଷଷ୍ଠୀ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଆମ୍ବେଡକରଙ୍କର ମହାପ୍ରୟାଣ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିନାଥ ଠାକୁରଙ୍କ ଜନ୍ମୋତ୍ସବରେ ଇନ୍ଦ୍ରଜିତ୍ ବଧ ନାଟକ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକ ରାମ ମନ୍ଦିର, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ଘରୋଇ ହିଂସା ନିରାକରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ ଟା ।

## କୋରାପୁଟ

- ପରବ ନେଇ ପର୍ବତାରୋହଣ କାର୍ଯ୍ୟକ୍ରମ, ସ୍ଥାନ: ଗିରିମାର୍ଲା(ପୁଟସିଲ), ଦେଓମାଳୀ,ସେମିଲିଗୁଡା, ସମୟ: ସକାଳ ୮ ଟା।
- ଟିବି ହଟାଓ ନେଇ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ସିଡିଏମଓ କାର୍ଯ୍ୟାଳୟ ପରିସର, କୋରାପୁଟ, ସମୟ: ମଧ୍ୟାହ୍ନ ୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ଭୁତାପଡା ମୁଣ୍ଡା ସ୍ପୋର୍ଟିଂ କ୍ଲବ ଆୟୋଜନରେ ପ୍ରଥମ ବୀର ବିର୍ସା ମୁଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ହାୱା ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱୀକାର ଆୟୋଜିତ ଷଳାକ କଳା ମହୋତ୍ସବ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ଲିଟିଲ ମିସ ଓ ମାଷ୍ଟର, ମିସ ଟିନ ଓ ମାଷ୍ଟର ଟିନ ଏବଂ ଶ୍ରୀମତୀ ସମ୍ବଲପୁର- ୨୦୨୪ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶୀତ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚଡି ପଡିଆ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଲନ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର,ସମୟ: ସକାଳ ୬ଟା

## ସୁବର୍ଣ୍ଣପୁର

- ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଅମରପାଲି ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ବାଂଲାଦେଶରେ ହିନ୍ଦୁମାନଙ୍କୁ ଅତ୍ୟାଚାର ପ୍ରତିବାଦରେ ସନାତନ ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ବିଶାଳ ସମାବେଶ, ସ୍ଥାନ: ସୁବର୍ଣ୍ଣପୁର ସହର ପଟାଭାଡି ସ୍ଥିତ ରାମ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା, ସ୍ଥାନ: ଡୁଙ୍ଗୁରିପାଲି କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।

## ବରଗଡ଼

- ଦିବ୍ୟାଙ୍ଗ ଚୟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଅଫିସ୍ ପରିସର, ଗାଇସିଲେଟ୍, ସମୟ: ସକାଳ ୮ଟା।
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ, ସ୍ଥାନ: ବ୍ରହ୍ମବିହାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ୧୬ ପ୍ରହର ନାମଯଜ୍ଞ, ସ୍ଥାନ: ବଡ଼ମାଳ, ସମୟ: ସକାଳ ୭ଟା।
- ଆନ୍ତଃଜିଲା କ୍ଲବ କ୍ରିକେଟ ଲିଗ୍‌ର ଚତୁର୍ଥ ଦିବସ, ସ୍ଥାନ: ସରବାହାଲ ହାଇସ୍କୁଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା।
- ଭାଗବତ ପ୍ରବଚନ, ସ୍ଥାନ: କନକତୁରା, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ୧୧ତମ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ, ସ୍ଥାନ: ସେକ୍ଟର-୨୦, ମିଶ୍ରଖଟାଲ, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସ୍ୱୟଂ ସେବା ସଂଘ ସମନ୍ୱୟ ବର୍ଗ ସମ୍ମିଳନୀ, ସ୍ଥାନ: ସେକ୍ଟର--୬, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ଓପନ୍ ସୁନ୍ଦରଗଡ଼ ଡେଡ୍‌ଲିଫ୍ଟ ଚାମ୍ପିୟନଶିପ୍, ସ୍ଥାନ: ସେକ୍ଟର-୭ କମ୍ୟୁନିଟି ସେଣ୍ଟର, ସମୟ: ସକାଳ ୯ଟା।
- ମ୍ୟୁନିସିପାଲ କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲୁମ୍ ଇଂଲିଶ ଅଲିମ୍ପିଆଡ୍, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା।
- ଏସ୍. କେ. ଡିଏଭି ପଲଟେକ୍ନିକ୍‌ର କ୍ରୀଡା ଉତ୍ସବ, ସ୍ଥାନ: ପଲଟେକ୍ନିକ୍ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।
- ସରକାରୀ ଆଇଟିଆଇରେ କ୍ରୀଡ଼ା ଉତ୍ସବ, ସ୍ଥାନ: ଆଇଟିଆଇ ପଡିଆ, ସମୟ: ଅପରାହ୍ନ ୪ଟା ।
- ନାଟ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଶ୍ରୀ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ରୁ ଆରମ୍ଭ।
- ମା' କନକ ଦୁର୍ଗାଙ୍କ ଆଳତି, ସ୍ଥାନ: କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଜୁମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା କୃଷି ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ପ୍ରଗତି ଶିକ୍ଷାନୁଷ୍ଠାନ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- କୁମ୍ଭାର ସମାଜ କୁରାଳ ପର୍ବ ଉଦ୍‌ଯାପନ, ସ୍ଥାନ: ସଦର ବ୍ଲକ ମହୁଆଭଟା, ସମୟ: ପୂର୍ବାହ୍ନ ୧୦ଟା।
- କୋଶଲି ସାଂସ୍କୃତିକ ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ସାଂସ୍କୃତିକ ରଙ୍ଗମଞ୍ଚ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ, ସ୍ଥାନ:କଚେରି ଖେଳ ପଡିଆ,ବୌଦ୍ଧ,ସମୟ: ଅପରାହ୍ନ ୫ଟା।
- ବୌଦ୍ଧ ପୁସ୍ତକ ମେଳାର ପଞ୍ଚମ ଦିବସ, ସ୍ଥାନ: କଚେରୀ ଖେଳପଡିଆ, ସମୟ ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାହୁଦୃଷ୍ଟ ବକ୍ରୀ ମଙ୍ଗଳ ଆପଣଙ୍କୁ ବିଭିନ୍ନ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ କରିଦେବ। ଅଭାବ ରହିବ ନାହିଁ କିନ୍ତୁ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ। ସାମାନ୍ୟ ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି।

**ବୃଷ** ରବି ସପ୍ତମ କେନ୍ଦ୍ରରେ ରହି ଆପଣଙ୍କୁ ଘରର ଅଭାବ ଅସୁବିଧା ସୁଧାରିବାର ମାନସିକତା ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। କିନ୍ତୁ ଏହାସାଙ୍ଗକୁ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** ଭାଗ୍ୟସ୍ଥ ଶନି ଓ ଚନ୍ଦ୍ରଙ୍କ ସ୍ଥିତି ହେତୁ ଚେଷ୍ଟାସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କର୍କଟ** ରାହୁଙ୍କ ପ୍ରଭାବରେ ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟା ସୁଧାରିନେବେ। ବଳବାନ୍ ଶନିଙ୍କ ପ୍ରଭାବରୁ ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଭଲ କାମ କଲେ ମଧ୍ୟ ଆତ୍ମୀୟଙ୍କ ସମାଲୋଚନାର ପାତ୍ର ହେବେ। ଆଜିର ଯାତ୍ରା,ବାଣିଜ୍ୟ, ଆନୁଷ୍ଠାନିକ କାମ ସକାଶେ ଦିନଟି ବହୁତ ଭଲ ରହିବ।

**ସିଂହ** ଆଜିର କର୍ମକ୍ଷେତ୍ରରେ କିମ୍ବା ପାରିବାରିକ ସ୍ତରରେ ମଧ୍ୟ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**କନ୍ୟା** ଦ୍ୱାଦଶସ୍ଥ ମଙ୍ଗଳ ଯୋଗୁ ଆଜି ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଆଲୋଚନା ପରିସରରେ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିପାରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। କାମରେ ବିଫଳତା ଦେଖି ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଉପହସିତ ହେବାକୁ ପଡ଼ିପାରେ।

**ତୁଳା** କର୍ମ କ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଶନିଙ୍କ ଯୋଗୁ ପିଲାମାନଙ୍କ କଳହକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଯାତ୍ରା, ବାଣିଜ୍ୟ, ସଭାସମିତି, ପ୍ରଶାସନ ତଥା ଭ୍ରମଣ, ରାଜନୀତି,ପ୍ରଶାସନ ପାଇଁ ଭଲ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

**ବିଛା** କେନ୍ଦ୍ରସ୍ଥ ଚନ୍ଦ୍ର ହେତୁ ଦୀର୍ଘଦିନରୁ ରହିଥିବା ଅବସୋସ ଆଜି ପୂର୍ଣ୍ଣତା ଲାଭ କରିବାରୁ ଖୁସି ଅନୁଭବ କରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ନୂତନ ସମ୍ପର୍କ ସ୍ଥାପିତ ହେବା ସାଙ୍ଗକୁ ପରିବାର ସହ ଆଜିର ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ଧନୁ** ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରିବା ସାଙ୍ଗକୁ କାର୍ଯ୍ୟରେ ଅଗ୍ରଗିତକୁ ରୋକିଦେବ। ରାହୁଙ୍କ ପ୍ରଭାବରେ ସବୁ କାମରେ ପଛୁଆ ହେତୁ ନିଜକୁ ଅପାରଗ ମନେକରିବେ। ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିବ ନାହିଁ। ଘର ସାଜସଜ୍ଜାରେ ସମୟ ଅତିବାହିତ କରିବେ ଏବଂ ଅପରାହ୍ନରେ ଶୁଭ ଖବର ପାଇବେ।

**ମକର** ପାରିବାରିକ ସମସ୍ୟା ସମାଧାନରେ ସମ୍ପର୍କୀୟା ମହିଳାଙ୍କ ଦ୍ୱାରା କାମ ହାସଲ କରାଇନେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ସାଙ୍ଗକୁ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ବକ୍ରି ମଙ୍ଗଳଙ୍କ ଯୋଗୁ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ରୋଗ, ଋଣ ଓ ଶତ୍ରୁଜନିତ ଟେନ୍‌ସନ ଲାଗି ରହିବ ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଘଟଣା ବିବ୍ରତ କରିପାରେ। ଆଲୋଚନାରେ କିମ୍ବା ସଭାସମିତିରେ ଯୁକ୍ତିତର୍କ କରି ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ମୀନ** ଆଜି ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇବା କାରଣରୁ କାର୍ଯ୍ୟ ହାସଲ କରି ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୁଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଅର୍ଥହାନି ଓ ଅଭାବ ଯୋଗୁ ଚିନ୍ତିତ ରହିପାରନ୍ତି।

ଆଜି ଡିସେମ୍ବର ୭ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ଓଢ଼ଣଷଷ୍ଠୀ ଯୁକ୍ତ ସପ୍ତମୀ, ଶନିବାର, ଶ୍ରୀମନ୍ଦିରରେ ଘୋଡ଼ଲାଗି ବେଶ ଆରମ୍ଭ, ଏହା ମାଘ ଶୁକ୍ଳ ଚତୁର୍ଥୀ ପର୍ଯ୍ୟନ୍ତ ପାଳିତ ହେବ, ଶ୍ରୀଜୀଉମାନେ ବାର ଅନୁସାରେ ବିଭିନ୍ନ ରଙ୍ଗର ଘୋଡ଼ ଲାଗି ହେବେ, ଶରଣଂ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୩୯ ଗତେ ଘ.୦୮।୫୫ ମଧ୍ୟେ, ଘ.୧୧।୫୯ ଗତେ ଘ. ୧୨।୫୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୫୫ ଗତେ ଘ.୧୦।୧୬ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଶମ୍ଭୁ ସୀମାରେ ...

ଆନ୍ଦୋଳନରତ କୃଷକମାନେ ଶୁକ୍ରବାର ଏମ୍‌ଏସ୍‌ପି ପ୍ରଦାନର ଆଇନଗତ ଗ୍ୟାରେଣ୍ଟି ଏବଂ ୫ ବର୍ଷ ପୁରୁଣା କେତେକ ଦାବିର ତାଲିକା ଧରି ଦିଲ୍ଲୀ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଶମ୍ଭୁ ସୀମାରେ ଅଟକାଇଥିଲା। ୧୦୧ ଚାଷୀ ଏନ୍‌ଏଚ୍-୪୪ରେ ବ୍ୟାରିକେଡ୍ ଭାଙ୍ଗି ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଉଥିବାବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ଛଡ଼ାଯାଇଛି। ଅନେକ ଚାଷୀ ଏଥିରୁ ବର୍ତ୍ତିବା ପାଇଁ ନିଜ ଆଖି ଓ ମୁହଁକୁ ଢାଙ୍କି ଧାଉଁଥିବାର ଦୃଶ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ଭିଡିଓରେ ଦେଖିବାକୁ ମିଳିଛି। ଏହି ସମୟରେ ଚାଷୀମାନେ 'ସତ୍‌ନାମ ୱାହେଗୁରୁ' ସ୍ଲୋଗାନ ଦେଇ ଆଗକୁ ବଢୁଥିବାବେଳେ ୱାଟର କ୍ୟାନନ୍ ଗାଡ଼ିଗୁଡ଼ିକରୁ ପାଣିବର୍ଷା କରାଯାଇଥିଲା। ଅମ୍ବାଲା ଜିଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୬୩ ଲାଗୁ କରାଯାଇଥିବାରୁ ହରିୟାଣା ପୋଲିସ ସେମାନଙ୍କୁ ଆଗକୁ ନ ବଢ଼ିବାକୁ ପରାମର୍ଶ ଦେଇଥିଲା। ତେବେ ସେମାନେ ନ ମାନିବାରୁ ପୋଲିସ ବାଷ୍ପ ପ୍ରୟୋଗ ଓ ପାଣି ମାଡ଼ ପ୍ରୟୋଗ କରିଥିବା କହିଛି। ଏନେଇ କୃଷକ ନେତା ସରୱନ୍ ସିଂ ପାନ୍ଧେର କହିଛନ୍ତି, ଆମେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚଳାଇଥିବା ବେଳେ ପୋଲିସ ଆମ ବିରୋଧରେ ପୂରା ବଳ ପ୍ରୟୋଗ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ବୋଲି ଦର୍ଶାଇପାରିବେ ନାହିଁ। ଆମ ବିରୋଧରେ ଲଗାଯାଉଥିବା ଶକ୍ତି ସହ ଲଢ଼ିପାରିବୁ ନାହିଁ ବୋଲି ଜାଣିଛୁ। ତେଣୁ ଦିନକ ପାଇଁ ବିକ୍ଷୋଭକୁ ସ୍ଥଗିତ ରଖିଛୁ। ତେବେ ଦିଲ୍ଲୀ ଭିତରକୁ ଯିବା ପାଇଁ ଅନୁମତି ଦିଆଗଲେ 'ଆମ ସହ ଶତ୍ରୁ ଭଳି ବ୍ୟବହାର କାହିଁକି କରାଯାଉଛି' ତାହା ଆମେ ପ୍ରଶ୍ନ କରିବୁ। ପଞ୍ଜାବୀ ଓ ହରିୟାଣାବାସୀ ଦେଶକୁ କ୍ଷୁଧାରୁ ବଞ୍ଚାଇଛନ୍ତି। ସାମ୍ୟୁକ୍ତ କିଷାନ ମୋର୍ଚ୍ଚା- ଏସ୍‌କେଏମ୍ (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା ରବିବାର ଶୋଭାଯାତ୍ରା ଜାରି ରଖିବ। ଆଲୋଚନା ଆରମ୍ଭ କରିବା ପାଇଁ ଆମେ ସରକାରଙ୍କୁ ଦିନେ ସମୟ ଦେଉଛୁ ବୋଲି ସରୱନ୍ କହିଛନ୍ତି। ଇତିମଧ୍ୟରେ ହରିୟାଣା ସରକାର ଶୁକ୍ରବାରଠାରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଅମ୍ବାଲା ଜିଲାର ୧୧ ଗ୍ରାମରେ ମୋବାଇଲ ଇଣ୍ଟରନେଟକୁ ବନ୍ଦ କରିଦେଇଛନ୍ତି। ଏହି ଗ୍ରାମଗୁଡ଼ିକ ହେଲା ଦଙ୍ଗଦେହରି, ଲୋହଗଡ଼, ମାନକପୁର, ଦଦିୟାନା, ବରିଘେଲ, ଲହର୍ସ, କାଲୁ ମାଜ୍‌ରା, ଦେବୀ ନଗର, ସଦ୍ଦୋପୁର, ସୁଲତାନପୁର ଓ କାକ୍ରୁ। ଏହାସହ ଜିଲାର ସମସ୍ତ ସରକାରୀ ଓ ଘରୋଇ ସ୍କୁଲକୁ ମଧ୍ୟ ବନ୍ଦ କରାଯାଇଛି। ଇତିମଧ୍ୟରେ ଶମ୍ଭୁ ଓ ଖନୌରୀ ସୀମାରେ ଆନ୍ଦୋଳନରତ ଚାଷୀ ଶିଖ୍ ଗୁରୁ ତେଗ୍ ବାହାଦୁରଙ୍କ ଶହୀଦ ଦିବସ ପାଳନ କରିଛନ୍ତି। ଏସ୍‌କେଏମ୍ ନେତା ଜଗଜିତ ସିଂ ଦିଲ୍ଲେୱାଲ ଖନୌରୀ ସୀମାରେ ଆମରଣ ଅନଶନ ଜାରି ରଖିଛନ୍ତି। ଏମ୍‌ଏସ୍‌ପି ପ୍ରଦାନ ସହ କୃଷିଋଣ ଛାଡ଼, ଚାଷୀ ଓ କୃଷି ଶ୍ରମିକଙ୍କୁ ପେନ୍‌ସନ, ବିଦ୍ୟୁତ୍ ବିଲ୍ ନ ବଢ଼ାଇବା, ଚାଷୀଙ୍କ ନାମରେ ଥିବା ପୋଲିସ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିବା ଏବଂ ୨୦୨୧ ଲଖିମପୁର ଖେରି ହିଂସାର ପୀଡ଼ିତଙ୍କୁ ନ୍ୟାୟ ଦେବା ଦାବିରେ କୃଷକ ସଙ୍ଗଠନଗୁଡ଼ିକ ଅଡ଼ିବସିଥିବାରୁ ଏହା ସରକାରଙ୍କ ପାଇଁ ଅଡୁଆ ହୋଇପାରେ ବୋଲି କୁହାଯାଉଛି।

### ଏମ୍‌ଏସ୍‌ପି ଦେଇ ସବୁ ଫସଲ କିଣିବ କେନ୍ଦ୍ର: କୃଷିମନ୍ତ୍ରୀ

ନୂଆଦିଲ୍ଲୀ,୬।୧୨: କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କୃଷକମାନଙ୍କୁ ଏମ୍‌ଏସ୍‌ପି ପ୍ରଦାନ କରି ସେମାନଙ୍କ ଦ୍ୱାରା ଉତ୍ପାଦିତ ସବୁ ସାମଗ୍ରୀ କିଣିବେ ବୋଲି ଶୁକ୍ରବାର ରାଜ୍ୟ ସଭାରେ କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ସୂଚନା ଦେଇଛନ୍ତି। ପ୍ରଶ୍ନକାଳରେ ଏମ୍‌ଏସ୍‌ପି ପ୍ରସଙ୍ଗରେ କରାଯାଇଥିବା ପ୍ରଶ୍ନର ଉତ୍ତରରେ ଶିବରାଜ ଏହି ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି, କଂଗ୍ରେସ କ୍ଷମତାରେ ଥିବାବେଳେ ସେମାନେ ଏମ୍.ଏସ୍. ସ୍ୱାମୀନାଥନ୍ କମିଟିର ସୁପାରିସକୁ ଗ୍ରହଣ କରିବାକୁ ମନାକରିଦେଇଥିଲେ, ଯାହାକି ରେକର୍ଡରେ ଲିପିବଦ୍ଧ ହୋଇରହିଛି। ପୂର୍ବତନ କୃଷି ରାଷ୍ଟ୍ରମନ୍ତ୍ରୀ କାନ୍ତିଲାଲ ଭୁରିଆ, ପୂର୍ବତନ କୃଷିମନ୍ତ୍ରୀ ଶରଦ ପାୱାର ଏବଂ କେ.ଭି. ଥୋମାସ ସେତେବେଳେ ଦେଇଥିବା ମନ୍ତବ୍ୟକୁ ଉଦ୍ଧୃତ କରି ଶିବରାଜ ଏହା କହିବା ପରେ ଗୃହର ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନକର ତାଙ୍କୁ ଏହି ରେକର୍ଡ ଦାଖଲ କରିବାକୁ କହିଥିଲେ। ଶିବରାଜ ଏଥିରେ ସହମତି ପ୍ରକାଶ କରିଥିଲେ।

### ସ୍କୁଲ ପ୍ରିନ୍ସିପାଲ୍‌ଙ୍କୁ ...

ଟଏଲେଟ୍‌କୁ ଯାଉଥିବାବେଳେ ଛାତ୍ର ଜଣକ ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଦେଶୀ ପିସ୍ତଲରୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ସାକ୍ସେନାଙ୍କର ମୃତ୍ୟୁ ଘଟିଥିବା ଜିଲା ଶିକ୍ଷା ଅଧିକାରୀ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ଉଭୟ ଛାତ୍ରଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ପିସ୍ତଲକୁ ଏପର୍ଯ୍ୟନ୍ତ ଜବତ କରାଯାଇପାରି ନାହିଁ। ସ୍କୁଲ ଶିକ୍ଷକ ହରିଶଙ୍କର ଜୋଷୀଙ୍କ କହିବା ଅନୁଯାୟୀ, ସାକ୍ସେନା ଜଣେ ଭଲ ମଣିଷ ଥିଲେ। ତେବେ ଆକ୍ରମଣକାରୀ ଛାତ୍ର ଜଣକ ଜଣେ ବଦନାମୀ ପିଲା, ଯିଏକି ନିଜ ଇଚ୍ଛାରେ ସ୍କୁଲ ଆସୁଥିଲା। ପ୍ରିନ୍ସିପାଲ୍ ଏଭଳି ପିଲାଙ୍କୁ ଭଲ ବାଟକୁ ଆଣିବା ପାଇଁ ସବୁବେଳେ ବୁଝାଉଥିଲେ ବୋଲି ଜୋଷୀ କହିଛନ୍ତି।

### ସିଆର୍‌ଆର୍ ହ୍ରାସ ...

ଶକ୍ତ ଲଗାମ ଦେଇ ରଖିବା ଉପରେ ରିଜର୍ଭ ବ୍ୟାଙ୍କ ଉଦ୍ୟମ କରିଆସିଥିବା ଏହାର ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ଜିଡିପି ଅଭିବୃଦ୍ଧି ୫.୪%କୁ ହ୍ରାସ ଏବଂ ଅକ୍ଟୋବରରେ ଦରଦାମ୍ ବୃଦ୍ଧି ୬ ପ୍ରତିଶତ ଟପିବାରୁ ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ମଧ୍ୟରେ ସନ୍ତୁଳନରେ ଅସ୍ଥିରତା ସୃଷ୍ଟି ହୋଇଛି। ଏହାକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା ନିମନ୍ତେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଶକ୍ତିକାନ୍ତ କହିଛନ୍ତି।

### ପରୀକ୍ଷାରେ ଅନିୟମିତତା ...

ସହଯୋଗ ଓ ସହମତିରେ ବେଆଇନ କାର୍ଯ୍ୟ କରାଯାଇଥିଲେ ସମ୍ପୃକ୍ତ ଅଧିକାରୀଙ୍କୁ ୩ରୁ ୧୦ ବର୍ଷ ଯାଏ ଜେଲଦଣ୍ଡ ଏବଂ ୧ କୋଟି ଟଙ୍କା ଜରିମାନା କରାଯିବ। ସଙ୍ଗଠିତ ଭାବେ ଅନିୟମିତତା ହୋଇଥିଲେ ଦୋଷୀଙ୍କୁ ଜେଲ, ଜରିମାନା ସହ ଉଭୟ ଦଣ୍ଡ ଭୋଗିବାକୁ ହେବ। କୌଣସି ଅନୁଷ୍ଠାନ ଏହି ଅନିୟମିତତାରେ ସମ୍ପୃକ୍ତ ଥିଲେ ଉକ୍ତ ଅନୁଷ୍ଠାନର ସମ୍ପତ୍ତି ବାଜ୍ୟାପ୍ତ କରାଯିବ। ବାଜ୍ୟାପ୍ତ ସମ୍ପତ୍ତିରୁ ଆନୁପାତିକ ପରୀକ୍ଷା ଖର୍ଚ୍ଚ ଆଦାୟ କରାଯିବ। ଏଥିସହିତ ଜଣେ ଡିଏସ୍‌ପି କିମ୍ବା ଏସ୍‌ପି ର୍‍ୟାଙ୍କ୍‌ର ଅଧିକାରୀ ମାମଲାର ତଦନ୍ତ କରିବେ।

ସରକାରୀ ଚାକିରି ପାଇଁ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା କର୍ମଚାରୀ ଚୟନ ଆୟୋଗ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ, ସେବା ଚୟନ ବୋର୍ଡ, ଓଡ଼ିଶା ପୋଲିସ ଚୟନ ବୋର୍ଡ, ଓଡ଼ିଶା ରାଜ୍ୟ ପ୍ରବରଣ ମଣ୍ଡଳୀ, ଓଡ଼ିଶା ବୃତ୍ତିଗତ ଶିକ୍ଷା ପ୍ରତିଷ୍ଠାନ (ନାମଲେଖା ନିୟନ୍ତ୍ରଣ ଏବଂ ଫି ନିର୍ଦ୍ଧାରଣ) ଅଧିନିୟମ-୨୦୦୭ ଦ୍ୱାରା ନିୟନ୍ତ୍ରିତ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା, ରାଜ୍ୟ ସରକାରଙ୍କ ବିଭାଗ ଏବଂ ସେମାନଙ୍କ ସମ୍ପୃକ୍ତ ଓ ଅଧସ୍ତନ କାର୍ଯ୍ୟାଳୟ କର୍ମଚାରୀ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ କିମ୍ବା ଗଠିତ ଚୟନ ଏଜେନ୍ସି/କମିଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ଅନ୍ୟ ସଂସ୍ଥା କ୍ଷେତ୍ରରେ ଏହା ଲାଗୁ କରାଯିବ। ଏହି ବିଲ୍ ଆଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ବିଗତ ଦିନଗୁଡ଼ିକରେ ନିଯୁକ୍ତି ଚୟନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ, ମୌଖିକ ପରୀକ୍ଷାରେ ପାତରଅନ୍ତର ହେବା, ନିୟମ ଅନୁଯାୟୀ ପରୀକ୍ଷା ପରିଚାଳନା ନ ହେବା, ପରୀକ୍ଷାରେ ଲାଞ୍ଚ କାରବାର ଭଳି ଅନେକ ଅନିୟମିତତା ସମ୍ବନ୍ଧରେ ଅଭିଯୋଗ ଆସିଛି। ପରୀକ୍ଷା ପରିଚାଳନାରେ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ ହେବା ଓ ପରୀକ୍ଷା ପ୍ରକ୍ରିୟାରେ ପକ୍ଷପାତିତା ସମ୍ପର୍କରେ ଗଣମାଧ୍ୟମରେ ଶିରୋନାମାରେ ଆସିବା ପୂର୍ବ ସରକାର ଅମଳରେ ଏକ ସାଧାରଣ ଘଟଣା ଥିଲା। ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ଲାଞ୍ଚ ଗ୍ରହଣ କରି ଅଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ଚାକିରି କରାଇବା ଭଳି ସଙ୍ଗିନ ଅଭିଯୋଗ ବିଷୟ ସାରା ଓଡ଼ିଶାବାସୀଙ୍କ ପାଇଁ ଅଭୁଲା ହୋଇରହିଛି। ସେହିପରି ୨୦୨୩ରେ ଜେଇଇ (ସିଭିଲ) ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ଏହି ପରୀକ୍ଷାକୁ ବାତିଲ କରାଯାଇଥିଲା। ଉପରୋକ୍ତ ପରୀକ୍ଷା ପରିଚାଳନାରେ ଘୋର ଅନିୟମିତତାକୁ ରାଜ୍ୟର ପରୀକ୍ଷା ବ୍ୟବସ୍ଥାରେ କଳାଦାଗ ବୋଲି ବିବେଚନା କରାଯାଇପାରେ। ଅସଦାଚରଣ ଏବଂ ଅନୁଚିତ ସାଧନ ଯେପରି କି ଛଦ୍ମନାମ, ଠକେଇ ଏବଂ ପରୀକ୍ଷା ପ୍ରକ୍ରିୟାରେ ବ୍ୟାଘାତ, ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା ସମ୍ବନ୍ଧୀୟ ସୂଚନା ଲିକ୍, ପରୀକ୍ଷା ହଲ୍‌ରେ ଅନଧିକୃତ ପ୍ରବେଶ ଦ୍ୱାରା ପରୀକ୍ଷା ପ୍ରକ୍ରିୟାରେ ବିଳମ୍ବ ଏବଂ ବାତିଲ ହେବା ଯୋଗୁ ଲକ୍ଷ ଲକ୍ଷ ଯୁବତୀଯୁବକଙ୍କ ପ୍ରତ୍ୟାଶା ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ପରୀକ୍ଷା ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟି କରୁଥିବା ଉପାଦାନଗୁଡ଼ିକୁ ଚିହ୍ନଟ କରିବା ଏବଂ ଏହାର ମୁକାବିଲା ନିମନ୍ତେ ଏକ ବ୍ୟାପକ ନିୟମାବଳୀର ଜରୁରୀ ଆବଶ୍ୟକତା ରହିଛି। ସାର୍ବଜନୀନ ପରୀକ୍ଷା ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା, ନିରପେକ୍ଷତା ଏବଂ ବିଶ୍ୱସନୀୟତା ଆଣିବା ସହ ଯୁବତୀଯୁବକମାନଙ୍କୁ ଆଶ୍ୱସ୍ତ କରିବା ସହ ସେମାନଙ୍କର ଭବିଷ୍ୟତ ସୁରକ୍ଷିତ ରଖିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### 'ଚାକିରିରେ ହେଉଥିଲା ଚଞ୍ଚକତା'

ଭୁବନେଶ୍ୱର,୬।୧୨(ଅନିଲ ଦାସ)-ପୂର୍ବ ସରକାର ସମୟରେ ସରକାରୀ ନିଯୁକ୍ତିରେ ଚଞ୍ଚକତା ହେଉଥିଲା। ଏଏସ୍‌ଓ ଚାକିର ୨୫ରୁ ୩୦ ଲକ୍ଷରେ ବିକ୍ରି ହେଉଥିଲା। ଶୁକ୍ରବାର ବିଧାନସଭାରେ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ଆଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ସରକାର ଉପରେ ଅସନ୍ତୋଷ ଝାଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ରାଜ୍ୟର ଭବିଷ୍ୟତଙ୍କ ସହ ଛଳନା କରୁଥିଲେ । ପୂର୍ବ ସରକାରଙ୍କ ନିଯୁକ୍ତିରେ ସ୍ୱଚ୍ଛତା ନ ଥିଲା। ଦୁର୍ନୀତି ଭରି ରହିଥିଲା। ଦୁର୍ନୀତି ସରକାରଙ୍କ ନାକ ତଳେ ହେଉଥିଲେ ସୁଦ୍ଧା କାହିଁକି ଚୁପ୍ ରହୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଏଥିସହ ଅଯୋଗ୍ୟଙ୍କୁ ଯୋଗ୍ୟ ବନାଇ ନିଯୁକ୍ତି ଦେଉଥିଲେ । ଦାୟିତ୍ୱରେ ଥିବା ଅଧିକାରୀ ପରୀକ୍ଷାପତ୍ର ପ୍ରଘଟ ର୍‍ୟାକେଟ୍‌ରେ ସମ୍ପୃକ୍ତ ଥିଲେ ; ଯାହାର ଉଦାହରଣ ୨୦୨୩ ମସିହାର ଜେଇଇ ପରୀକ୍ଷା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ପୂର୍ବ ସରକାର ଆଉଟ୍‌ସୋର୍ସରେ ରହି ଯାଇଥିଲେ। ସ୍ୱଚ୍ଛତା ଓ ସାଧୁତା ଆମ ସରକାରର ଦାୟିତ୍ୱ। ପ୍ରତିଶ୍ରୁତି ପାଳନ କରିବୁ। ଆଗକୁ ଦେଢ଼ ଲକ୍ଷ ନିଯୁକ୍ତି ଦେବୁ। ଖାଲିଥିବା ସମସ୍ତ ପଦବୀ ପୂରଣ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।





# ସମୃଦ୍ଧ ଓଡ଼ିଶା ପାଇଁ ଏକ ନୂତନ ଯୁଗର ଅୟମାରମ୍ଭ

## ଟ.୬୪୦୦ କୋଟିରୁ ଅଧିକ ମୂଲ୍ୟ ବିକାଶମୂଳକ ପ୍ରକଳ୍ପର

## ଭିତ୍ତିପ୍ରସ୍ତର ସ୍ଥାପନ

### ୩ଗୋଟି ନୂତନ ରେଳ ଲାଇନର

- ବାଙ୍ଗିରିପୋଷି-ଗୋରୁମହିଷାଣୀ
- ବୁଢ଼ାମରା-ଚାକୁଲିଆ
- ବାଦାମପାହାଡ଼-କେନ୍ଦୁଝରଗଡ଼

ଏବଂ

- ଜନଜାତି ଗବେଷଣା ଏବଂ ବିକାଶ କେନ୍ଦ୍ର ରାଇରଙ୍ଗପୁର
- ଦଣ୍ଡବୋଷ ବିମାନବନ୍ଦର ରାଇରଙ୍ଗପୁର (ଭିଡିଓ କନ୍‌ଫରେନ୍ସିଂ ଜରିଆରେ)
- ଉପମଣ୍ଡଳୀୟ ଚିକିତ୍ସାଳୟ ରାଇରଙ୍ଗପୁର

କରିବେ

# ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

ଭାରତର ମହାମହିମ ରାଷ୍ଟ୍ରପତି

୦୭ ଡିସେମ୍ବର, ୨୦୨୪ | ବାଙ୍ଗିରିପୋଷି, ଓଡ଼ିଶା

## ସୁବିଧାସମୂହ

### ନୂତନ ରେଳ ଲାଇନ୍ ସମୂହ
- ଅଞ୍ଚଳର ବିକାଶ ସହିତ ଅଧିକ ନିଯୁକ୍ତି ସୁବିଧା
- ଓଡ଼ିଶାର ମୟୂରଭଞ୍ଜ ଏବଂ କେନ୍ଦୁଝରଗଡ଼ ଜିଲ୍ଲା ମଧ୍ୟରେ ସଂଯୋଗୀକରଣକୁ ପ୍ରୋତ୍ସାହନ
- ଖଣିଜ ଦ୍ରବ୍ୟ ସମୃଦ୍ଧ ଅଞ୍ଚଳରୁ କଞ୍ଚାମାଲର ସୁଗମ ପରିବହନ

### ଦଣ୍ଡବୋଷ ବିମାନ ବନ୍ଦର
- ଭାରତ ସରକାରଙ୍କ 'ଉଡ଼େ ଦେଶ କା ନାଗରିକ' (ୟୁଡିଏଏନ୍) ଯୋଜନା ଦ୍ୱାରା ସ୍ଥାନୀୟ ଆକାଶପଥର ସଂଯୋଗୀକରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ
- ଅର୍ଥନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଅଗ୍ରାଧିକାର

### ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର
- ଆଦିବାସୀ ଜୀବନଶୈଳୀ, ବ୍ୟବହାର, ଜୀବନ ଓ ଜୀବିକା, ଐତିହ୍ୟ ଏବଂ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଗବେଷଣା ଅଧ୍ୟୟନକୁ ଶାଣିତ, ମାନସମନ୍ୱନ ଏବଂ ବିଚାରବିମର୍ଶକୁ ପ୍ରୋତ୍ସାହନ
- ବୈଷୟିକ ଜ୍ଞାନକୌଶଳ ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ଏକ ଦକ୍ଷତା ପ୍ରଶିକ୍ଷଣ ଏବଂ ଉଦ୍ୟୋଗୀ ବିକାଶ ହବ୍ ଭାବେ କାର୍ଯ୍ୟ କରିବ

### ଉପମଣ୍ଡଳୀୟ ଚିକିତ୍ସାଳୟ
- ସ୍ୱାସ୍ଥ୍ୟସେବାର ପରିସରକୁ ବୃଦ୍ଧି
- ଅତ୍ୟାଧୁନିକ ଏବଂ ବିକଶିତ ସ୍ୱାସ୍ଥ୍ୟସେବା ସୁବିଧାରେ ସୁଧାର

## ସଦୟ ଉପସ୍ଥିତି

**ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ ତଥା ସୂଚନା ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ମନ୍ତ୍ରୀ

**ଜୁଏଲ ଓରାମ୍**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର**
ଗୃହ ଏବଂ ସହରୀ ବିକାଶ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ, ଓଡ଼ିଶା ସରକାର

**ଗଣେଶ ରାମ ସିଂଖୁଣ୍ଟିଆ**
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଓଡ଼ିଶା ସରକାର

**ମମତା ମହାନ୍ତ**
ସାଂସଦ, ରାଜ୍ୟ ସଭା

**ନବ ଚରଣ ମାଝୀ**
ସାଂସଦ, ଲୋକ ସଭା

**ସଞ୍ଜଳି ମୁର୍ମୁ**
ବିଧାୟକ, ବାଙ୍ଗିରିପୋଷି





କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ DD NEWS ରେ

ଆମକୁ ଅନୁସରଣ କରନ୍ତୁ: /RailMinIndia

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

-ଓଢ଼ଣ ଓ ପ୍ରାବରଣ ଷଷ୍ଠୀ



# ଭିଆର୍‌ଏସ୍ ଧାରା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଶାସନର ମଜଭୁତ ଢାଞ୍ଚା ଭାବେ ବିଚାର କରାଯାଉଥିବା ଭାରତର ଅମଲାତନ୍ତ୍ର ବିଚିତ୍ର ଘଟଣାର ସମ୍ମୁଖୀନ ହେଉଛି। ବହୁ ସଂଖ୍ୟାର ଅଧିକାରୀମାନେ ଏହାକୁ ଛାଡ଼ି ନୂଆ କ୍ଷେତ୍ରକୁ ଚାଲିଯାଉଥିବା ଦେଖାଯାଉଛି। ମୋଦି ଶାସନରେ ଅନେକ ଶହ ଅଧିକାରୀ ବିଶେଷକରି ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ରୁ ସ୍ୱେଚ୍ଛାକୃତ ଅବସର ନେବାକୁ ପସନ୍ଦ କରୁଛନ୍ତି। ନିକଟରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସଂସଦକୁ ସୂଚନା ଦେଇଛନ୍ତି ଯେ, ୨୦୧୪ରୁ ୫୩ ଆଇଆର୍‌ଏସ୍ ଅଧିକାରୀ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ୨୦୧୪ ରେ ୨୦ ଆଇଆର୍‌ଏସ୍ (ଆୟକର) ଅଧିକାରୀ ଭିଆର୍‌ଏସ୍ ନେଇଥିଲେ; ୨୦୨୪ ସୁଦ୍ଧା ଏହି ସଂଖ୍ୟା ପ୍ରାୟ ତିନିଗୁଣ ବୃଦ୍ଧି ପାଇ ୫୭ରେ ପହଞ୍ଚିଛି। ସୀମା ଶୁଳ୍କ ଓ ପରୋକ୍ଷ ଟିକସ କ୍ୟାଡରରେ ମଧ୍ୟ ଏଭଳି ବୃଦ୍ଧି ଘଟିଥିଲା। ୨୦୧୪ରେ ୨୪ ଜଣ ଅଧିକାରୀ ଛାଡ଼ିବାକୁ ଚାହିଁଥିବାବେଳେ ୨୦୨୪ରେ ଏହି ସଂଖ୍ୟା ଥିଲା ୭୩। ଆଇଆର୍‌ଏସ୍‌ର ଏଭଳି ତଥ୍ୟ ଥିବାବେଳେ ଭିଆର୍‌ଏସ୍ ନେଉଥିବା ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ରଖାଯାଇନାହିଁ। ତେବେ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ସେମାନେ ମଧ୍ୟ ବହୁ ସଂଖ୍ୟାରେ ଭିଆର୍‌ଏସ୍ ନେଉଛନ୍ତି। ଏହା ପଛରେ କାରଣ ରହିଛି। ଯେଉଁମାନେ ପ୍ରଥମରୁ କାମ ଆରମ୍ଭ କରୁଛନ୍ତି ସେମାନଙ୍କ ପାଇଁ ବେସରକାରୀ କ୍ଷେତ୍ରରେ ଭଲ ବେତନ, ଅଧିକ ସୃଜନଶୀଳ ସ୍ୱାଧୀନତା ଏବଂ କମ୍ ଅମଲାତାନ୍ତ୍ରିକ କଟକଣା ରହିଛି। ବହୁ ବର୍ଷର ଅଭିଜ୍ଞତା ସମ୍ପନ୍ନ ଏହି ଅଧିକାରୀମାନଙ୍କର ଭାରତର ଜଟିଳ ନିୟାମକ ଦୃଶ୍ୟପଟକୁ ସଞ୍ଚାଳନ କରିବାର ଦକ୍ଷତା ଥିବା ଯୋଗୁ କର୍ପୋରେଶନ ସେକ୍ଟରରେ ଅତ୍ୟଧିକ ଚାହିଦା ରହିଛି। ସମାଲୋଚକମାନେ ଯୁକ୍ତି କରନ୍ତି ଯେ, ମୋଦି ସରକାରରେ କ୍ଷମତାର କେନ୍ଦ୍ରୀକରଣ ଏବଂ ପ୍ରତିଶୋଧାତ୍ମକ ପରିବେଶ ଅଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ, ଯେଉଁଥିପାଇଁ ସେମାନେ ଭିଆର୍‌ଏସ୍ ନିଷ୍ପତ୍ତି ନେଉଛନ୍ତି। ଯଦି ଭିଆର୍‌ଏସ୍ ଧାରା ଜାରି ରହେ, ତେବେ ଅଭିଜ୍ଞ ଅଧିକାରୀଙ୍କୁ ହରାଇବା ଅମଲାତାନ୍ତ୍ରିକ ଭବିଷ୍ୟତ ପାଇଁ ଭଲ ହେବ ନାହିଁ।

### ଫ୍ଲୋରିଡାରେ ରାଓ

ପୂର୍ବତନ ଏସ୍‌ଆଇବି ମୁଖ୍ୟ ଏବଂ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ତଥା ଫ୍ରେଞ୍ଚ ଲେଖକଟି.ପ୍ରଭାକର ରାଓ ଏବେ ଆମେରିକାରେ ରାଜନୈତିକ ଆଶ୍ରୟ ନେବାକୁ ଚାହୁଁଛନ୍ତି। ଅଧିକାରୀମାନେ ଏ ସମ୍ପର୍କରେ କିଛି କହୁ ନ ଥିଲାବେଳେ ରିପୋର୍ଟରେ ଦର୍ଶାଯାଇଛି ଯେ, ରାଓ ତାଙ୍କ ପୂର୍ବତନ ସହଯୋଗୀଙ୍କ ଦ୍ୱାରା ନିର୍ଯାତିତ ହୋଇ ରାଜନୈତିକ ଶରଣାର୍ଥୀର ସ୍ୱୀକୃତି ପାଇବାକୁ ନିବେଦନ କରିଛନ୍ତି। ବର୍ତ୍ତମାନ ସେ ତାଙ୍କ ପୁଅଙ୍କ ସହ ଫ୍ଲୋରିଡ଼ାରେ ରହୁଛନ୍ତି ଓ କର୍କଟ ରୋଗ ଚିକିତ୍ସାରେ ଅଛନ୍ତି। ଏକ ଫୋନ୍ ଟ୍ୟାପିଂ ମାମଲାରେ ସେ ମୁଖ୍ୟ ଅଭିଯୁକ୍ତ, ତେଣୁ ତାଙ୍କୁ ତେଲେଙ୍ଗାନା ପୋଲିସ ରେଡ଼ କର୍ଣ୍ଣର ନୋଟିସ ବଳରେ ତାଙ୍କୁ ଫେରାଇ ଆଣିବା ପାଇଁ ଚେଷ୍ଟା କରୁଛି। ମାର୍ଚ୍ଚ ୧୦ ରେ ତାଙ୍କ ବିରୋଧରେ ମାମଲା ଦାୟର କରାଯାଇଥିଲା। କିନ୍ତୁ ମାର୍ଚ୍ଚ ୧୧ ସୁଦ୍ଧା ରାଓ ବିମାନରେ ଆମେରିକା ଚାଲି ଯାଇଥିଲେ ଏବଂ ତାଙ୍କ ସହଯୋଗୀଙ୍କ ଉପରେ ଏହି ଆଇନଗତ ଲଢ଼େଇ ଛାଡ଼ିଦେଇ ଯାଇଥିଲେ। ରାଓ ଦେଶ ଛାଡ଼ି ଚାଲିଯିବା ଏକ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଯଦି ଏହା ଏକ ଉଦାହରଣ ସୃଷ୍ଟି କରେ ତେବେ ଆଗକୁ କ'ଣ ଘଟିବ ? ସମସ୍ୟାରେ ଥିବା ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ପାଇଁ ରାଜନୈତିକ ଆଶ୍ରୟ ସର୍ବଶେଷ ପଳାୟନ ମାର୍ଗ ହୋଇଯିବନି ତ ? ଏହା ଏକ ଘୋଟାଲାଠାରୁ ଅଧିକ ଗମ୍ଭୀର ବିଷୟ। ଆମ ଅମଲାତନ୍ତ୍ରର ସ୍ଥିତି ବିଷୟରେ ଏହା କ'ଣ ସୂଚିତ କରିବ ଯେତେବେଳେ ଏହାର ସମର୍ଥକମାନେ ସମସ୍ୟାର ମୁକାବିଲା କରି ନ ପାରି ପଳାୟନ କରିବେ ? ଯେହେତୁ ଫ୍ଲୋରିଡ଼ାରେ ରାଓ ଆନନ୍ଦ ନେଉଛନ୍ତି, ସେଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଏହି କାହାଣୀର ସହଜରେ ଅନ୍ତ ଘଟିବ ନାହିଁ।

### ଡିଜିପି ଡ୍ରାମା

ଝାଡ଼ଖଣ୍ଡର ସର୍ବୋଚ୍ଚ ପୋଲିସ ପଦବୀ ଆଇନଶୃଙ୍ଖଳାରେ କମ୍ ବରଂ ଅଧିକ ରାଜନୈତିକ କ୍ରୀଡ଼ନକ ବୋଲି ମନେହୁଏ। ରାଜ୍ୟ ଡିଜିପିକୁ ନେଇ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସରକାର ଏବଂ ନିର୍ବାଚନ ଆୟୋଗ (ଇସିଆଇ) ମଧ୍ୟରେ ବିବାଦ ଶାସନରେ ଏକ ଅଜବ ସ୍ଥିତି ସୃଷ୍ଟି କରିଛି। ଏବକାର ପଦକ୍ଷେପ କ୍ରମେ ଅଜୟ କୁମାର ସିଂ (ଆଇପିଏସ: ୧୯୮୯ ବ୍ୟାଚ)ଙ୍କୁ ହଟାଇ ଅନୁରାଗ ଗୁପ୍ତା (ଆଇପିଏସ୍: ୧୯୯୦ ବ୍ୟାଚ)ଙ୍କୁ ଡିଜିପି ଭାବେ ନିଯୁକ୍ତ କରାଯାଇଛି। ସିଂଙ୍କୁ ଝାଡ଼ଖଣ୍ଡ ପୋଲିସ ହାଉସିଂ କର୍ପୋରେଶନ ଲିମିଟେଡରେ ଅବସ୍ଥାପିତ କରାଯାଇଛି। ବିଧାନସଭା ନିର୍ବାଚନ ସମୟରେ ଗୁପ୍ତାଙ୍କୁ ଇସିଆଇ ହଠାତ ହଟାଇ ଦେଇ ଅଜୟ କୁମାର ସିଂଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରିଥିଲେ। ବର୍ତ୍ତମାନ ଗୁପ୍ତା ପୁଣି ଥରେ ଦାୟିତ୍ୱ ସମ୍ଭାଳିଛନ୍ତି। ସିଂ ବର୍ତ୍ତମାନ ଯେଉଁଠିକୁ ଯାଇଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିଲେ ବି ସେ କିନ୍ତୁ ପୋଲିସ ଫ୍ରଣ୍ଟଲାଇନରୁ ବହୁ ଦୂରରେ ରହିଗଲେ। ସୋରେନ ସରକାର ଦାୟିତ୍ୱ ଗ୍ରହଣ କରିବାର କିଛି ସପ୍ତାହ ପରେ ପ୍ରଶାସନିକ ଅଦଳବଦଳ ସାମ୍ପ୍ରତିକ ପରିସ୍ଥିତି ସହ ଅଧିକ ସାମଞ୍ଜସ୍ୟ ଥିବା ଭଳି ମନେ ହେଉଛି। ନିୟନ୍ତ୍ରଣ କରିବା ପାଇଁ ସୋରେନଙ୍କର ଏହା ଏକ ସଙ୍କେତ କି ? ଅଥବା ଇସିଆଇ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ପ୍ରଭୁତ୍ୱ ବିସ୍ତାର ଯୁଦ୍ଧର ଏହା ଅୟମାରମ୍ଭ ନୁହେଁ ତ ? ନେତୃତ୍ୱରେ ସ୍ଥିରତା ଅର୍ଥ ଅମଲାତାନ୍ତ୍ରିକ ବିଭେଦତା ନୁହେଁ କିମ୍ବା ଏକ ଶବ୍ଦ ନୁହେଁ; ଏହାର କିଛି ଅର୍ଥ ରହିବା ଉଚିତ। କିନ୍ତୁ ଝାଡ଼ଖଣ୍ଡରେ ଡିଜିପିଙ୍କ ଚେୟାର ବା ପଦବୀ ସ୍ଥିର ଅପେକ୍ଷା ଅସ୍ଥିର ପରି ମନେ ହେଉଛି।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | 6 | | | | | |
| 1 | | | | | | | 4 | |
| | | | | 8 | | | 5 | 9 |
| | | 9 | | | | | 6 | 3 |
| 4 | | 2 | | | | | | |
| | 8 | 3 | 9 | | | | | |
| 5 | | | | | 1 | 2 | | |
| | 6 | | | 7 | | | | |
| | | 1 | | | 5 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 3 | 6 | 5 | 2 | 9 | 8 |
| 9 | 3 | 2 | 1 | 8 | 7 | 6 | 4 | 5 |
| 6 | 8 | 5 | 9 | 2 | 4 | 7 | 1 | 3 |
| 1 | 6 | 7 | 5 | 4 | 8 | 3 | 2 | 9 |
| 8 | 2 | 3 | 6 | 7 | 9 | 1 | 5 | 4 |
| 5 | 4 | 9 | 2 | 3 | 1 | 8 | 6 | 7 |
| 2 | 9 | 8 | 7 | 5 | 6 | 4 | 3 | 1 |
| 7 | 5 | 6 | 4 | 1 | 3 | 9 | 8 | 2 |
| 3 | 1 | 4 | 8 | 9 | 2 | 5 | 7 | 6 |

ଗତକାଲିର ଉତ୍ତର

# ପଞ୍ଚାୟତ ଦୃଢ଼ୀକରଣରେ ବାଧା କେଉଁଠି



ଡା. ରାଜାରାମ ଷଡ଼ଙ୍ଗୀ

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ତୃଣମୂଳ ପରିବାରଠାରୁ ଗ୍ରାମ୍ୟ ଉନ୍ନୟନ ବିକାଶର ପରିଚୟ। କିନ୍ତୁ ଏ ପରିଚୟ ହରାଇବାକୁ ବସୁଛି ଓଡ଼ିଶା। ପଞ୍ଚାୟତ ପ୍ରତି ଦିନକୁ ଦିନ ଲୋକଙ୍କ ବିଶ୍ୱାସ ତୁଟିବାରୁ ବ୍ଲକ ହେଉ ଅବା ଜିଲାପାଳଙ୍କଠାରେ ଦିନକୁ ଦିନ ଅଭିଯୋଗ ବଢ଼ିବାରେ ଲାଗିଛି। ତାହା ପୁଣି ଗ୍ରାମାଞ୍ଚଳ ସଂଖ୍ୟା ଅଧିକ। ପଞ୍ଚାୟତ ନେତୃତ୍ୱ କି ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ସେତେଟା ସଚେତନ ଏହା ବୁଝାପଡୁନି। ପଞ୍ଚାୟତ ହାତରେ ସରକାର ପ୍ରାୟତଃ ସମସ୍ତ ମୌଳିକ ଆବଶ୍ୟକତା ଓ ଶିକ୍ଷା,ସ୍ୱାସ୍ଥ୍ୟ,ପାନୀୟ ଜଳ, କୃଷି ଭଳି ବହୁ କ୍ଷମତା ପ୍ରଦାନ କରିଥିବା ସତ୍ତ୍ୱେ ଏଥିପ୍ରତି ସେମାନେ ଯେ ସଚେତନ ଅବା ଏ ଦିଗରେ ତାଙ୍କ ମୂଳ ସେବା ରହିଛି ଭଳି ସେମାନଙ୍କ ଠାରେ ଏଭଳି ଭାବନା ସୃଷ୍ଟି ହେଉଥିବ ତାହା ଦେଖାଯାଉନି। ବରଂ ଅଧିକାଂଶ ଜନ ପ୍ରତିନିଧି ଠିକା କାମକୁ ନେଇ ଯେତିକି ମନ ପୂରାଇ ବେନିୟମ କାରବାରରେ ଲିପ୍ତ ରହୁଛନ୍ତି ସେମାନଙ୍କ ମଧ୍ୟରୁ ସାମାଜିକ ସେବାର ନେତୃତ୍ୱ ନେବା ଭଳି ଜନ ପ୍ରତିନିଧିଙ୍କ ସଂଖ୍ୟା ହାତ ଗଣତି। ପଞ୍ଚାୟତ ଓ ପଞ୍ଚାୟତସମିତିଗଡ଼ିକ ଏଭଳି ପରିସ୍ଥିତିର ବର୍ତ୍ତମାନ ସାମ୍ନା ହେଉଥିବା ବେଳେ ଯଦି ଏହା ଆଗକୁ ବଢ଼ିଚାଲେ ତେବେ ପରବର୍ତ୍ତୀ ସମୟରେ ଗ୍ରାମ୍ୟ ବିକାଶ ପାଇଁ ଏକ ଅଚଳାଚଳ ପରମ୍ପରାର ଭୟ ଆଗକୁ ରହିଥିବା ବାରି ହେଉଛି।

ପ୍ରତିଟି ପରିବାର ସମସ୍ତ ପ୍ରକୃତ ତଥ୍ୟ ଜଣେ ୱାର୍ଡମେମ୍ବର ପାଖରେ ରହିବା ବାଞ୍ଛନୀୟ ଏବଂ ୱାର୍ଡ ସ୍ତରରୁ ଯଦି ପ୍ରକୃତ ସେବାକୁ ମୌଳିକ ଅଧିକାର ଭାବେ ଗୁରୁତ୍ୱ ଦେଇ କାର୍ଯ୍ୟ ହୁଅନ୍ତା ନିଜ ମାଟିରୁ ଓଡ଼ିଶାର ଭାଗ୍ୟ ବଦଳାଇବାରେ ପଞ୍ଚାୟତ ପ୍ରତିନିଧିଙ୍କ ଏକ ବିଶେଷ ସ୍ଥାନ ରହି ସମାଜରେ ପୂଜ୍ୟ ପୂଜାର ଅଧିକାରୀ ହୋଇପାରନ୍ତେ। ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ଏକ ମାନବିକତା ସଂହତିରେ ବନ୍ଧା ମଣିଷ ସମାଜ ସବୁବେଳେ ବିକାଶ ଉପରେ ଆଶାବାଦୀ। ଆମର ଏହି ଜନ ପ୍ରତିନିଧିମାନେ ଏଥିପାଇଁ କେତେ ଦକ୍ଷ! ଆମମାନଙ୍କ ଆଗାମୀ ଭବିଷ୍ୟତ ପାଇଁ ଏମାନେ କେତେ ସଚେତନ। ଏହା ଚିନ୍ତାକରି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ନେତୃତ୍ୱର ଆବଶ୍ୟକତାକୁ ଉପଲବ୍ଧି କରାଯାଉଥାଏ। ଏଥିପାଇଁ ଆମ ୱାର୍ଡମେମ୍ବର, ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଓ ଜିଲାପରିଷଦ ସଦସ୍ୟ ଏକତ୍ର ପଲ୍ଲିସଭାଠୁ ଗ୍ରାମସଭାର ଯଦ ସବୁ ଯୋଜନାକୁ ଏକାଠ କରିପାରିବେ ତେବେ ଯାଇ ଆମେ ଆମ ବିକାଶର ସାଥି ହୋଇ ଗଣତନ୍ତ୍ର ବଞ୍ଚାଇ ଆମ ଗାଁକୁ ଏକ ନୂଆଁ ରୂପ ଦେଇ ପାରନ୍ତେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଭାଷାରେ 'ପଲ୍ଲୀ ହଲିଲେ ଦିଲ୍ଲୀ ହଲିବ'। ଏ ହେଉଛି ପଞ୍ଚାୟତ ଶାସନ। ଆସ ଆମେ ଆମ ନିଜ କାମ କରିବା। 'ଛାୟାରେ ନାହିଁ କି ମାୟାରେ'। ନିଜ ଗାଁ ବଦଳାଇବାକୁ ଏହାହିଁ ଆମ ନେତୃତ୍ୱର ପରିଚୟ। ଆସ ଏକାଠି ହେବା:ଆମ ଗାଁକୁ ଆମେ ସଜାଇବା। ଯିଏ ନେତୃତ୍ୱ ନେଉଛନ୍ତି ସମସ୍ତଙ୍କୁ ପ୍ରଗତିର ରଥ ଚଳାଇବାକୁ ହେବ। ଦୀର୍ଘ ଦଶନ୍ଧିଧରି ଅଧିକାଂଶ ସମୟରେ ପଞ୍ଚାୟତ ଅଫିସରେ ତାଲା ଝୁଲିଥାଏ। ସରପଞ୍ଚ, ନାଏକ ସରପଞ୍ଚ, ନର୍ବାହୀ ଅଧିକାରୀ, ଯୋଗାଣ ସହାୟକ, ଗ୍ରାମ ରୋଜଗାର ସାଥୀ ଏକାଠି ହେବାର ଦୃଶ୍ୟ କମ୍ ଦେଖିବାକୁ ମିଳେ। ଏମାନେ ପରା ପଞ୍ଚାୟତର ହର୍ତ୍ତାକର୍ତ୍ତା ଭାଗ୍ୟ ବିଧାତା। ଏହା ହୃଦୟଙ୍ଗମ କରି ପଞ୍ଚାୟତ ମଧ୍ୟ ଏକ ସରକାରୀ କାର୍ଯ୍ୟାଳୟ,ଏହାର ବି ସମୟ ନିର୍ଘଣ୍ଟ ରହିଛି। ଏ ଦିଗରେ ଜଣେ ନିର୍ବାଚିତ ପ୍ରତିନିଧି ଚାହିଁଲେ ନିଜ ପ୍ରୟାସରୁ ସମଗ୍ର ରାଜ୍ୟକୁ ଏକ ନୂଆଁ ଦିଶା ଦେଖାଇପାରିବ। ଅନେକ ପଞ୍ଚାୟତ ପ୍ରତିନିଧି ବହୁତ ଗୁଣୀ, ଜ୍ଞାନୀ ଓ ଅଭିଜ୍ଞ ରହିଛନ୍ତି। ସେମାନେ ଚାହିଁଲେ ସରକାରୀ କାର୍ଯ୍ୟାଳୟ ପରି ପଞ୍ଚାୟତ କାର୍ଯ୍ୟାଳୟକୁ ଏକ ସମୟ ନିର୍ଘଣ୍ଟରେ ଚଳାଇ ସମାଜରେ ଏକ ଦୃଷ୍ଟାନ୍ତ ନେତୃତ୍ୱର ସହଭାଗୀ ହୋଇପାରନ୍ତେ। ଏପରିକି ଜନସାଧାରଣଙ୍କ ଅତି ନିକଟତର ହୋଇ ନିଜ କ୍ଷେତ୍ରରେ ମୌଳିକ ସମସ୍ୟାର ସମାଧାନ କରାଇ ବ୍ଲକ ଅବା ଜିଲା ପ୍ରଶାସନ ଉପରୁ ଚାପ କମାଇ ପାରନ୍ତେ। ଏଥିପାଇଁ ରାଜ୍ୟ ସରକାର ମଧ୍ୟ ପ୍ରୟାସ କରିଛନ୍ତି। କିନ୍ତୁ ସେଥିରେ ଶୀତଳ ପଡ଼ିଯାଇଛି। ପଞ୍ଚାୟତିରାଜ ବ୍ୟବସ୍ଥା ମିଳି ଭଗତେର ଏକ ମଧୁଚନ୍ଦ୍ରିକା ହୋଇ ଥିବାରୁ ପ୍ରଶାସନିକ କଳ ଏମାନଙ୍କୁ ନିଜ କବ୍‌ଜାରେ ରଖିବାକୁ କେବେବି ହାତଛଡ଼ା କରିବେନି। ଏଥିପାଇଁ ରାଜନୈତିକ ଦୃଢ଼ତାର କେବଳ ଆବଶ୍ୟକତା ରହିଛି। ପଞ୍ଚାୟତର ତୃଣମୂଳ ୱାର୍ଡମେମ୍ବର, ସରପଞ୍ଚ, ସମିତିସଭ୍ୟ ଅବା ଜିଲା ପରିଷଦ ସଦସ୍ୟ ଏକାଠି ହେବାକୁ ହେବ। ଅର୍ଥାତ ସବୁବେଳେ ସରକାର ଉପରେ ଦୋଷ ଲଦା ଚାଲିଛି। ଅଥଚ ଆମକୁ ଏବେ ବୁଝିବାକୁ ସମୟ ଆସିଛି ଗାଁ ଚଳାଇବାକୁ। ଗାଁର ସବୁ ଦାୟିତ୍ୱ ଦିଆଗଲା ପଞ୍ଚାୟତ ହାତରେ। ଅଥଚ ଦକ୍ଷତା ଓ ନିର୍ଭୀକତା ନ ଥାଇ ଯଦି ନେତୃତ୍ୱ ନେବା ତେବେ ଗାଁ ମୋ ସହର ହୋଇ କେବେ ବାସ୍ନା ହେବ ! ଏହାହିଁ ଜଣେ ନିର୍ବାଚିତ ପ୍ରତିନିଧିଙ୍କ ନୈତିକ ମାନବିକତା ଗୁଣ ହେବା ଦରକାର।

ଗାଁ ଯଦି ଏମିତି ଚାଲିବ ତେବେ ତ ଆମକୁ ଠିକ୍ ବାଟରେ ଚାଲିବାକୁ ହେବ। ଦେଶ ପରା ଆଗଉଛି, ଆମେ ଏତେ ପଛରେ ପଡ଼ିରହିବା ମୂଳ ରହସ୍ୟ କେଉଁଠି ଏହାହିଁ ଆଜିର ପ୍ରସଙ୍ଗ। ହେଲେ ଏକ ସମୃଦ୍ଧ ୱାର୍ଡ ପଞ୍ଚାୟତରୁ ମୋ ଓଡ଼ିଶାର ସ୍ୱପ୍ନ ସ୍ୱଚ୍ଛ ଭାରତରେ ପହଞ୍ଚି ପାରିବ। ଏଥିପାଇଁ ଜଣେ ଯଦି ସରପଞ୍ଚ/ ପଞ୍ଚାୟତ ସମିତି ଅଧକ୍ଷା-ଅଧକ୍ଷ ଓ ଜିଲା ପରିଷଦ ସଭାପତି ଚାହିଁବେ ଓଡ଼ିଶାର ଭାଗ୍ୟ ବଦଳିଯିବ। ଅଥଚ ଏଭଳି ଜଣେ ପ୍ରତିଭାବାନ ଉଜ୍ଜ୍ୱଳ ନକ୍ଷତ୍ର ଉଭା ନ ହୋଇ ପାରିବା ପଛର କାରଣ କ'ଣ ତାହା ଜଳ ଜଳ ହୋଇ ସମସ୍ତଙ୍କୁ ଦିଶୁଥିବା ସହ ସବୁ ଜନ ପ୍ରତିନିଧି ଜାଣିଥିଲେବି ଚେଇଁ ଶୋଇଥିବା ଯୋଗୁ ଆଜି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ଅଙ୍କୁଶରୁ ମୁକୁଳି ପାରୁନି ଆମ ଗଣତନ୍ତ୍ର। ଯେଉଁଦିନ ଆମ ଜନ ପ୍ରତିନିଧିମାନେ ପଞ୍ଚାୟତର ସେମାନେ ମୁଖ୍ୟ ବୋଲି ନିଜେ ହୃଦବୋଧ କରିବେ ସେତେବେଳେ ଯାଇ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ କିଛି ସୁଧାର ଆସିବ। ଜନତାଙ୍କ ନ୍ୟାୟ ପାଇଁ ସରକାରୀ ନୀତି ନିୟମକୁ ଯଦି ସମ୍ମାନ ଜଣାଇ ନିଜର ନେତୃତ୍ୱର ଭାଗୀଦାରିତାକୁ ପ୍ରତିପାଦନ କରିପାରନ୍ତେ ତେବେ ସେ ସାଧାରଣ ୱାର୍ଡ ମେମ୍ବର ବା ସରପଞ୍ଚ ଯାହାବି ହୁଅନ୍ତୁ ଦେଶ ଓ ଜାତି ପାଇଁ ଏକ କିମ୍ବଦନ୍ତୀ ପୁରୁଷ ପାଲଟି ଯାଆନ୍ତେ। କିନ୍ତୁ କିଭଳି ଏହା ତାଙ୍କୁ ଦେଖାଯାଉ ନାହିଁ ତାହାହିଁ ଆଶ୍ଚର୍ଯ୍ୟର ବିଷୟ। ରାଜ୍ୟ ସରକାର ମଧ୍ୟ ଏ ଦିଗରେ ନିଜ ନୈତିକତାର କାର୍ଯ୍ୟ ନିର୍ଘଣ୍ଟ ନିର୍ଦ୍ଧାରଣ କରିବାର ବି ସମୟ ଉପନୀତ। ରାଜ୍ୟ ସରକାରଙ୍କ ନିର୍ମଳ ଭାବମୂର୍ତ୍ତିରୁ ପଞ୍ଚାୟତିରାଜ ପରିଚାଳନା କେତେ ଯେ ଅସ୍ୱଚ୍ଛ ପାଖି ଲୋକହିଁ ଏହା ବାରିପାରିବେ। ତେଣୁ ରାଜ୍ୟ ସରକାର ପଞ୍ଚାୟତ ବ୍ୟବସ୍ଥାକୁ ଦୃଢ଼ୀକରଣ କରିବା ଉପରେ ବର୍ତ୍ତମାନ ଗୁରୁତ୍ୱ ଉପଲବ୍ଧି କରାଯାଉଛି।

ମୋ: ୯୪୩୭୪୦୫୪୫୫

# ଅଭିଭାବକଙ୍କ ଦାୟିତ୍ୱ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ପ୍ରଚଳିତ ଅର୍ଥରେ ଶାସନ ମାନେ ନିୟନ୍ତ୍ରଣ, ତିରସ୍କାର ଅଥବା ଦଣ୍ଡବିଧାନ। କିନ୍ତୁ ଶାସନର ପ୍ରକୃତ ଅର୍ଥ ହେଲା- କୌଣସି ଜୀବନୀୟ ଅନୁଶାସନ ବା ବିଧି-ବିଧାନରେ ନିୟନ୍ତ୍ରିତକରି ଶାସିତର ଜୀବନରେ ମଙ୍ଗଳ ବିଧାନ କରିବା। ସୁତରାଂ ଯେତେବେଳେ ପିତାମାତା ଅଥବା ଅନ୍ୟ କୌଣସି ଅଭିଭାବକ କିମ୍ବା ଦାୟିତ୍ୱଶୀଳ ଶିକ୍ଷକ ବାଳିକାବାଳକମାନଙ୍କୁ ଶାସନକରନ୍ତି ତାହାର ମୌଳିକ ଉଦ୍ଦେଶ୍ୟ ହେଲା ଚପଳମତି କିଶୋରୀକିଶୋରଙ୍କୁ ନାନା ଭାବରେ ନିୟନ୍ତ୍ରିତକରି ସେମାନଙ୍କୁ ଜୀବନୀୟ ତଥା ଉନ୍ନତିମୂଳକ ଅନୁଶାସନରେ ଅଭ୍ୟସ୍ତକରି ତୋଳିବା। ଏଥି ନିମନ୍ତେ ଅଭିଭାବକ ଅଥବା ଶିକ୍ଷକଙ୍କ ଅନ୍ତରରେ ଶାସିତଙ୍କ ପ୍ରତି ଗଭୀର ସ୍ନେହମମତା ଏବଂ ମଙ୍ଗଳ ଚିନ୍ତା ରହିବା ଏକାନ୍ତ ପ୍ରୟୋଜନ। ସ୍ୱାମୀ ବିବେକାନନ୍ଦ କହିଛନ୍ତି - 'ଶାସନ କରିବା ତାହାରି ସାଜେ/ସୁହାଗ କରେ ଯେ- ଅର୍ଥାତ୍ ଶାସିତ ପ୍ରତି ସୁହାଗ ବା ଭଲ ପାଇବା ନ ଥିଲେ ଶାସନ ବିଡ଼ମ୍ବନା ମାତ୍ର। ମା'ଙ୍କର ପିଲାଙ୍କ ପ୍ରତି ଗଭୀର ଭଲପାଇବା ଥିବାରୁ ତାଙ୍କର ଶାସନ ପିଲାଙ୍କ ମନରେ କଷ୍ଟ ନ ଦେଇ ସେମାନଙ୍କୁ ମା'ଙ୍କ ପ୍ରତି ଅଧିକ ଅନୁରକ୍ତ କରିଥାଏ। ଜଣେ ବୁଦ୍ଧିମତୀ ଜନନୀ ଶାସନ-ତୋଷଣରେ ସମନ୍ୱୟରେ ସନ୍ତାନସନ୍ତତିଙ୍କ ଜୀବନକୁ ସୁନିୟନ୍ତ୍ରିତକରି ସଫଳ ଭାବରେ ଗଢ଼ିତୋଳି ପାରନ୍ତି। ସେହିପରି ଭାବରେ ସ୍ନେହଳ ତଥା ଦରଦୀ, ଆଦର୍ଶ ଶିକ୍ଷକଙ୍କ ପ୍ରତି ଆକୃଷ୍ଟ ହୋଇ ଶିଷ୍ୟମାନେ ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରନ୍ତି। ପ୍ରାଚୀନ ଯୁଗରେ ଆଦର୍ଶ ଗୁରୁଜୀ ଧୌମ୍ୟଙ୍କ ପ୍ରତି ଅନୁରାଗବଶତଃ ଆରୁଣୀ ଓ ଉପମନ୍ୟୁଙ୍କ ଭଳି ଶିଷ୍ୟମାନେ ଅସାଧ ସାଧନକରି ଇତିହାସରେ ଅମର ହୋଇରହିଛନ୍ତି। ଏ ଯୁଗରେ ମଧ୍ୟ ଅନେକ ଆଦର୍ଶପ୍ରାଣ, ଦରଦୀ ଶିକ୍ଷକଙ୍କ ବ୍ୟକ୍ତିତ୍ୱ ପ୍ରଭାବରେ ଅନେକ ଛାତ୍ରୀଛାତ୍ରଙ୍କ ଜୀବନ ଧନ୍ୟ ହୋଇଯାଇଛି। ଥରେ କଟକ ସହର ରାସ୍ତାରେ ଚାଲି ଚାଲି ଯାଉଥାନ୍ତି ଉତ୍କଳମଣି ଗୋପବନ୍ଧୁ। ବିପରୀତ ଦିଗରୁ ଆସୁଥିଲେ ତାଙ୍କର ପ୍ରିୟ ଛାତ୍ର, ସୌମ୍ୟଦର୍ଶନ ଯୁବକ ଗୋଦାବରୀଶ ମିଶ୍ର। ସେ ସଦ୍ୟ ଏମ୍.ଏ. ପାସ୍ କରିଥାନ୍ତି। ପ୍ୟାଣ୍ଟଶାର୍ଟ ସାଙ୍ଗକୁ ବୁଟ୍ ଜୋତା ପିନ୍ଧି ସାହେବୀ କାଇଦାରେ ଚାଲି ଆସୁଥାନ୍ତି। ଗୋପବନ୍ଧୁଙ୍କୁ ଦେଖି ସେହି ରାସ୍ତା ଉପରେ ହିଁ ଭକ୍ତି ଭାବରେ ପ୍ରଣାମ କଲେ। ବହୁତ ଖୁସିହେଲେ ଉତ୍କଳମଣି। କିନ୍ତୁ ଗୋଟିଏ କଥା କହିଲେ- ''ଗୋଦାବରୀ, ଏମ୍.ଏ. ପାସ୍ କଲେ କ'ଣ ସାହେବ ସାଜିବା ଏକାନ୍ତ ଦରକାର ?'' ସେହି ପଦଟିଏ କଥାରେ ଗୋଦାବରୀଶଙ୍କ ମୁଣ୍ଡ ଲାଜରେ ନଇଁଗଲା। ସେହିଦିନ ଘରକୁ ଫେରି ପ୍ୟାଣ୍ଟଶାର୍ଟକୁ ଚିରି ଫୋପାଡ଼ିଦେଲେ। ଖାଲି ସେତିକି ନୁହେଁ, ଦେବୋପମ ଶିକ୍ଷକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ଜୀବନର ଗତିପଥ ବଦଳିଗଲା। ପରବର୍ତ୍ତୀ ଜୀବନରେ ସେ ହୋଇଉଠିଲେ ମହାନ୍ ଦେଶଭକ୍ତ, ବିଶିଷ୍ଟ ଶିକ୍ଷାବିତ୍ ଏବଂ ସତ୍ୟବାଦୀ ସଂସ୍କୃତିର ଅନ୍ୟତମ ଦିବ୍ୟସୁରୀ ପଣ୍ଡିତ ଗୋଦାବରୀଶ ମିଶ୍ର। ତେଣୁ ଶିକ୍ଷକଙ୍କର ସବୁଠାରୁ ବଡ଼ ଯୋଗ୍ୟତା ହେଲା ଛାତ୍ରମାନଙ୍କ ଉପରେ ତାଙ୍କ ଆଦର୍ଶ ଚରିତ୍ରର ପ୍ରଭାବ।

ତା'ଛଡ଼ା ଛାତ୍ରୀଛାତ୍ରଙ୍କୁ ଉନ୍ନତ ମାର୍ଗରେ ପରିଚାଳିତ କରିବାକୁ ହେଲେ ସର୍ବଦା ସେମାନଙ୍କର ଦୋଷତ୍ରୁଟିଗୁଡ଼ିକ ପ୍ରତି ଦୃଷ୍ଟି ନ ଦେଇ ପ୍ରତ୍ୟେକଙ୍କ ଭଲଗୁଣ ଗୁଡ଼ିକୁ ଆବିଷ୍କାରକରି ପ୍ରୋତ୍ସାହିତକଲେ



ଅନେକ ସୁଫଳ ମିଳିଥାଏ। ଅନେକ ଦିନ ତଳର କଥା- ହିମାଇତପୁର ତପୋବନ ବିଦ୍ୟାଳୟରେ ଜଣେ ବାଳକର ପାଠପଢ଼ାରେ ମନ ନାହିଁ। ସ୍କୁଲରୁ ପଳାଇଯାଇ ପାବନା ସହରରେ ସିନେମା ଦେଖେ। ଏଥିପାଇଁ ବାପାଙ୍କ ପକେଟରୁ ପଇସା ମଧ୍ୟ ଚୋରି କରେ। ଶିକ୍ଷକ ମହାଶୟ ଶତଚେଷ୍ଟା କରି ମଧ୍ୟ ତାହାକୁ ସଂଶୋଧନ କରିପାରିଲେ ନାହିଁ। ଶେଷରେ ନିରୁପାୟ ହୋଇ ସେ ଇଷ୍ଟଗୁରୁଙ୍କ ନିକଟରେ ଏହି ସମସ୍ୟାଟି ନିବେଦନ କଲେ। ସବୁ ଶୁଣି ଗୁରୁଦେବ ସେହି ପିଲାଟିକୁ ଡକାଇ ପଠାଇଲେ ଏବଂ ସ୍ନେହଳ କଣ୍ଠରେ ପଚାରିଲେ- ତୁ କ'ଣ ସିନେମା ଦେଖିବାକୁ ବହୁତ ଭଲ ପାଉ ? ପିଲାଟି ଅକପଟରେ କହିଲା- ହଁ, ମୁଁ ସିନେମା ଦେଖିବାକୁ ବହୁତ ଭଲ ପାଏ। ସ୍ମିତ ହସି ଗୁରୁଦେବ ଦରଦୀ କଣ୍ଠରେ ତାକୁ କହିଲେ- ଠିକ୍ ଅଛି, ଏଣିକି ତୁ ମୋ ପାଖରୁ ପଇସା ନେଇ ସିନେମା ଦେଖିବୁ। କିନ୍ତୁ ସିନେମାରେ ଦେଖିଥିବା ଗଳ୍ପଗୁଡ଼ିକ ଭଲ ଭାବରେ କାଗଜରେ ଲେଖି ମୋ ତକିଆ ତଳେ ଥୋଇଦେବୁ। ଅବସର ସମୟରେ ମୁଁ ସେଗୁଡ଼ିକ ପଢ଼ିବି। ଏହାଦ୍ୱାର ମୋର ମଧ ସିନେମା ଦେଖିବା ହେବ। ପିଲାଟି ନିଷ୍ଠାର ସହ ତାହା ହିଁ କରିବାକୁ ଲାଗିଲା। ସୁନ୍ଦର ଭାବରେ ସିନେମାରେ ଦେଖିଥିବା ନାଟକଗୁଡ଼ିକୁ କାଗଜରେ ଲେଖି ଗୁରୁଦେବଙ୍କ ତକିଆ ତଳେ ରଖିଦିଏ। ସେଗୁଡ଼ିକୁ ପଢ଼ି ଇଷ୍ଟଗୁରୁ ପିଲାଟିର ବହୁତ ପ୍ରଶଂସା କରନ୍ତି। କ୍ରମେ କ୍ରମେ ସେହି ପିଲା ନିଜେ ସୁନ୍ଦର ସୁନ୍ଦର ନାଟକ ଲେଖିବାକୁ ଆରମ୍ଭ କଲା ଏବଂ କିଛିବର୍ଷ ମଧ୍ୟରେ ଜଣେ ବିଶିଷ୍ଟ ନାଟ୍ୟକାର ଭାବରେ ଆତ୍ମପ୍ରକାଶ କଲା। ତେଣୁ ଦୋଷ ପ୍ରତି ସର୍ବଦା ଦୃଷ୍ଟିଦେଲେ ଦୋଷ ବଢ଼ିଚାଲେ, କିନ୍ତୁ ଗୁଣକୁ ପ୍ରେତ୍ସାହିତ କଲେ ଗୁଣ ବଢ଼ି ଦୋଷକୁ ଲୁଚାଇଦେଇପାରେ। ହୁଏତ ଜଣେ ପିଲାର ପାଠପଢ଼ାରେ ମନ ନାହିଁ, କିନ୍ତୁ ଖେଳ କସରତରେ ଅନେକ ଦକ୍ଷତା ଅଛି। ତାକୁ ସେହି ଦିଗରେ ପ୍ରୋତ୍ସାହିତ କଲେ ସେ ଭବିଷ୍ୟତରେ ଜଣେ ଉତ୍କୃଷ୍ଟ କ୍ରୀଡ଼ାବିଦ୍ ହୋଇଉଠିପାରେ।

ତା'ଛଡ଼ା ଛାତ୍ରୀଛାତ୍ରଙ୍କର ଚରିତ୍ର ଗଠନ ତଥା ସେମାନଙ୍କ ଜୀବନକୁ ଶୁଭସଂସ୍କାରରେ ଅଭ୍ୟସ୍ତ କରିବାକୁ ଶିକ୍ଷୟିତ୍ରୀଶିକ୍ଷକମାନେ ଯଦି ସର୍ବଦା ସଜାଗ ନ ରହନ୍ତି, ଶାସନ ନ କରନ୍ତି ତେବେ କେବଳ ପରୀକ୍ଷାରେ ଗ୍ରେଡ୍ ପଏଣ୍ଟ ପ୍ରତି ଦୃଷ୍ଟି ଦେଲେ ହିଁ କ'ଣ ଶିକ୍ଷା ସାର୍ଥକ ହେବ ? ଆଜିକାଲି ଚପଳମତି ବାଳିକାବାଳକଙ୍କ ନାନା ଅପକର୍ମର ଯେଉଁସବୁ ଘଟଣା ପତ୍ରପତ୍ରିକାରେ ପ୍ରକାଶିତ ହେଉଛି, ତାହା ଶୁଣିଲେ ମନ ଦୁଃଖରେ ଭାରାକ୍ରାନ୍ତ ହୋଇପଡ଼େ। ସରକାର ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଉପରେ ଶାସନ ସମ୍ବନ୍ଧୀୟ ନାନା ପ୍ରକାର କଟକଣା ଏବଂ ଶୃଙ୍ଖଳାଗତ ଶାସ୍ତିବିଧାନର ବ୍ୟବସ୍ଥା କରିଛନ୍ତି। ପରିଣାମ ସ୍ୱରୂପ ସେମାନେ 'କାଦୁଅକୁ କାହିଁକି ଯିବା, ଗୋଡ଼ କାହିଁକି ଧୋଇବା' ନ୍ୟାୟରେ ଛାତ୍ରୀଛାତ୍ରମାନଙ୍କର ମାରାତ୍ମକ ଦୋଷତ୍ରୁଟିଗୁଡ଼ିକ ପ୍ରତି ମଧ୍ୟ ଆଖିବୁଜି ଦେଉଛନ୍ତି। ଏହା ଆଦୌ ଶୁଭଲକ୍ଷଣ ନୁହେଁ। ଏହାର ମାରାତ୍ମକ କୁପରିଣାମ ପ୍ରତ୍ୟେକ ପରିବାର ଏବଂ ସମାଜକୁ ଭୋଗିବାକୁ ପଡୁଛି। ଅବଶ୍ୟ କେତେଜଣ ଶିକ୍ଷକ ଶାସନ ନାମରେ ପିଲାଙ୍କ ପ୍ରତି ନିଷ୍ଠୁର ଆଚରଣ କରିଥାନ୍ତି ଯାହା ସର୍ବାଦୌ ନିନ୍ଦନୀୟ। ସେଥିପାଇଁ ସମସ୍ତ ଶିକ୍ଷକଙ୍କୁ ସେହି ପର୍ଯ୍ୟାୟଭୁକ୍ତ କରିବା ଉଚିତ ମନେହୁଏ ନାହିଁ। ତେଣୁ ଅନ୍ତରରେ ଗଭୀର ସ୍ନେହ ଏବଂ ସହାନୁଭୂତି ନେଇ ଛାତ୍ରୀଛାତ୍ରମାନଙ୍କ ଜୀବନକୁ ସତ୍‌ପଥରେ ପରିଚାଳିତ କରିବା ଏବଂ ଆବଶ୍ୟକ ସ୍ଥଳେ ଉପଯୁକ୍ତ ତିରସ୍କାର ତଥା ଯୁକ୍ତିଯୁକ୍ତ ପରାମର୍ଶ ଦ୍ୱାରା ସେମାନଙ୍କ ଦୋଷତ୍ରୁଟିଗୁଡ଼ିକୁ ନିୟନ୍ତ୍ରିତ କରିବା ପ୍ରତ୍ୟେକ ଦାୟିତ୍ୱଶୀଳ ଶିକ୍ଷକ ଏବଂ ଅଭିଭାବକଙ୍କ ଏକାନ୍ତ କର୍ତ୍ତବ୍ୟ ମନେହୁଏ ନଚେତ୍ ଯେକୌଣସି ଶିକ୍ଷା ବ୍ୟବସ୍ଥା ବ୍ୟର୍ଥହେବାକୁ ବାଧ୍ୟ।

ମୋ:୯୪୩୭୨୮୭୯୬୪

## ଏଇ ଭାରତରେ

ବର୍ଜ୍ୟର ସଦ୍ ଉପଯୋଗ କରିବାରେ ପଦକ୍ଷେପ ନେଇ ହାଇଦ୍ରାବାଦର ମହମ୍ମଦ ଆଖାର ମୋହିମୁଦ୍ଦିନ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ କାର୍ଯ୍ୟ ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଛି। ସେ 'ବାୟୋ ରିଫର୍ମ' ଷ୍ଟାର୍ଟଅପ୍ ଗଠନ କରି ତା'ମାଧ୍ୟମରେ ମକା ବର୍ଜ୍ୟରୁ ବ୍ୟାଗ ତିଆରି କରୁଛନ୍ତି। ୨୦୨୨ରେ ସେ ଇଞ୍ଜିନିୟରିଂର ତୃତୀୟ ବର୍ଷ ଛାତ୍ର ଥିବାବେଳେ ମାତ୍ର ୨୨ ବର୍ଷ ବୟସରେ ବାୟୋ ରିଫର୍ମ ପ୍ରତିଷ୍ଠା କରିଥିଲେ। ଏହି ବ୍ୟାଗ ସମ୍ପୂର୍ଣ୍ଣ ବିଘଟନଯୋଗ୍ୟ। ଆଖାର ମୁଖ୍ୟତଃ କ୍ୟାରି ବ୍ୟାଗ, ବାୟୋମେଡିକାଲ ୱେଷ୍ଟ ବ୍ୟାଗ, ଗାର୍ବେଜ ବ୍ୟାଗ, ଫୁଡ୍ ପାଉଚ ଇତ୍ୟାଦି ତିଆରି କରୁଛନ୍ତି। ଏହି ସବୁ ବ୍ୟାଗ ମାଟିରେ ୧୮୦ ଦିନରେ ମିଶିଯାଉଛି ଏବଂ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର କମାଇ ପ୍ରଦୂଷଣ ଦୂର କରୁଛି ବୋଲି କୁହନ୍ତି ମୋହିମୁଦ୍ଦିନ। ଏଭଳି ବ୍ୟାଗ ତିଆରି କରିବାରେ ସେ ମକା ବର୍ଜ୍ୟ ସହ ସୁଗାର, ସେଲୁଲୋଜ ଓ ଅନ୍ୟାନ୍ୟ ପ୍ରାକୃତିକ ଉପାଦାନ ବ୍ୟବହାର କରୁଛନ୍ତି। ଗତ ବର୍ଷ ଏହି ବ୍ୟାଗରୁ ସେ ୧.୮ କୋଟି ଟଙ୍କା ଆୟ କରିଥିଲେ। ଏବେ ଦିନକୁ ୪-୫ ଲକ୍ଷ ବ୍ୟାଗ ତିଆରି ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଡିସେମ୍ବର ୧୯୭୫

- ପାଉଣ୍ଡ ଷ୍ଟାରଲିଂ ସହ ଭାରତୀୟ ମୁଦ୍ରାର ବିନିମୟ ହାର ବୃଦ୍ଧି ପାଇଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି।
- ଜାତିସଂଘ ନିରାପତ୍ତା ପରିଷଦର କାର୍ଯ୍ୟସୂଚୀରେ ସର୍ବପ୍ରଥମ ଥର ପାଇଁ ଅଂଶଗ୍ରହଣ କରିବାକୁ ପାଲେଷ୍ଟାଇନ ମୁକ୍ତି ସଙ୍ଗଠନକୁ ନିରାପତ୍ତା ପରିଷଦ ନିମନ୍ତ୍ରଣ ଜଣାଇଛି।
- ଇସ୍ରାଏଲ ଏବେ ମଧ୍ୟ ଆରବ ଇଲାକା ଦଖଲ କରି ରହିଥିବାରୁ ଏହାର ନିନ୍ଦା କରି ଜାତିସଂଘ ସାଧାରଣ ପରିଷଦର ଏକ ପ୍ରସ୍ତାବ ଗୃହୀତ ହୋଇଛି।

## ଚିରନ୍ତନୀ

ମୁଖେ ନାହିଁ କଥା ନାହିଁ କି ତୋର
ମଥାରେ କିଛି
ଚିକୁର ଶୋଭାରେ ସେ ଖାଲି ଚିର
ରହିବ ଛି ଛି।

-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବ ବଢୁଛି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ବର୍ତ୍ତମାନ ମାଳ ମାଳ ସାମ୍ବାଦିକଙ୍କ ମେଳି ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କିଏ ଅସଲି ଓ କିଏ ନକଲି ସାମ୍ବାଦିକ ସେ ନେଇ ସଂଶୟ ଜାତହେଲାଣି। ଏତେ ସଂଖ୍ୟାରେ ନକଲି ସାମ୍ବାଦିକ ହୋଇଗଲେଣି ଯେ, ଅସଲି ସାମ୍ବାଦିକ ଅଣନିଃଶ୍ୱାସୀ ହୋଇ ପଡ଼ିଲେଣି। ଏମିତି କି ଦୀର୍ଘ ବର୍ଷ ଧରି ସାମ୍ବାଦିକତା କରୁଥିବା ସାମ୍ବାଦିକଙ୍କୁ ପଞ୍ଜୀକୃତ ନ କରିବା ପରିତାପର ବିଷୟ। ସାମ୍ବାଦିକ ବୋଲି କହିବା, ନିଜ ଗାଡ଼ିରେ ପ୍ରେସ୍ ଲେଖି ବୁଲିବା କିମ୍ବା ସାମ୍ବାଦିକଙ୍କ ପରିଚୟ ପାଇଁ ଏକ କାର୍ଡ ଧରି ବୁଲିଲେ ଜଣେ ସାମ୍ବାଦିକ ହୁଏନା। ଏହି ନକଲି ସାମ୍ବାଦିକମାନଙ୍କ ମଧ୍ୟରୁ କିଛି ରାଜନୈତିକ ବ୍ୟକ୍ତିଙ୍କ ନାଁ ନେଇ ନିଜ ଫାଇଦା ସାଧନରେ ଲାଗିପଡ଼ିଛନ୍ତି। ଏମିତିକି କେତେଜଣ ନକଲି ସାମ୍ବାଦିକ ପୋଲିସ ଓ ସ୍ଥାନୀୟ ପ୍ରଶାସନର ନିକଟତର ହୋଇ ସମଗ୍ର ଅଞ୍ଚଳରେ ନିଜର ପ୍ରତିପତ୍ତି ଓ ପ୍ରତିଆରା ବିସ୍ତାର କରିବା ସେମାନଙ୍କର ଯେମିତି ଏକ ଅଭ୍ୟାସ ହୋଇପଡ଼ିଲାଣି। ଅଞ୍ଚଳରୁ କେତେଜଣ ଗଣମାଧ୍ୟମ ପ୍ରତିନିଧି ବିଭିନ୍ନ ଅଫିସ, ଠିକାଦାର ଓ ସାଧାରଣ ଜନତାଙ୍କଠାରୁ ଚାନ୍ଦା ଆଦାୟ କରିବା ଏବେ ଜନସାଧାରଣଙ୍କ ଚିନ୍ତା ବଢ଼ାଇଛି। ସାମ୍ବାଦିକତାର ଅର୍ଥକୁ କଦର୍ଥକରି ସାମ୍ବାଦିକତା କରିବା ଘୋର ପରିତାପର ବିଷୟ ହୋଇପଡିଛି। କେତେଜଣ ନକଲି ସାମ୍ବାଦିକ ପୋଲିସର ନିକଟତର ହୋଇ ଦଲାଲି କରୁଥିବା ବେଳେ ସେମାନଙ୍କୁ ପୋଲିସ ପରଖି ନ ପାରିବା ହାସ୍ୟାସ୍ପଦ ଘଟଣା। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

-ଦେବବ୍ରତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିରନ୍ତର ଶିକ୍ଷା ହିଁ ସଫଳତାର ଚାବିକାଠି




ଭୁବନେଶ୍ୱର,୬।୧୨ (ଅନୁରାଧା ମହାରଣା)

## ବିଜିୟୁର ସମାବର୍ତ୍ତନ ଉତ୍ସବ

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ୭ମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଗୋଠପାଟଣାସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବୋର୍ଡ ଅଫ୍ ଗଭର୍ନର୍ସର ସଦସ୍ୟ ଡ. ପିକେ ମିଶ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜେଏମ୍ ଫାଇନାନ୍ସିଆଲ ଲିଃର ପରିଚାଳନା ନିର୍ଦ୍ଦେଶକ (ଡିଜିଟାଲ ଟେକ୍ନୋଲୋଜି -ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍) ମୁଖ୍ୟ ଅଭିଷେକ ଭଗତ ଅତିଥି ଭାବେ ଯୋଗଦେଇ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିଥିଲେ। ସେ କହିଲେ, ଅନିଶ୍ଚିତତା ଏକ ଆହ୍ୱାନ ନୁହେଁ ବରଂ ଏକ ସୁଯୋଗ। ଅନଭିଜ୍ଞତାକୁ ଦୁର୍ବଳତା ନୁହେଁ, ଏକ ନୂତନ ସମ୍ଭାବନା ରୂପେ ଦେଖିବାକୁ ସେ ସ୍ନାତକ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଶିକ୍ଷାର କଦାପି ଅନ୍ତ ହୁଏ ନାହିଁ। ନିରନ୍ତର ଭାବେ ନୂତନ କୌଶଳକୁ ଆପଣାଇବା ହିଁ ସଫଳତାର ଚାବିକାଠି। ବିଜିୟୁ କୁଳପତି କୁଳଭୂଷଣ ବାଲୁନି ବାର୍ଷିକ ବିବରଣୀ ପାଠ କରିବା ସହ ବିଜିୟୁର କ୍ରମାଗତ ସଫଳତାକୁ ଦର୍ଶାଇଥିଲେ। ରେଜିଷ୍ଟ୍ରାର ବି. କେ. ଦାସ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ୨୪୦ଜଣ ସ୍ନାତକୋତ୍ତର ଏବଂ ୧୮୯ଜଣ ସ୍ନାତକ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗରେ ଟପ୍ପର ହୋଇଥିବା ୧୯ଜଣ ଛାତ୍ରୀଛାତ୍ରଙ୍କୁ ଗୋଲ୍ଡ ମେଡାଲ ଓ ୫ ଜଣ ପିଏଚ୍‌ଡି ଗବେଷକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜିୟୁ ପକ୍ଷରୁ ଆଲୁମ୍ନି ମିଟ୍ ଅନୁଷ୍ଠିତ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ତଦନ୍ତ ରେକର୍ଡ ଦାଖଲ ପାଇଁ ସମୟ ନେଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୬।୧୨(ସତ୍ୟଜିତ୍ ରାଉତ)

## ଭରତପୁର ଥାନା ନିର୍ଯାତନା ଘଟଣାର ଶୁଣାଣି

- ଆର୍ମି ଅଫିସର, ବାନ୍ଧବୀଙ୍କୁ ଜେରା ପ୍ରକ୍ରିୟା ସ୍ଥଗିତ
- ୧୮ରେ ଉଭୟ ପକ୍ଷ ଜେରା ପାଇଁ ସାକ୍ଷୀ ତାଲିକା ଦେବେ

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ପକ୍ଷରୁ ଶୁକ୍ରବାର ଶୁଣାଣି ହୋଇଛି। କ୍ରାଇମବ୍ରାଞ୍ଚ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ଏହାର ରିପୋର୍ଟ କପି ଦାଖଲ କରିବାକୁ କମିଶନଙ୍କ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ତେବେ ଶୁଣାଣି ବେଳେ ତଦନ୍ତ ରେକର୍ଡ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆଉ ୭ରୁ ୮ ଦିନ ସମୟ ନିଆଯାଇଛି। ତଦନ୍ତରେ ଆଉ କିଛି ଦିଗ ବାକି ରହିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କମିଶନଙ୍କୁ କୁହାଯାଇଛି। ତେଣୁ ଅଭିଯୁକ୍ତ ପୋଲିସ ଅଫିସରଙ୍କ ପକ୍ଷରୁ ଆର୍ମି ଅଫିସର ଓ ବାନ୍ଧବୀଙ୍କୁ ଜେରା ପାଇଁ ଶୁକ୍ରବାର ଧାର୍ଯ୍ୟ ହୋଇଥିବାବେଳେ ଉକ୍ତ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି। ତେବେ ଡିସେମ୍ବର ୧୧ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ କମିଶନଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ହୋଇଥିବାବେଳେ ୧୮ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ କମିଶନ ଦିନ ଧାର୍ଯ୍ୟ କରିଛନ୍ତି। ଉକ୍ତ ଦିନ ଶୁଣାଣି ବେଳେ ଉଭୟ ପକ୍ଷ କେଉଁମାନଙ୍କୁ ଜେରା ପାଇଁ ଚାହୁଁଛନ୍ତି ସେନେଇ କମିଶନଙ୍କୁ ସାକ୍ଷୀ ତାଲିକା ଦେବେ। ଉଭୟ ପକ୍ଷଙ୍କ ପକ୍ଷରୁ ତାଲିକା ଦିଆଯିବା ପରେ କମିଶନ ଜେରା ପାଇଁ ଆଉ ଏକ ଦିନ ଧାର୍ଯ୍ୟ କରିବେ ବୋଲି କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ସର୍କିଟ୍ ହାଉସ୍‌ରେ ହୋଇଥିବା ଏହି ଶୁଣାଣି ବେଳେ କମିଶନଙ୍କ ଟିମ୍ ସମେତ ଉଭୟ ପକ୍ଷଙ୍କ ଓକିଲ, ରାଜ୍ୟ ସରକାରଙ୍କ ଓକିଲ ଓ କ୍ରାଇମବ୍ରାଞ୍ଚର ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୪ ରାତିର ରାସ୍ତାରେ ଦୁର୍ବ୍ୟବହାର ଅଭିଯୋଗକୁ ନେଇ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ଆସିଥିଲେ। ହେଲେ ସେଠାରେ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ଥାନା ଆଇଆଇସିଙ୍କ ସହ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏଥିସହ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେବା ସହ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ତେବେ ଏହି ଘଟଣାରେ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସ ଗତ ଡିସେମ୍ବର ୧୯ରେ ଭରତପୁର ଥାନା ଯାଇ ତଦନ୍ତ କରିବା ସହ ସେପ୍ଟେମ୍ବର ୧୪(ଶନିବାର) ବିଳମ୍ବିତ ରାତିରେ କ'ଣ ସବୁ ଘଟିଥିଲା ତାହା ପଚରାଉଚରା କରି ବୟାନ ରେକର୍ଡ କରିଥିଲେ।

## ୧୨ ଲକ୍ଷ ଠକେଇ, ମହିଳା ଗିରଫ

ଭୁବନେଶ୍ୱର,୬।୧୨ (ସୂର୍ଯ୍ୟକାନ୍ତ ବେହେରା)

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟଙ୍କଠାରୁ ୧୨ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ମଡେଲ ଥାନା ଅଞ୍ଚଳର ସୂର୍ଯ୍ୟକାନ୍ତୀ ମହାନ୍ତି। ଜାମିନ ନ ମିଳିବାର ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତା ମହିଳା ଜଣକ ନେଇଥିବା ଟଙ୍କାରେ ନିଜ ବାସଗୃହ ମରାମତି ଓ ଅନ୍ୟାନ୍ୟ ଖର୍ଚ୍ଚ କରିଦେଇଥିବା ଜଣାପଡିଛି।

ସୂଚନାନୁସାରେ, କଳିଙ୍ଗ ବିହାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟଙ୍କଠାରୁ ଅଭିଯୁକ୍ତା ସୂର୍ଯ୍ୟକାନ୍ତି ୧୨ ଲକ୍ଷ ଟଙ୍କା ନେବା ସହ ଅଧିକ ସୁଧ ସହିତ ଟଙ୍କା ଫେରେଇବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଟଙ୍କା ନେବା ପରେ ମହିଳା ଜଣକ ଆଉ ଧରାଛୁଆଁ ଦେଉ ନ ଥିଲେ। ସେ ରହୁଥିବା ଭଡା ଘର ଛାଡି ଦେବା ସହ ନିଜ ମୋବାଇଲ ଫୋନ ବନ୍ଦ କରିଦେଇଥିଲେ। ମାସେ ହେବ ସେ ଧରାଛୁଆଁ ଦେଉ ନ ଥିଲେ। ଗତ ୫ ତାରିଖ ସନ୍ଧ୍ୟାରେ ସ୍ୱୟଂସହାୟକ ଗୋଷ୍ଠୀର କେତେଜଣ ସଦସ୍ୟ ସମ୍ପୃକ୍ତ ମହିଳାଙ୍କୁ ଜଟଣୀ ଅଞ୍ଚଳରେ ଦେଖି କାବୁ କରିନେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ମହିଳା ଜଣକ ଗାଳିଗୁଲଜ ଓ ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟାମାନେ ଅଭିଯୁକ୍ତ ମହିଳାଙ୍କୁ ଜଟଣୀ ପୋଲିସ ସହାୟତାରେ ତମାଣ୍ଡୋ ଥାନା ପୋଲିସ ଜିମା ଦେଇଥିଲେ। ଠକେଇର ଶିକାର ମହିଳାଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ସୂର୍ଯ୍ୟକାନ୍ତିଙ୍କୁ ଗିରଫ କରିଥିଲା।

# 'ସନ୍ତାନଙ୍କୁ ଗଢ଼ିବାରେ ମାତାପିତାଙ୍କ ତ୍ୟାଗ ଅତୁଳନୀୟ'

## ଡ୍ରିମ୍ସରେ ଇଚ୍ଛାବତୀ ରଥଙ୍କ ୮ମ ବାର୍ଷିକ ସ୍ମୃତିସଭା

କଟକ,୬।୧୨ (କାର୍ତ୍ତିକ ସାହୁ)



ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ପିତା ପରିବାରର ମୁଖ୍ୟ ହେଲେ ମା' ମେରୁ ସଦୃଶ। ସନ୍ତାନଙ୍କୁ ମଣିଷ କରି ଗଢ଼ି ତୋଳିବାରେ ମାତାପିତାଙ୍କ ତ୍ୟାଗ ଅତୁଳନୀୟ। ସନ୍ତାନର ସଫଳତାରେ ମାତାପିତା କେବଳ ଖୁସି ହୁଅନ୍ତି ନାହିଁ, ଏହାଦ୍ୱାରା ସେମାନଙ୍କ ସମ୍ମାନ ମଧ୍ୟ ବଢ଼ିଥାଏ ବୋଲି ସନ୍ଥ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ମହାରାଜ ମତବ୍ୟକ୍ତ କରିଛନ୍ତି। କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାମିଜୀ ଯୋଗଦେଇ କହିଛନ୍ତି, ମାତୃଶକ୍ତି ବିନା ଜଗତରେ କିଛି ବି ପରିବର୍ତ୍ତନ ହୋଇପାରେନା। ମାତାପିତା ଓ ଗୁରୁଜନଙ୍କୁ ଶ୍ରଦ୍ଧା, ସମ୍ମାନ ଏବଂ ସେବାଯତ୍ନ କଲେ ନିଜେ ସୁଖୀ ହେବା ସହିତ ସମାଜ ଓ ଦେଶ ବୈଭବମଣ୍ଡିତ ହେବ। ସମ୍ମାନିତ ଅତିଥି ସିଦ୍ଧଗିରି ଆଶ୍ରମର ପୀଠାଧୀଶ ବାବାଜୀ ବିଶ୍ୱନାଥ ଦାସ କହିଛନ୍ତି, ପୂଜ୍ୟପୂଜା ଦ୍ୱାରା ଆମ ଉତ୍ତର ପିଢ଼ିକୁ ପ୍ରେରଣା ମିଳିଥାଏ। ସ୍ୱର୍ଗତା ଇଚ୍ଛାବତୀଙ୍କ ପୁତ୍ର ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଛନ୍ତି, ମାତାପିତା ହେଉଛନ୍ତି ଚଳନ୍ତି ଈଶ୍ୱର। ସେମାନଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ ସନ୍ତାନର ସର୍ବୋତ୍ତମ କର୍ତ୍ତବ୍ୟ। ଏହି କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ସୁଲୋଚନା ଦାସ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ. ଲଳିତ ମୋହନ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅଖିଳ ମହାପାତ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ. ଦୁର୍ଗାପ୍ରସାଦ ରଥ, ଇଂ. ଶିବ ପ୍ରସାଦ ରଥ, କଲୋନେଲ ସୁରେନ୍ଦ୍ରନାଥ ସେନ୍, ପ୍ରଫେସର ସୁଶାନ୍ତ କୁମାର ଦାସ, ଏକାଡେମିକ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ଡ. ବିଶ୍ୱରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡା. ଦୁର୍ଗାପ୍ରସାଦ ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ପ୍ରାଧ୍ୟାପକ ବାବୁରାମ ନାୟକ, ସୁନୟ ମିଶ୍ରଙ୍କ ସମେତ ପଦ୍ମିନୀ କେୟାର ହସ୍ପିଟାଲ, ମେଡିକାଲ କଲେଜର ଡାକ୍ତର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ରଥ ପରିବାରର ସଦସ୍ୟ ଯୋଗଦେଇଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆନୁଷଙ୍ଗିକ ସୁବିଧା ଅଭାବରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

ଭବାନୀପାଟଣା,୬।୧୨(ଉତ୍ତମ କୁମାର ଦାଶ)

## ଫୁର୍ଲିଝରଣ ଜଳପ୍ରପାତ



କଳାହାଣ୍ଡି ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଫୁର୍ଲିଝରଣ ଜଳପ୍ରପାତ। ଏଠାକୁ ବର୍ଷତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ବିଶେଷ କରି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଓ ନୂତନ ବର୍ଷରେ ଭୋଜି ପାଇଁ ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଥାଏ ଏହି ଜଳପ୍ରପାତ। ହେଲେ ଆନୁଷଙ୍ଗିକ ସୁବିଧା ନ ଥିବାରୁ ପର୍ଯ୍ୟଟକ ବର୍ତ୍ତମାନ ମୁହଁ ଫେରାଇବାକୁ ବସିଲେଣି।

କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ରହିଛି ଫୁର୍ଲିଝରଣ ଜଳପ୍ରପାତ। ଭବାନୀପାଟଣା ମୁଖ୍ୟାଳୟରୁ ମାତ୍ର ୧୨ କି.ମି. ଦୂରରେ ଥିବା ଏହି ଜଳପ୍ରପାତରେ ୪୯ ଫୁଟ୍ ଉପରୁ ପଡୁଥିବା ଜଳଧାରା ଲୋକଙ୍କୁ ଆକର୍ଷିତ କରିଥାଏ। ସନ୍ଧ୍ୟାରେ ଝରଣାରେ ସୂର୍ଯ୍ୟକିରଣ ପଡି ସୃଷ୍ଟି ହେଉଥିବା ଇନ୍ଦ୍ରଧନୁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ପ୍ରତିବର୍ଷ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥାଏ। ଏଠାରେ ଜଳପ୍ରପାତ ସାଙ୍ଗକୁ ଚିତ୍ତାକର୍ଷକ ଗେଟ୍, ଛୋଟ ଶିଶୁଙ୍କ ପାଇଁ ବିଭିନ୍ନ ଖେଳଣା ସାମଗ୍ରୀ ସହ ଶିଶୁ ଉଦ୍ୟାନ, ବିଭିନ୍ନ ବନ୍ୟଜନ୍ତୁଙ୍କ ସିମେଣ୍ଟ ମୂର୍ତ୍ତି, ବାଉଁଶ ଘର, ରେଷ୍ଟୁରାଣ୍ଟ, ପିଇବା ପାଇଁ ସ୍ୱଚ୍ଛ ଜଳ ବ୍ୟବସ୍ଥା, ମହିଳା ଓ ପୁରୁଷଙ୍କ ପାଇଁ ଶୌଚାଳୟ, ସେଲ୍ଫି ପଏଣ୍ଟ, ୱାଚ୍‌ଟାୱାର, ବିଶ୍ରାମ ନେବା ପାଇଁ ରେଷ୍ଟସେଡ୍ ଭଳି ବ୍ୟବସ୍ଥା ରହିଛି। ଏସବୁ ସୁବିଧା ଯୋଗୁ ଲୋକେ ଏଠାକୁ ଆସିବା ପାଇଁ ପସନ୍ଦ କରନ୍ତି। ପ୍ରବେଶ ପାଇଁ ଟିକେଟ ବ୍ୟବସ୍ଥା ରହିଥିବାରୁ ବନ ବିଭାଗକୁ ବେଶ ଲାଭ ମଧ୍ୟ ହୋଇଥାଏ। ଜଳପ୍ରପାତର ସୌନ୍ଦର୍ଯ୍ୟକରଣରେ ପ୍ରତିବର୍ଷ ଅର୍ଥ ବ୍ୟୟ ହେଉଥିବା ବେଳେ କିଛି ମୌଳିକ ଅସୁବିଧା ପାଇଁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫୁର୍ଲିଝରଣ ଜଳପ୍ରପାତ ଅଭୟାରଣ୍ୟ ମଧ୍ୟରେ ଥିବାବେଳେ ସେଠି କୌଣସି ନେଟ୍‌ୱର୍କର ସୁବିଧା ନାହିଁ। ଫଳରେ କୌଣସି ଅଘଟଣ ଘଟିଲେ ପୋଲିସ କିମ୍ବା ଆମ୍ବୁଲାନ୍ସ ଡାକିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡେ। ମହିଳାମାନଙ୍କ ପାଇଁ ଥିବା ଶୌଚାଳୟ ଅନେକ ସମୟରେ ତାଲା ପଡି ରହିଥିବାରୁ ମହିଳାମାନେ ଅସୁବିଧାର ସାମ୍ନା କରିଥାନ୍ତି। ରେଷ୍ଟୁରାଣ୍ଟ ମଧ୍ୟ ପ୍ରାୟ ସମୟରେ ବନ୍ଦ ରହୁଥିବାରୁ ସେଠାରେ କୌଣସି ଖାଇବା ଜିନିଷ ମିଳେ ନାହିଁ। ବାହାରୁ ଖାଦ୍ୟ ନେଇ ଯିବା ପାଇଁ ମନା କରାଯାଉଥିବା ବେଳେ ଜଳପ୍ରପାତ ଜଙ୍ଗଲ ଭିତରେ ଥିବାରୁ ଆଖପାଖରେ କୌଣସି ଜିନିଷ ମିଳିବା ସମ୍ଭାବନା ମଧ୍ୟ ନ ଥାଏ। ଏଥିପାଇଁ ଲୋକେ ଭୋକଉପାସରେ ଫେରି ଆସୁଥିବା ଦେଖାଯାଏ। ଜଳପ୍ରପାତ ପାଖରେ ଏକ ଲୁହା ରେଲିଂକୁ ଛାଡିଦେଲେ ଅନ୍ୟ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଲୋକେ ଅନେକ ସମୟରେ ପାଣିରେ ପଡି ପ୍ରାଣ ହରାଉଥିବା ଖବର ସାମ୍ନାକୁ ଆସେ। ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ କରାଗଲେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଥିପ୍ରତି ଜିଲା ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଦୁର୍ଘଟଣାରେ ଆଇନ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର,୬।୧୨(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଆଇନ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଛାତ୍ର ହେଲେ ବାପୁଜୀ ନଗର ଝରଣାସାହିର ସନ୍ତୋଷ ଜେନା (୨୩)। ସେ କ୍ୟାପିଟାଲ ଆଇନ ମହାବିଦ୍ୟାଳୟର ଏଲ୍‌ଏଲ୍‌ବି ଦ୍ୱିତୀୟ ବର୍ଷର ଛାତ୍ର। ସ୍ଥାନୀୟ ଲୋକଙ୍କ ସୂଚନାନୁସାରେ, ସନ୍ତୋଷ କ୍ୟାପିଟାଲ ହସ୍ପିଟାଲ ଓ ଏଜି ଛକ ରାସ୍ତା ମଝିରେ ଦୁର୍ଘଟଣାର ଶିକାର ହୋଇ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପାଖରେ ଏକ ବାଇକ ମଧ୍ୟ ପଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ମଧ୍ୟ ସନ୍ତୋଷଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ତେବେ ସନ୍ତୋଷ ଭାରସାମ୍ୟ ହରାଇ ନିଜେ ଗାଡିରୁ ପଡିଗଲେ ନା କେଉଁ ଅଜଣା ଗାଡ଼ି ଧକ୍କା ଦେବାରୁ ଦୁର୍ଘଟଣାର ଶିକାର ହେଲେ, ତାହାର ଠିକ୍ କାରଣ ଜଣାପଡିନାହିଁ। ଏନେଇ ସନ୍ତୋଷଙ୍କ ପରିବାର ଲୋକେ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେତେବେଳେ ଫୁଲିର ମାଲପା ଥପ ଥପ**
**କେତେବେଳେ କାଠ ଖଣ୍ଡକେ ରମ୍ପ ରମ୍ପ ।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହା କାହାର ଦୁଃଖ ଦାରିଦ୍ର୍ୟ ଚିର ସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ କାଟୁଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୋଳରେ ଶୁଏ, କାନରେ କୁହେ**
**ତା' କଥା କି ଅନ୍ୟଥା ହୁଏ ।**

ସଦାସର୍ବଦା ଯିଏ ଫାଇଦା ପାଇବାକୁ ପାଖେ ପାଖେ ଛାଇ ପରି ଲାଗି ରହିଥାଏ ସେ କେବେ ନିରାଶ ହୁଏନାହିଁ। କଳେବଳେ ସେ ତା'ର ଈପ୍ସିତ କାର୍ଯ୍ୟ କରାଇନେବାରେ ସଫଳ ହୋଇଥାଏ। କ'ଣ କଲେ କାମ ହୋଇଯିବ ତାହା ତାଙ୍କୁ ବେଶ୍ ଭଲ ଭାବେ ଜଣା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

DSPL - 238
ସତ୍ୟମେବ ଜୟତେ



ସଶସ୍ତ୍ର ସେନା ପତାକା ଦିବସ ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୪ ଅବସରରେ, ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ସଶସ୍ତ୍ର ବାହିନୀର ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରେ । ଦେଶର ଆଭ୍ୟନ୍ତରୀଣ ତଥା ବାହ୍ୟ ସୁରକ୍ଷା, ଏବଂ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନଙ୍କର ଦେଶପ୍ରେମ, ବୀରତ୍ୱ, ବଳିଦାନ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛି ।

ଏହି ଅବସରରେ ଗର୍ବର ସହିତ ସଶସ୍ତ୍ର ବାହିନୀର ପତାକା ଧାରଣ କରି ଏବଂ ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଦାନ କରି ସମଗ୍ର ଦେଶ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା, ଭିନ୍ନକ୍ଷମ ସୈନିକଙ୍କ ପୁନଃଥଇଥାନ ପାଇଁ ସହାନୁଭୂତି ଏବଂ ସମର୍ଥନ ଜଣାଇଥାଏ ।

ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ନାଗରିକମାନଙ୍କୁ ନିବେଦନ କରୁଛି ଯେ, ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଉଦାର ହୃଦୟରେ ଦାନ କରନ୍ତୁ ।

ଜୟ ହିନ୍ଦ !

(ରଘୁବର ଦାସ)
ରାଜ୍ୟପାଳ, ଓଡ଼ିଶା



ସଶସ୍ତ୍ର ସେନା ପତାକା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା

ଡିସେମ୍ବର ୭, ୨୦୨୪ ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ, ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗ ତଥା ସୀମାନ୍ତରେ ମୁତୟନ ଥିବା ସମସ୍ତ ସେନାନୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ଆମ ଦେଶକୁ କେବଳ ବାହ୍ୟ ବିପଦରୁ ନୁହେଁ ବରଂ ଆଭ୍ୟନ୍ତରୀଣ ବିଦ୍ରୋହ, ଆତଙ୍କବାଦ ତଥା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଶାସନକୁ ସାହାଯ୍ୟ କରିବାରେ ସଶସ୍ତ୍ର ବାହିନୀ ନିଜ ଦକ୍ଷତାର ପରାକାଷ୍ଠା ପ୍ରଦର୍ଶନ କରିଛି । ସଶସ୍ତ୍ର ବାହିନୀର ଅନେକ ସାହସୀ ଏବଂ ନିର୍ଭୀକ ବୀରମାନେ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ମଧ୍ୟ ସହିଦ ହୋଇଛନ୍ତି । ଏହି ଦିନଟି ଆମର ବୀର ତଥା ସାହସୀ ସୈନିକମାନଙ୍କୁ ସମ୍ମାନିତ କରିବା ଏବଂ ସଶସ୍ତ୍ର ବାହିନୀ ପ୍ରତି ଆମର ଦୃଢ଼ ସମର୍ଥନ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ ।

ଏହି ଐତିହାସିକ ଦିବସ ଅବସରରେ, ମୁଁ ଓଡ଼ିଶାର ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ସେବାରତ, ସେବାନିବୃତ୍ତ ସୈନିକ, ଯୁଦ୍ଧ ବିଧବା ତଥା ଭିନ୍ନକ୍ଷମ ସୈନିକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଓ ପୁନଃଥଇଥାନ ନିମନ୍ତେ ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରନ୍ତୁ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0001/2425

# ହାତୀ, ଗୋସୁରକ୍ଷା ନେଇ ବିଧାନସଭାରେ ପ୍ରଶ୍ନ କଲେ ବିଧାୟକ

■ ମନ୍ତ୍ରୀ କହିଲେ ଚାଲାଣ ନୁହେଁ, ଗୋରୁହାଟରେ ବିକାକିଣା ହେଉଛି
■ ସୁରକ୍ଷା ସଚେତନତା, ବନୀକରଣ ପାଇଁ ୫ ବର୍ଷରେ ୩୫୩ ଲକ୍ଷ ଖର୍ଚ୍ଚ ହୋଇଛି

ଗୁଣପୁର,୬।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ବନୀକରଣ ସହ ହାତୀ, ଗୋସୁରକ୍ଷା ନେଇ ବିଧାନସଭାରେ ପ୍ରଶ୍ନ ଉଠାଇବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ। ବିଭାଗୀୟ ଦୁଇ ମନ୍ତ୍ରୀ ଏହାର ଉତ୍ତର ମଧ ରଖିଛନ୍ତି। ତେବେ ଜବାବ ସହ ବାସ୍ତବ ଘଟଣାର ତାଳମେଳ ରହୁ ନ ଥିବାରୁ ପ୍ରଶାସନ ପକ୍ଷରୁ ଭୁଲ୍ ତଥ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି । ଗୁଣପୁର ଅଞ୍ଚଳରେ ହାତୀ କରିଡର ରହିଛି କି, ତା'ର ବିକାଶ ପାଇଁ କ'ଣ ପଦକ୍ଷେପ ନିଆଯାଉଛି ଓ ଜଙ୍ଗଲ ସୁରକ୍ଷା ସହ ବନୀକରଣ ଦିଗରେ କି ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ୫ବର୍ଷରେ କେତେ ଖର୍ଚ୍ଚ ହୋଇଛି ତାହା ମଧ ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଉତ୍ତର ରଖି ରାୟଗଡ଼ା ଜିଲାରେ ଦୁଇଟି ହାତୀ କରିଡର ରହିଥିବା ସୂଚନା ଦେଇଛନ୍ତି। ସେହିପରି ହାତୀଙ୍କ ଉପଯୋଗୀ ବୃକ୍ଷରୋପଣ କରିବା, ଚାରଣ ଭୂଇଁର ବିକାଶ କରିବା, କୃତ୍ରିମ ଜଳାଶୟ ସୃଷ୍ଟି କରିବା, ଜଙ୍ଗଲ ନିଆଁକୁ ରକ୍ଷା କରିବା ଓ ଜନସଚେତନତା ଭଳି ଅନେକ ପଦକ୍ଷେପ ନିଆଯାଉଥିବା କହିଥିଲେ।

ସେହିପରି ୨୦୧୯-୨୦ ଠାରୁ ୨୦୨୪-୨୫ ଯାଏଁ ରୋପିତ ବୃକ୍ଷର ସୁରକ୍ଷା, ଅଗ୍ନି ନିରୋଧକ ଦଳ ମୁତୟନ ଇତ୍ୟାଦି ପାଇଁ ୩୫୩.୨୦ ଲକ୍ଷ ଖର୍ଚ୍ଚ ହୋଇଛି। ୨୪୮ ହେକ୍ଟର ବନୀକରଣ ହୋଇଛି, ୪୪୪୦ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୬୧.୫୦ କି.ମି . ପଥପ୍ରାନ୍ତ ବନୀକରଣ, ୧୭୦୦୦ ବୃକ୍ଷ ସହରାଞ୍ଚଳରେ ରୋପଣ କରାଯାଇ ସମୁଦାୟ ୨୫୫୭.୮୨ ଲକ୍ଷ ଖର୍ଚ୍ଚ ହୋଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। କିନ୍ତୁ ବାସ୍ତବରେ ତୃଣମୂଳସ୍ତରରେ ଏହାର ଓଲଟା କାର୍ଯ୍ୟ ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଗୋ ଚାଲାଣ ଉପରେ ବିଧାୟକ ବିଧାନସଭାରେ ଗୁରୁତର ସହ ପ୍ରଶ୍ନ ଉଠାଇଥିଲେ। ପ୍ରତି ସପ୍ତାହରେ ଶନିବାର ଗୁଣପୁର ଅଞ୍ଚଳରୁ ବହୁ ସଂଖ୍ୟକ ଗୋରୁ ଆନ୍ଧ୍ର ଅଭିମୁଖେ ରାସ୍ତାରେ ଚଲାଇ ଚଲାଇ ନିଆଯାଉଥିବା ଦେଖିବାକୁ ମିଳୁଛି। କିଏ ଏହାକୁ ହତ୍ୟା ପାଇଁ କହୁଛି ତ, ଆଉ କିଏ ଏହାକୁ ବ୍ୟବସାୟ ପାଇଁ କହୁଛି। ଏଣୁ ସରକାରଙ୍କ ପାଖରେ ଏହାର କି ତଥ୍ୟ ରହିଛି ଓ ଗୋସୁରକ୍ଷା ସମେତ ରାସ୍ତାରେ ବୁଲାଗୋରୁଙ୍କ ପାଇଁ କି ପଦକ୍ଷେପ ନିଆଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହାର ଜବାବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉତ୍ତର ଦେଇ ଗୋଚାଲାଣ କିମ୍ବା ପାଦରେ ଚଲାଇ ଚଲାଇ ନେଉଥିବା ଖବର ବିଭାଗ ପାଖରେ ନାହିଁ। ରାମନାଗୁଡ଼ା ବ୍ଲକ୍ ଭାମିନି ଗୋରୁ ହାଟରେ ପ୍ରତ୍ୟେକ ଶନିବାର ୨୫ ରୁ ୩୦ ଗୋରୁ କିଣାବିକା ହେଉଛି ବୋଲି ମନ୍ତ୍ରୀ କହିଥିଲେ। ଗୋସୁରକ୍ଷା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ କି କି ପଦକ୍ଷେପ ନେଇଛନ୍ତି ତାହା ଜଣାଇଥିଲେ। ତେବେ ପ୍ରତି ଶନିବାର ସ୍ଥାନୀୟ ଅଞ୍ଚଳ ଦେଇ ଆନ୍ଧ୍ର ଅଭିମୁଖେ ଅନେକ ହଜାର ସଂଖ୍ୟାରେ ଗୋରୁ ଚାଲାଣ ହେଉଥିବା ବେଳେ ମନ୍ତ୍ରୀଙ୍କ ଉତ୍ତର ଗୋପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । କାରଣ ଗୋଚାଲାଣ, ହତ୍ୟାକୁ ନେଇ ଏଠାରେ ବହୁ ଥର ଆନ୍ଦୋଳନ ହୋଇଛି । ଗୋସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣ ମଧ ହୋଇଛି । ଏପରିକି ମାମଲା ଯାଇ ଥାନା କୋର୍ଟରେ ମଧ ପହଞ୍ଚିଛି । ଏପରି ସ୍ଥିତିରେ ମନ୍ତ୍ରୀଙ୍କ ନିକଟରେ ବିଭାଗ ପକ୍ଷରୁ ଭୁଲ୍ ତଥ୍ୟ ପ୍ରଦାନ ହୋଇଥିବା ଅଭିଯୋଗ ହୋଇଛି।


ବିଧାନସଭାରେ ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ପ୍ରଶ୍ନ ପଚାରୁଛନ୍ତି ।

# କୋର୍ଟରେ ହାଜର ହେଲେ ମାଓବାଦୀ ନେତା ସବ୍ୟସାଚୀ

ଗୁଣପୁର,୬।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ଦୁଇଟି କୋର୍ଟରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ପୋଲିସ ଶୁକ୍ରବାର ହାଜର କରିଥିଲା। ଏଡିଜେଙ୍କ କୋର୍ଟରେ ୨ ଏବଂ ସବ୍ ଜଜ୍‌ଙ୍କ କୋର୍ଟରେ ୩ଟି ଏପରି ୫ ଟି ମାମଲାକୁ ନେଇ ତାଙ୍କୁ ହାଜର କରାଯାଇଥିଲା। ସେଥିରୁ ଏଡିଜେଙ୍କ କୋର୍ଟରେ ଥିବା ଗୋଟିଏ ମାମଲାରେ ତାଙ୍କର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ଅନ୍ୟ ୪ଟି ମାମଲାରେ ସାକ୍ଷୀ ନ ଆସିବାରୁ ସାକ୍ଷ୍ୟ ଗ୍ରହଣ ହୋଇ ପାରି ନ ଥିବା ଜଣାପଡ଼ିଛି।

# ଅକ୍ଷରଧାମ ମନ୍ଦିରରୁ ଚଇତି ଶୁଭାରମ୍ଭ ପାଇଁ ସମୀକ୍ଷା



ପଦ୍ମପୁର,୬।୧୨ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲାପାଳଙ୍କ ନିଷ୍ପତ୍ତି ପ୍ରକାରେ ଜିଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି -୨୦୨୪' କାର୍ଯ୍ୟକ୍ରମ ପଦ୍ମପୁର ବ୍ଲକ୍‌ର ମରିଚଗୁଡ଼ା ଅକ୍ଷରଧାମ ମନ୍ଦିରରେ ପୂଜାର୍ଚ୍ଚନା ପରେ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ଗୁରୁବାର ପଦ୍ମପୁର ବ୍ଲକ୍ ସଦ୍‌ଭାବନା ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ବ୍ଲକ୍‌ସ୍ତରୀୟ ଚଇତି ସଂଯୋଜକ ତଥା ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଗ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅକ୍ଷରଧାମ ମନ୍ଦିରକୁ ଯାଇ ଅନୁଧ୍ୟାନ କରିଥିଲେ। ପରେ ସେମାନେ ବିଡିଓ ଶିବ ପଟ୍ଟନାୟକ ଓ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ଶୁକ୍ରବାର ପଦ୍ମପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ୱାଟରସେଡ୍ ପିଡି ଡ. ଦୟାନିଧି ବାଗ ସମୀକ୍ଷା କରିଥିଲେ। ବୈଠକରେ ବ୍ଲକ ଅଧକ୍ଷା ମଣିମାଳା ଶବର, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ସିଡିପିଓ ଗଦୀଶ୍ୱରୀ ଆଲୁ, ମରିଚଗୁଡା ମନ୍ଦିର କମିଟିର ସଦସ୍ୟ, ପଦ୍ମପୁର ପୋଲିସ, ଜନ ପ୍ରତିନିଧି, ଗଣମାଧମ ପ୍ରତିନିଧି ଯୋଗଦାନ କରି ଆଲୋଚନା କରିଥିଲେ । ବିଶେଷକରି ଚଇତି ଶୁଭାରମ୍ଭ କାର୍ଯ୍ୟକ୍ରମରେ କିପରି କରାଯିବ, ଜନସାଧାରଣ କେମିତି ସାମିଲ ହେବେ, କଳସ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ଟ୍ରାଫିକ ନିୟନ୍ତ୍ରଣ ଆଦି ଉପରେ ଆଲୋଚନା ହୋଇଥିଲା ।

# ଜିଆଇଇଟି ବିଶ୍ୱବିଦ୍ୟାଳୟ କୃଷି ବିଭାଗର ରାଜ ପ୍ରତୀକ ପ୍ରଥମ



ରାଜ ପ୍ରତୀକ ଦାସଙ୍କୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସମ୍ମାନିତ କରୁଛନ୍ତି ।

ଗୁଣପୁର,୬।୧୨(ପ୍ରଦୀପ କୁମାର ପାଢ଼ୀ)

**ବିଶ୍ୱ ମୃତ୍ତିକା ଦିବସରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା**

ବିଶ୍ୱ ମୃତ୍ତିକା ଦିବସରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗୁଣପୁର ଜିଆଇଇଟିବିଶ୍ୱବିଦ୍ୟାଳୟ କୃଷି ମହାବିଦ୍ୟାଳୟ ଛାତ୍ର ରାଜ ପ୍ରତୀକ ଦାସ ପ୍ରଥମ ସ୍ଥାନ ଅଧିକାରକରି ସମ୍ମାନିତ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କଠାରୁ ପୁରସ୍କୃତ ହୋଇଛନ୍ତି।

ଭୁବନେଶ୍ୱରସ୍ଥିତ କୃଷି ଭବନରେ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ କୃଷି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟରୁ ୨ଜଣ ପ୍ରତିଯୋଗୀ ସୌମ୍ୟା ଶୁଭଶ୍ରୀ ମହନ୍ତ (ଦ୍ୱିତୀୟ ବର୍ଷ) ଓ ରାଜ ପ୍ରତୀକ ଦାସ (ତୃତୀୟ ବର୍ଷ) ଅଂଶ ଗ୍ରହଣ କରିଥିଲେ। ଉତ୍ସବରେ କୃଷିମନ୍ତ୍ରୀଙ୍କ ସହ ବିଭାଗୀୟ ମୁଖ୍ୟ ସଚିବ ଡ. ଅରବିନ୍ଦ ପାଢ଼ୀ, ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧୁରୀ ଏବଂ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ନିଖିଳ ପୱନ କଲ୍ୟାଣ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସଫଳତା ନିମନ୍ତେ ଜିଆଇଇଟି ବିଶ୍ୱବିଦ୍ୟାଳୟ ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ଓ ରେଜିଷ୍ଟ୍ରାର ଡ. ଏନ୍. ଭି. ଜେ. ରାଓ ପ୍ରମୁଖ କୃଷି ମହାବିଦ୍ୟାଳୟର ଅଧାପକ ଏବଂ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୧୫ରେ ରାୟଗଡ଼ା ସାହିତ୍ୟ ମହୋତ୍ସବ

**କଥାକାର ତରୁଣକାନ୍ତି ମିଶ୍ର ପାଇବେ ରାୟଗଡ଼ ସାହିତ୍ୟ ସମ୍ମାନ**

ରାୟଗଡା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ ରାୟଗଡ଼ା ସାହିତ୍ୟ ମହୋତ୍ସବ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା୧୫ ତାରିଖରେ ରାୟଗଡ଼ା ସାହିତ୍ୟ ମହୋତ୍ସବ ଆୟୋଜିତ ହେବା ନେଇ ସ୍ଥିର ହୋଇଥିଲା। ଗତବର୍ଷ ପରି ଚଳିତ ବର୍ଷ ମଧ ତିନୋଟି ଅଧିବେଶନ ଯଥା ଉଦ୍‌ଘାଟନୀ ସମାରୋହ ବ୍ୟତୀତ ଗଳ୍ପ ଓ କବିତା ଅଧିବେଶନ ହେବା ନେଇ ସମ୍ମତି ପ୍ରକାଶ ପାଇଥିଲା । ସ୍ଥାନୀୟ ନିମନ୍ତ୍ରିତ ସାହିତ୍ୟିକଙ୍କ ଦ୍ୱାରା ଗଳ୍ପ ଓ କବିତା ପଠନ କାର୍ଯ୍ୟକ୍ରମ ହେବ । ବିଶିଷ୍ଟ କଥାକାର ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ରଙ୍କୁ ଚଳିତ ବର୍ଷ ରାୟଗଡ଼ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବା ନେଇ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ମିଶ୍ର ରାୟଗଡ଼ା ସାହିତ୍ୟ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ରାୟଗଡ଼ ସାହିତ୍ୟ ସମ୍ମାନ ଗ୍ରହଣ କରିବେ । ଏଥିସହ ଗଳ୍ପ ସୋପାନରେ ମୁଖ୍ୟ ଅତିଥି ଭାବେ ଡ. ଜୟନ୍ତୀ ରଥ ଯୋଗଦେଇ ଓଡ଼ିଆ ଗଳ୍ପର ଇତିହାସ ଓ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ନିଜର ବକ୍ତବ୍ୟ ରଖିବେ । ବିଶିଷ୍ଟ କଥାକାର ଡ. ପ୍ରଦୀପ କୁମାର ମିଶ୍ର ଓଡ଼ିଆ ଗପ ଉପରେ ନିଜର ଭିତ୍ତି ବକ୍ତବ୍ୟ ରଖିବେ । ସେହିପରି କବିତା ସୋପାନରେ ମୁଖ୍ୟ ଅତିଥି ଭାବେ ଡ. କବିତା ବାରିକ ଯୋଗଦେବେ ଏବଂ ଡ. କମଳାକୃଷ୍ଣ ତ୍ରିପାଠୀ କବିତା ଉପରେ ଭିତ୍ତିବକ୍ତବ୍ୟ ରଖିବେ। ଅନୁବାଦରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଆମ ମାଟିର ଗୌରବ ବଙ୍ଗାଳୀ ନନ୍ଦଙ୍କୁ ଉତ୍ସବରେ ସମ୍ମାନିତ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

ଏହି ଅବସରରେ ସ୍ଥାନୀୟ ସାହିତ୍ୟିକଙ୍କ ରସାଳ ସୃଜନରେ ସମୃଦ୍ଧ ମହୋତ୍ସବର ମୁଖପତ୍ର ଶବ୍ଦରାଗ ପ୍ରକାଶନ ହେବ। ସମ୍ପାଦକ ସୁଶାନ୍ତ କୁମାର ନାୟକ ସ୍ୱାଗତ ଅଭିଭାଷଣ ସହ ଚଳିତ ସାହିତ୍ୟ ମହୋତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ମହାନ୍ତି ମହୋତ୍ସବର ସଫଳ ଆୟୋଜନ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମହୋତ୍ସବର ଉପଦେଷ୍ଟା ଗୋପୀନାଥ ସାହୁ ଏବଂ କୀର୍ତ୍ତି ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ସଫଳତା ପାଇଁ ନିଜସ୍ୱ ବିଚାର ରଖିଥିଲେ । ସଂଗଠନ ସମ୍ପାଦକ ଡ. ଦ୍ୱିତୀଚନ୍ଦ୍ର ସାହୁ ମହୋତ୍ସବର ସାମଗ୍ରିକ ରୂପରେଖ ଏବଂ ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡ. ବିପିନ ବିହାରୀ ବିଶ୍ୱାଳ, ଜଗଦୀଶ ଚନ୍ଦ୍ର ଦୋରା, କୋଷାଧକ୍ଷ ରବି ଶତପଥୀ, ଡ. ପ୍ରସନ୍ନ କୁମାର ଗନ୍ତାୟତ, ବିନୋଦ ପାତ୍ର, ଲାବଣ୍ୟ ମୋହନ ପଟ୍ଟନାୟକ, ଅରୁଣ କୁମାର ପାଣିଗ୍ରାହୀ, ବିମଳ ଚାନ୍ଦ ପଟ୍ଟନାୟକ, ଶ୍ରୀଧର ପଟ୍ଟନାୟକ, ନିଳାଞ୍ଚଳ ମିଶ୍ର, ଶରତ ଚନ୍ଦ୍ର ରାଉତ, ଲୋକନାଥ ପଣ୍ଡା, ମଞ୍ଜୁଶ୍ରୀ ମୁଖାର୍ଜୀ, ତ୍ରିବେଣୀ ମିଶ୍ର, କଲ୍ୟାଣୀ ସାସମଲ, ସସ୍ମିତା କୁମାରୀ ଆଚାର୍ଯ୍ୟ, ସସ୍ମିତା ମିଶ୍ର, ମହାଶତୋ ପାଣିଗ୍ରାହୀ, ପ୍ରଶାନ୍ତି ସାହୁ, ଅରୁଣ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ନିଜ ନିଜର ପ୍ରସ୍ତାବ ରଖିଥିଲେ ।


ତରୁଣକାନ୍ତି ମିଶ୍ର ।

# ଆଦିବାସୀଙ୍କ ଜମି ଅକ୍ତିଆରକୁ ବିରୋଧ



ରାୟଗଡ଼ା,୬।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ୍ ଅମଳାଭଟ୍ଟା ଗ୍ରାମରେ ଜଣେ ଆଦିବାସୀ ବ୍ୟକ୍ତିଙ୍କ ଜମିରେ ନିର୍ମାଣକୁ ବିରୋଧ କରାଯାଇଛି। ରାୟଗଡ଼ା ତହସିଲ ଅନ୍ତର୍ଗତ ଅମଳାଭଟ୍ଟା ମୌଜାର ଖାତା ନମ୍ବର ୨୬/୨ ଅନ୍ତର୍ଗତ ପ୍ଲଟ୍ ନମ୍ବର ୧୦ରେ ୪.୮୦ ଏକର ଜମି ସମୁଲୁ ହୁଇକାଙ୍କର ରହିଛି। କେଉଁ କାଳରୁ ସେହି ଜମି ସମୁଲୁଙ୍କ ନାମରେ ଥିବା ବେଳେ ତାଙ୍କ ପରିବାର ଚାଷ କରୁଥିଲେ। ତେବେ କିଛିଦିନ ପୂର୍ବେ ନିକଟରେ ଥିବା ଆଉ ଏକ ଜମିକୁ ଡି. ଶ୍ରୀନୁ ନାମକ ଜଣେ ବ୍ୟକ୍ତି କିଣିବା ପରେ ଏହି ଜମିକୁ ମଧ ଅକ୍ତିଆର କରିବା ଆରମ୍ଭ କରିଥିଲେ। ଏଭଳିକି ସମୁଲୁଙ୍କ ଜମିରେ ଜେସିବି ମେଶିନ ଲଗାଇ ମାଟି ସମତୁଲ କରିଥିଲେ। ଏହି କାର୍ଯ୍ୟ ଚାଲିଥିବା ବେଳେ ସମୁଲୁଙ୍କ ପରିବାର ଓ ଗ୍ରାମବାସୀ ପହଞ୍ଚି ତୀବ୍ର ବିରୋଧ କରିଥିଲେ। ସେମାନଙ୍କ ଜମି ମାଫିଆଙ୍କୁ ପ୍ରଦାନ ହୋଇନାହିଁ ବୋଲି ନାରା ଦେଇଥିଲେ। ଏହାପରେ ଜମି ସମତୁଲ କାର୍ଯ୍ୟ ବନ୍ଦ ହୋଇଥିଲା। ସେଠାରେ ଏକ ଠିକା ସଂସ୍ଥାର କିଛି ଟିପ୍ପର ଥିବା ମଧ ନଜରକୁ ଆସିଥିଲା। ସୂଚନାଯୋଗ୍ୟ, ଅମଳାଭଟ୍ଟାଠାରେ ଗତ କିଛିଦିନ ପୂର୍ବରୁ ସେହି ସମାନ ଘଟଣା ନଜରକୁ ଆସିଥିଲା। ଜଣେ ମୃତ ଆଦିବାସୀଙ୍କ ନାମରେ ଜମି କିଣାବିକା ଘଟଣାରେ ପୋଲିସ ୨ଜଣ ଦଲାଲଙ୍କୁ ଗିରଫ କରିଥିଲା। ବେଆଇନ ଜମି ବିକ୍ରିର କେନ୍ଦ୍ର ବର୍ତ୍ତମାନ ଅମଳାଭଟ୍ଟା ପାଲଟିଛି। ସେହି ଛକରୁ ଚାରିଥାକିଆ ବାଇପାସ୍ ରାସ୍ତା ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବାରୁ ମାଫିଆମାନେ ମନଇଚ୍ଛା ଜମି ବିକ୍ରି କରୁଥିବା ଅଭିଯୋଗ ହେଉଛି ।

# ଭାରତୀୟ ନୌସେନା ଦିବସ ପାଳିତ

ରାୟଗଡ଼ା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ଭେଟେରାନ ସୋଲଜର୍ସ ଆସୋସିଏଶନ ପକ୍ଷରୁ ସମ୍ପାଦକ ସୁରଜିତ ହୋତାଙ୍କ ଆବାହନକ୍ରମେ ଅନୁଷ୍ଠାନ କାର୍ଯ୍ୟାଳୟରେ ଭାରତୀୟ ନୌସେନା ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭ୍ୟ ସହକାରୀ ଜିଲାପାଳ ମନୋଜ ନାହାକ, ଦେବୀପ୍ରସାଦ ପାଣିଗ୍ରାହୀ, କିଶୋର ଚନ୍ଦ୍ର କର, ସୁଧୀର ପାଣିଗ୍ରାହୀ, ରାଧାକାନ୍ତ ରଥ, ପି.କେ. ସାମଲ, ତନ୍ମୟ ରଥ, ଶଶୀ ସାହୁ, ଅଶୋକ କୁମାର ପ୍ରଧାନ, ଲମ୍ବୋଦର ପାଣିଗ୍ରାହୀ ଓ ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ରହି ଦେଶ ପ୍ରତି ସେନାଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ନିକଟରେ ସରକାରଙ୍କ ସ୍ୱୀକୃତି ପାଇଥିବା ଏହି ଅନୁଷ୍ଠାନ ତରଫରୁ ଆଗକୁ କି କି କାର୍ଯ୍ୟକ୍ରମ କରାଯିବ ସେ ବିଷୟରେ ମଧ ଆଲୋଚନା କରାଯାଇଥିଲା ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ସୋଲଜର୍ସ ଆସୋସିଏଶନ ସଦସ୍ୟ ।

# ୬ ସ୍ଥାନରେ ନୂତନ ମଣ୍ଡି ପ୍ରତିଷ୍ଠା ପାଇଁ ଯୋଜନା

ରାୟଗଡ଼ା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ୬ଟି ସ୍ଥାନରେ ମଣ୍ଡି କୋଠା ନିର୍ମାଣ ପାଇଁ ଯୋଜନା ହୋଇଛି। ରାୟଗଡା ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ଏଷ୍ଟିମେଟ କରି ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସମବାୟ ବିଭାଗ ପକ୍ଷରୁ ଅନୁଦାନ ମିଳିଲେ କୋଠା ନିର୍ମାଣ ପାଇଁ ଟେଣ୍ଡର କରାଯିବ ବୋଲି ସୂଚନା ମିଳିଛି। କେରେଡ଼ାଠାରେ ୭୬ ଲକ୍ଷ ୩୧ ହଜାର ୩୦୦, ବଡଇରୁକୁବାଡିଠାରେ ୬୩ ଲକ୍ଷ ୧୨ ହଜାର ୯୦୦, ପିପଲଗୁଡ଼ାଠାରେ ୬୩ ଲକ୍ଷ ୫୫ ହଜାର ୯୦୦, ବାଇସିଂଠାରେ ୬୮ ଲକ୍ଷ ୪୪ ହଜାର, କୁମ୍ଭିକୋଟାଠାରେ ୭୨ ଲକ୍ଷ ୩ ହଜାର ୬୦୦ ଓ ମୀରାବାଲିଠାରେ ୬୪ ଲକ୍ଷ ୧୭ ହଜାର ୯୦୦ ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି। ଏହି ୬ଟି ସ୍ଥାନରେ ଧାନ ମଣ୍ଡି ସହ ଗୋଦାମ ମଧ ନିର୍ମାଣ କରାଯିବ। ଏହାପରେ ସେହି ସ୍ଥାନରେ ହିଁ ଲ୍ୟାମ୍ପ୍‌ସ କାର୍ଯ୍ୟକ୍ଷମ କରାଯିବ ବୋଲି ଜଣାପଡ଼ିଛି। ଉପରୋକ୍ତ ୬ଟି ସ୍ଥାନ ମଧ୍ୟରୁ ୫ଟି ସ୍ଥାନ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତରେ ଅବସ୍ଥିତ। ଚାଷୀଙ୍କ ଧାନ ବିକ୍ରିର ସେଭଳି ଆଖିଦୃଶିଆ ସୁବିଧା ନ ଥିବା କାରଣରୁ ପଡ଼ୋଶୀ ରାଜ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଆଉ ଏହାର ଫାଇଦା ନେଉଛନ୍ତି ଦଲାଲ। ନୂତନ ମଣ୍ଡି ଓ ଗୋଦାମ ପାଇଁ ଲଗାତର ଦାବି ହେଉଥିଲା। ଶେଷରେ ଏଥିପାଇଁ ପ୍ରଥମ ପଦକ୍ଷେପ ଗ୍ରହଣ ହୋଇଛି। ସମବାୟ ବିଭାଗ ଅର୍ଥ ପ୍ରଦାନ କଲେ ପୂର୍ତ୍ତ ବିଭାଗ ଟେଣ୍ଡର ଡାକି ନିର୍ମାଣ କରିବ ବୋଲି ସୂଚନା ମିଳିଛି।

# ବାଣିଜ୍ୟ କର, ଦ୍ରବ୍ୟ, ସେବା କର ସମ୍ପର୍କିତ କର୍ମଶାଳା

ମୁନିଗୁଡ଼ା,୬।୧୨ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡାର ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ମୁନିଗୁଡ଼ା ମଣ୍ଡଳ ତରଫରୁ ମୁନିଗୁଡାର ଟ୍ୟାକ୍ସ ଆଡଭୋକେଟ ସନ୍ତୋଷ କୁମାର ପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ରାୟଗଡ଼ା ଜିଲା ସିଟିଓ ଜିଏସ୍‌ଟି ଯୁଗ୍ମ ଆୟୁକ୍ତ ଅବିନାଶ ଚୌଧୁରୀ, ସହକାରୀ ଆୟୁକ୍ତ ବି.କେ ଶବର, ଡି.କେ ବାଘ, ବି.କେ.ନାୟକ, ଏମ୍‌ବି ପ୍ରଧାନ ଓ ବିଭାଗୀୟ ଅଧିକାରୀ ଜେ.ସାହୁ, ଏସ.କେ.ମହନ୍ତ ଜିଏସଟି ଟ୍ୟାକ୍ସ ଓ ରିଟର୍ନ ଫାଇଲ ଉପରେ ବିଶଦ ବିବରଣୀ ପ୍ରଦାନ କରିବା ସହିତ ଟ୍ୟାକ୍ସ କ୍ଷେତ୍ରରେ ମିଳୁଥିବା ବିଭିନ୍ନ ରିହାତି, ସର୍ବକ୍ଷମା ଯୋଜନାର ସୁବିଧା ଉପରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମାର୍ଚ୍ଚେଣ୍ଟ ଆସୋସିଏଶନ ସଭାପତି ଚିନ୍ତାମଣି ସାହୁ, ସମ୍ପାଦକ ବଳରାମ ନାୟକ, ପୂର୍ବତନ ସଭାପତି ବାଲାଜୀ ପାତ୍ର, ପ୍ରଦୀପ ପରିଛା, ସତ୍ୟନାରାୟଣ ରାଓ, ଧରମ ଚାନ୍ଦ ଜୈନ, ଚିତ୍ତରଞ୍ଜନ ଦାସ, ଗୌରବ ପାତ୍ର, କେ.ଶ୍ରୀନିବାସ ପ୍ରମୁଖ ବ୍ୟବସାୟୀ ଉପସ୍ଥିତ ଥିଲେ ।

# ଜିଲାପାଳଙ୍କ କାରଣ ଦର୍ଶାଅ ନୋଟିସ ପରେ ବୈଠକ ଡାକିଲେ ପ୍ରଧାନ ଶିକ୍ଷୟିତ୍ରୀ

**ପିଲାଙ୍କୁ ସ୍କୁଲରେ କାମ କରାଇବା ଘଟଣା**

ବିଷମକଟକ,୬।୧୨(ପ୍ରସନ୍ନ କୁମାର ପଣ୍ଡା)

ଗଣଶିକ୍ଷା ବିଭାଗ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିବା ପରେ ମଧ ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ହାଟମୁନିଗୁଡ଼ା ଏମ୍‌ଇ ସ୍କୁଲରେ ପିଲାଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି। ଦିନେ କି ଦୁଇ ଦିନ ନୁହେଁ, ପ୍ରାୟ ସବୁବେଳେ ଛାତ୍ରଙ୍କୁ ମଧାହ୍ନ ଭୋଜନ ପାଇଁ ପାଣି ବୋହିବା, ଝାଡୁ ମାରିବା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ବାହାରୁ ଚା, ଜଳଖିଆ ଆଣିବାକୁ ପଠାଯାଉଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାରକରି ଗତ ୪ ତାରିଖରେ ରାୟଗଡ଼ା ଜିଲାପାଳ ପାରୁଲ ପଟୱାରି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆରତି ମିଶ୍ରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହାର ୨ ଦିନ ପରେ ପ୍ରଧାନ ଶିକ୍ଷୟିତ୍ରୀ ମିଶ୍ର ତତ୍ପର ହୋଇ ଶୁକ୍ରବାର ଅଭିଭାବକଙ୍କୁ ନେଇ ଏକ ବୈଠକ ଡାକିଥିଲେ। ବିଦ୍ୟାଳୟର କୌଣସି ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରାଯାଉ ନ ଥିବା ଏବଂ ଛାତ୍ରଙ୍କୁ ସ୍କୁଲର ବିଭିନ୍ନ କାମରେ ନିୟୋଜିତ କରାଯାଉଥିବାରୁ ବୈଠକରେ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ମିଶ୍ର କହିଛନ୍ତି, ବିଦ୍ୟାଳୟ ବୋର୍‌ୱେଲ ଖରାପ ଥିବାରୁ ବାହାରୁ ପାଣି ଅଣାଯାଉଛି। ହେଲେ ପିଲାଙ୍କୁ ପାଣି ଆଣିବାକୁ ସେ ପଠାଇ ନ ଥିବା କହିଛନ୍ତି। ଅନ୍ୟପକ୍ଷେ ଗତ ୫ ଦିନ ହେଲା ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସେମାନେ ପାଣି ବୋହୁଥିବା ପିଲାମାନେ କହିଛନ୍ତି। ଉକ୍ତ ଶିକ୍ଷୟିତ୍ରୀ ଜଣକ ଦୀର୍ଘ ୨୭ ବର୍ଷ ଧରି ହାଟମୁନିଗୁଡ଼ାରେ କାର୍ଯ୍ୟରତ ଥିବାବେଳେ ତାଙ୍କୁ କାହିଁକି ଅନ୍ୟତ୍ର ବଦଳି କରାଯାଉନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏପରିକି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ ମଧ ଶିକ୍ଷା ବିଭାଗ ପକ୍ଷରୁ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଭିଭାବକ କିଶୋର ଗାଙ୍ଗାନ ଦୋରା, ରମେଶ ଗୌଡ଼ ପ୍ରମୁଖ ଅଭିଯୋଗ କରିଛନ୍ତି। ଯଦି ସପ୍ତାହ ମଧ୍ୟରେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ବିଦ୍ୟାଳୟରେ ତାଲା ପକାଇବା ପାଇଁ ନିଷ୍ପତ୍ତି ନେଇଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଷମକଟକ ବ୍ଲକ୍ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖୋରାଙ୍କୁ ତାଙ୍କ ମୋବାଇଲ ନଂ. ୮୭୬୮୫୫୩୮୨୫ରେ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ପରେ ବିଷମକଟକ ସିଆର୍‌ସି ରଶ୍ମିତା ସାହୁଙ୍କୁ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତକରି ଉପସ୍ଥିତ ଅଧିକାରୀଙ୍କୁ ପଠାଇବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ତେଣୁ ରାୟଗଡ଼ା ଜିଲାପାଳ ଏହାର ତଦନ୍ତକରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

# ଅନ୍ତେବାସୀଙ୍କୁ ସଚେତନ କରୁଛି ମଙ୍ଗଳ ବିଭାଗ

**ନାବାଳିକା ମାତୃତ୍ୱ ଲାଭ ପରେ ଚେତା ପଶିଲା**

ଗୁଣପୁର,୬।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡରେ ଥିବା ଅନୁସୂଚିତ ଜନଜାତି ଓ ଜାତି ବିଭାଗ ହଷ୍ଟେଲରେ ଗତ କିଛିଦିନ ହେବ ନାବାଳିକା ମାତୃତ୍ୱ ଲାଭ କରିବା ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏହି ଘଟଣା ପରେ ମଙ୍ଗଳ ବିଭାଗର ଚେତା ପଶିଛି । ଫଳରେ ଶୁକ୍ରବାର ମଙ୍ଗଳ ବିଭାଗ ପକ୍ଷରୁ ଗୁଣପୁର ଉପଖଣ୍ଡର ଅନୁସୂଚିତ ଜନଜାତି ଓ ଜାତି ବିଭାଗ ପକ୍ଷରୁ ହଷ୍ଟେଲର ଅନ୍ତେବାସୀଙ୍କ ସୁରକ୍ଷା, ନିରାପତ୍ତା, ସ୍ୱାସ୍ଥ୍ୟ, ପରିମଳ ଓ ପରିଚ୍ଛନ୍ନ ସଚେତନତା କର୍ମଶାଳା ଶୁକ୍ରବାର ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଜିଲାପାଳ ପାରୁଲ ପଟୱାରି, ଗୁଣପୁର ଉପଜିଲାପାଳ କିରଣଦୀପ କୌର ସହୋତା ଯୋଗଦେଇଥିଲେ। ଜିଲାପାଳ ଉପସ୍ଥିତ ଶିବିରାର୍ଥୀଙ୍କୁ ବିଦ୍ୟାଳୟ ଓ ଛାତ୍ରାବାସର ସମସ୍ୟା ବିଷୟରେ ପଚାରି ବୁଝିବା ସହ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗୁଣପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ବିଦ୍ୟାଳୟରେ ଯାହା ଆନୁଷଙ୍ଗିକ ସମସ୍ୟା ପ୍ରଧାନ ଶିକ୍ଷକମାନେ ଲିଖିତ ଭାବେ ଜଣାଇଲେ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ରାୟଗଡ଼ା ସହକାରୀ ଜିଲା ମେଡିକାଲ ଅଧିକାରୀ ମମତା ଚୌଧୁରୀ ଭିଡିଓ ଚିତ୍ର ମାଧମରେ ପିଲାମାନଙ୍କ ସ୍ୱାସ୍ଥ୍ୟ,ପରିଷ୍କାର ଓ ପରିଚ୍ଛନ୍ନ ବିଷୟରେ ବୁଝାଇଥିଲେ। ସ୍ୱାସ୍ଥ୍ୟ କର୍ମଚାରୀ ଅଶୋକ ମିଶ୍ର ମ୍ୟାଲେରିଆ ନିରାକରଣ ଓ ମଶାରିର ବ୍ୟବହାର ବିଷୟରେ ବୁଝାଇଥିଲେ। ଜିଲା ମଙ୍ଗଳ ଅଧିକାରୀ ବିଶ୍ୱାଳ ବିଦ୍ୟାଳୟରେ ଶିକ୍ଷକମାନେ ଛାତ୍ରୀଛାତ୍ର ଓ କର୍ମକର୍ତ୍ତାଙ୍କ ସହ ଉତ୍ତମ ବ୍ୟବହାର ରଖନ୍ତୁ ଓ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ରକ୍ଷା ପ୍ରତି ସଜାଗ ରହନ୍ତୁ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସିଧାସଳଖ ଭାବେ ଛାତ୍ରୀଛାତ୍ରଙ୍କ ସହ ଯୋଡ଼ିହୋଇ ରହିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଉପ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦଳାଇ, ଗୁଣପୁର ଉପ ଜିଲା ମଙ୍ଗଳ ଅଧିକାରୀ ମଳୟ ରଞ୍ଜନ ଚିନ୍ନାରୀ ଓ ଗୁଣପୁର ଉପଖଣ୍ଡର ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଉପସ୍ଥିତ ଥିଲେ ।

ଜୀବନ କୌଶଳ ଶିକ୍ଷା ନିରୀକ୍ଷକ ସୁରେଶ କୁମାର ଲିମ୍ମା ବିଦ୍ୟାଳୟ ଓ ହଷ୍ଟେଲ ପରିଚାଳନାରେ ପ୍ରଧାନ ଶିକ୍ଷକ, ମାଟ୍ରନ ତଥା ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଓ ଦାୟିତ୍ୱ ବର୍ଣ୍ଣନା କରିଥିଲେ। ମୁଖ୍ୟତଃ ଛାତ୍ରୀଛାତ୍ରଙ୍କ ପ୍ରବେଶ ଓ ପ୍ରସ୍ଥାନ ରେଜିଷ୍ଟର ବ୍ୟବହାର, ସୁରକ୍ଷା ଓ ନିରପତ୍ତା, ଉଭୟ ଦଳଗତ ଓ ଏକକ ଭାବେ କାଉନସେଲିଂ ତଥା ସିସି ଟିଭିର ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ । ଗୁଣପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ଶିକ୍ଷକ ଅନନ୍ତ କୁମାର ତ୍ରିପାଠୀ, ସିଲା ଶ୍ରୀନିବାସ ଓ ମୋହନ କେରି ମେରିକା ସହଯୋଗ କରିଥିଲେ। କେନ୍ଦୁଗୁଡ଼ା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଚୌଧୁରୀ ଶିବିର ପରିଚାଳନା କରିଥିଲେ ।



କର୍ମଶାଳାରେ ଜିଲାପାଳଙ୍କ ସହ ଉପସ୍ଥିତ ଅନ୍ୟ ଅତିଥି ।

# ଧାନମଣ୍ଡି ଜଗିବ ଭାଜପା କୃଷକ ମୋର୍ଚ୍ଚା

**ଜୟପୁର,୬।୧୨(ପବନ ପାଣିଗ୍ରାହୀ)**

ମଣ୍ଡିରେ ହେଉଥିବା ଦୁର୍ନୀତିକୁ ଭାଜପା କୃଷକ ମୋର୍ଚ୍ଚା କଡ଼ା ନଜର ରଖିବ। ଏନେଇ ଆମ୍ବାଗୁଡାରେ ଏକ ଧାନ ସଂଗ୍ରହ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚାଷୀଙ୍କୁ ଅସୁବିଧା ହେଲେ କିମ୍ବା ସେମାନେ ଠକାମିର ଶିକାର ହେଲେ କୃଷକ ମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜଣାପଡ଼ିଛି। ପୂର୍ବ ସରକାର କେବଳ ପ୍ରତିଶ୍ରୁତି ଦେଇଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର କୃଷକଙ୍କ ପାଇଁ ବିଭିନ୍ନ ଯୋଜନା ଖୋଲିଛନ୍ତି ବୋଲି କର୍ମଶାଳାରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ରାଜ୍ୟ ଭାଜପା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀମାନଙ୍କ ଚଳିତ ବର୍ଷର ଧାନମଣ୍ଡିଗୁଡ଼ିକୁ ଭାଜପା କୃଷକ ମୋର୍ଚ୍ଚା ସଦସ୍ୟମାନଙ୍କ ଦ୍ୱାରା ସଂଗ୍ରହ କରାଯାଇ ମିଲରମାନଙ୍କୁ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ବିପଦ ଭଞ୍ଜନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସଭାପତି ମହେଶ୍ୱର ସାହୁ ଉପସ୍ଥିତ ରହି ପ୍ରତ୍ୟେକ ଚାଷୀ ସେବା ସମବାୟ ସମିତି ଜରିଆରେ ପଞ୍ଜୀକରଣ କରିଥିବା ମଣ୍ଡିଗୁଡିକରେ ଧାନ ଦେବେ ଓ କୁଇଣ୍ଟାଲ ପିଛା ସରକାରୀ ଦରରେ ୩୧୦୦ ଟଙ୍କା ପାଇବେ ବୋଲି କହିଥିଲେ। ଧାନମଣ୍ଡିରେ ଦୁର୍ନୀତି ନ ହେବା ପାଇଁ ଓ ମିଲରମାନେ ଚାଷୀମାନଙ୍କ ଧାନ ନେବା ବେଳେ ନ କାଟିବା ନେଇ ସମସ୍ତ ମୋର୍ଚ୍ଚା ସଦସ୍ୟ ତଦାରଖ କରିବେ। ଫଳରେ



ଧାନ ସଂଗ୍ରହ କର୍ମଶାଳାରେ ଉପସ୍ଥିତ ଭାଜପା କୃଷକ ମୋର୍ଚ୍ଚାର ସଦସ୍ୟମାନେ ।

- **ଧାନ ସଂଗ୍ରହ କର୍ମଶାଳା**
- **ମଣ୍ଡିରେ ହଇରାଣ କରାଗଲେ ଫୋନ୍ ଯୋଗେ ଅଭିଯୋଗ କରିବାକୁ ପରାମର୍ଶ**

ସମସ୍ତ ଚାଷୀ ଲାଭବାନ ହୋଇପାରିବେ ବୋଲି ସୂଚନା ଦିଆଯାଇଥିଲା। କୃଷି ଓ କୃଷକର ବିକାଶ ପାଇଁ ଭାଜପା ସରକାର କାର୍ଯ୍ୟ କରୁଛି ବୋଲି ସଭାପତି ସାହୁ କହିଛନ୍ତି। ଗୋଟିଏ ହେକ୍ଟର ଜମିରେ ଆଳୁଚାଷ କରୁଥିବା ଚାଷୀଙ୍କୁ ସରକାର ପକ୍ଷରୁ ୫୮ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଯୋଜନା ନେଇ ଚାଷୀମାନେ ଅବଗତ ନାହାନ୍ତି। ଫଳରେ ଚାଷୀ ସୁବିଧା ପାଇବା ବଦଳରେ ଟଙ୍କା ସବୁ ବାଟମାରଣା ହୋଇଯାଉଛି। ଧାନ କିଣା ପ୍ରସଙ୍ଗକୁ ସରକାର ମିଲରମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ମିଲରମାନେ ସିଧାସଳଖ କୃଷକଙ୍କ ନିକଟରୁ ଧାନ କିଣିପାରିବେ ନାହିଁ। କେବଳ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମଣ୍ଡିରୁ ଧାର୍ଯ୍ୟ ଦରରେ ଧାନ କିଣିବେ। ଏଥିସହ ବାହାରୁ ଧାନ କିଣୁଥିବା ମିଲରଙ୍କ ମିଲକୁ ସିଲ୍ କରାଯିବ, ଏହା ସହ ମିଲକୁ କଳା ତାଲିକାଭୁକ୍ତ କରାଯିବ ଏବଂ ସେମାନେ ବେପାର କରିପାରିବେ ନାହିଁ ବୋଲି କର୍ମଶାଳାରେ ସୂଚନା ଦିଆଯାଇଥିଲା। ଏଥିରେ କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଉପସଭାପତି ପୁଲିନ ପ୍ରକାଶ ପୁହାନ ଓ ଆର୍‌ଏମ୍‌ସି ନିର୍ଦ୍ଦେଶକ ଅରୁଣ ଭଞ୍ଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡିରେ ଚାଷୀଙ୍କୁ ହଇରାଣ ହରକତ କରାଗଲେ ସିଧାସଳଖ ଫୋନ୍ ଯୋଗେ ଅଭିଯୋଗ କରିବାକୁ କୁହାଯାଇଥିଲା। ସେହିପରି ମଣ୍ଡିରେ ଯେଉଁ ଚାଷୀ ପ୍ରଥମେ ପଞ୍ଜୀକରଣ କରିବେ ସେହି ଚାଷୀଠାରୁ ପ୍ରଥମେ ଧାନ କିଣା ହେବ ବୋଲି କୁହାଯାଇଥିଲା।

## ବାବା ସାହେବ ଆମ୍ବେଡକରଙ୍କ ୬୯ତମ ତିରୋଧାନ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଆସୋସିଏସନର ସଦସ୍ୟମାନେ।

**ଦାମନଯୋଡ଼ି,୬।୧୨(ମାନସ ରଞ୍ଜନ କର)**

ଦାମନଯୋଡ଼ି ନାଲକୋ ଟାଉନସିପ ସେକ୍ଟର-୨ ଆମ୍ବେଡକର ଷ୍ଟାଡ଼ିୟମରେ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ପକ୍ଷରୁ ବାବା ସାହେବ ଆମ୍ବେଡକରଙ୍କ ୬୯ତମ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନାଲକୋର ସମୂହ ମହାପ୍ରବନ୍ଧକ ୱାଇ.କେ.ଭାସ୍କର, ଦାମନଯୋଡ଼ି ଥାନା ଅଧିକାରୀ ପ୍ରମିଳା ବିଡ଼ିକା, ନାଲ୍‌କୋର ସମୂହ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା,ସ୍ୱରୂପାନନ୍ଦ ମିଶ୍ର,ଆଶିଷ ସେନାପତି,ପ୍ରମୋଦ କୁମାର ଦାସ, ମହାପ୍ରବନ୍ଧକ ଚନ୍ଦ୍ରମୋହନ ମହନ୍ତ, ଆସୋସିଏଶନର ଲିଆଇସନିଂ ଅଧିକାରୀ ତଥା ଜିଏମ୍ ଆର୍.ଶିବାରମନ, ଡିଜିଏମ୍ ଜିକେଏସ ସେନାପତି,ପୂର୍ବତନ ସଭାପତି ଗୁରୁ ଚାକ୍ରି ଓ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇଥିଲେ। ବାବା ସାହେବ ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ସହ ସ୍ମୃତିଚାରଣ କରାଯାଇଥିଲା। ଥାନା ଅଧିକାରୀ ପ୍ରମିଳା ବିଡ଼ିକାଙ୍କୁ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏଶନର ସଭାପତି ପୂର୍ଣ୍ଣଚନ୍ଦ୍ର ଜାନି,ସାଧାରଣ ସମ୍ପାଦକ ଶତ୍ରୁଘ୍ନ ଖରା,ଅଫିସ ସେକ୍ରେଟାରି ନୁନାଥ ମାରାଣ୍ଡି,ବରିଷ୍ଠ କାର୍ଯ୍ୟକର୍ତ୍ତା କରୁଣାକର ସେଠୀ, ବଙ୍ଗାଳି ମାଝି,କୃଷ୍ଣ ସେଠୀ,ଅଶୋକ ସେଠୀ ଓ ଶ୍ରୀଧର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ଆଞ୍ଚଳିକ,ପାରମ୍ପରିକ ଖାଦ୍ୟ ବ୍ୟବସ୍ଥା ନେଇ ସଚେତନତା ସଭା

**କୋରାପୁଟ/ନନ୍ଦପୁର,୬।୧୨ (ଅମିତାଭ ବେହେରା/ସୁନୀଲ ପଣ୍ଡା)**

କୋରାପୁଟ ଜିଲା ନନ୍ଦପୁର ବ୍ଲକର ବୈରାଗୀପୁଟ ଗ୍ରାମରେ ପ୍ରଗତି ଦ୍ୱାରା ସ୍ଥାୟୀ ଓ ପାରମ୍ପରିକ ଖାଦ୍ୟ ବ୍ୟବସ୍ଥା ସମ୍ପର୍କରେ ଏକ ସଚେତନତା ପଦଯାତ୍ରା ଓ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଓ ପାରମ୍ପରିକ ଖାଦ୍ୟ ବ୍ୟବସ୍ଥା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏଥିରେ ନନ୍ଦପୁର ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ବାଲଡା ଗ୍ରାମପଞ୍ଚାୟତର କୃଷି ଅଧିକାରୀ ଲକ୍ଷ୍ମୀନାରାୟଣ ତ୍ରିପାଠୀ, ଖେମୁଣ୍ଡୁଗୁଡ଼ା ଗ୍ରାମ ପଞ୍ଚାୟତର କୃଷି ଅଧିକାରୀ ଲିଙ୍ଗରାଜ ଚୌଧୁରୀ, ଖେମୁଣ୍ଡୁଗୁଡା ପଞ୍ଚାୟତର ସମିତିସଭ୍ୟା ଗୁପ୍ତା ଭଣ୍ଡା ପ୍ରମୁଖ ଯୋଗଦେଇଥିଲେ। କୋରାପୁଟ ପ୍ରଗତି ଓ ପୋଷନର ସହଯୋଗରେ ସବୁଜ ବିବର୍ତ୍ତନ-ଖାଦ୍ୟ ବ୍ୟବସ୍ଥାର ରୂପାନ୍ତରଣ ପଥ ପ୍ରକଳ୍ପ ଜିଲାର ନନ୍ଦପୁର, କୋଟପାଡ଼, କୁନ୍ଦୁରା ବ୍ଲକରେ କାର୍ଯ୍ୟକାରୀ କରାଯାଇଛି। ନନ୍ଦପୁର ବ୍ଲକର ଖେମୁଣ୍ଡୁଗୁଡା ଓ କସନ୍ଦି ପଞ୍ଚାୟତରେ ଏହି ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଗତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଡ. ଲୁନା ପଣ୍ଡା ପ୍ରକଳ୍ପର କାର୍ଯ୍ୟକ୍ରମ ଓ ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ। ଅତିଥିମାନେ ପାରମ୍ପରିକ କୃଷି, ଜୈବିକ ସାର ବ୍ୟବହାର, ଦେଶୀ ବିହନ ସଂରକ୍ଷଣ, ସୁସ୍ଥ ଓ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ଓ ପଞ୍ଚାୟତ ବିକାଶ ଯୋଜନା ବିଷୟରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଖେମୁଣ୍ଡୁଗୁଡା ପଞ୍ଚାୟତର ୭ ଗ୍ରାମର ମୋଟ ୧୫୦ ଜଣ ବୋର୍ଡ ସଦସ୍ୟ ଯୋଗଦେଇଥିଲେ। ଗ୍ରାମର ମହିଳାମାନଙ୍କ ଦ୍ୱାରା ଦେଶୀ ଖାଦ୍ୟର ପ୍ରଦର୍ଶନୀ କରାଯାଇଥିଲା।



ମହିଳାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ଖାଦ୍ୟମେଳା।

## ଦିବ୍ୟାଙ୍ଗଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉତ୍ସାହିତକରିବା ଉଦ୍ଦେଶ୍ୟ



ପ୍ରତିଯୋଗିତାରେ ଭାଗ ନେଇଥିବା ଦିବ୍ୟାଙ୍ଗମାନେ।

**କୋରାପୁଟ/ଜୟପୁର,୬।୧୨ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)**

**ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା**

ଜୟପୁର କ୍ରୀଡ଼ା କମ୍ପ୍ଲେକ୍ସରେ ପରବ-୨୦୨୪ ଉପଲକ୍ଷେ ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପଜିଲାପାଳ ବେଣୁଧର ଶବର, ଜୟପୁର ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀ, ଡେପୁଟି କଲେକ୍ଟର ଦେବେନ୍ଦ୍ର କୁମାର ରାଉତ, କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଦେବାଶିଷ ଗୌଡ଼, ଜୟପୁର ତହସିଲଦାର ସବ୍ୟସାଚୀ ଜେନା, କୋରାପୁଟ ତହସିଲଦାର ସୟଦ ଶବିର ସାହା ଏବଂ କୋରାପୁଟ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ଦିବ୍ୟାଙ୍ଗମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉତ୍ସାହିତ କରିବା ସହ ଜିଲା ଏବଂ ରାଜ୍ୟସ୍ତରରେ ସେମାନଙ୍କୁ ସାମିଲ କରିବା ପ୍ରତିଯୋଗିତାରେ ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ୧୪ ବ୍ଲକ୍ ଏବଂ ୪ ପୌରପାଳିକାରୁ ମୋଟ ୧୪୭ ଦିବ୍ୟାଙ୍ଗ ଅଂଶ ଗ୍ରହଣ କରିଥିଲେ। ଦୌଡ଼, ଶଟ୍‌ପୁଟ୍ ଏବଂ ହୁଇଲ୍ ଚେୟାର ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କେ. ଏସ୍. ସିଶା ନାୟାର, ଜଗନ୍ନାଥ ମହାପାତ୍ର ଏବଂ ଜିଲାର ସମସ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, ସମସ୍ତ ବ୍ଲକ୍‌ର ପ୍ରୋଗ୍ରାମ ଆସିଷ୍ଟାଣ୍ଟ, ସମସ୍ତ ବିଆର୍‌ଟି ଓ ଏକତା ସଂସ୍ଥାର କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ଜବତ ହେଲା ଯାତ୍ରୀଙ୍କ ବ୍ୟାଗ୍‌ରୁ ୫୧ କେଜି ଗଞ୍ଜେଇ, ୨ ଗିରଫ

**କୋରାପୁଟ,୬।୧୨(ଅମିତାଭ ବେହେରା)**

**କୋରାପୁଟ ରେଲୱେ ଷ୍ଟେସନ ଚୋରା ଚାଲାଣକାରୀଙ୍କ ଗଳା ବାଟ**

କୋରାପୁଟରୁ ରାୟଗଡା ଯିବା ପାଇଁ ଷ୍ଟେସନରେ ପ୍ୟାସେଞ୍ଜର ଟ୍ରେନ୍‌କୁ ଅପେକ୍ଷା କରିଥିବା ଜଣେ ଯାତ୍ରୀଙ୍କ ବ୍ୟାଗରୁ ଜିଆରପି ପୋଲିସ ୫୧ କେଜି ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ଜଣେ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର ବୋଲି ଜଣାପଡ଼ିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ ଲକ୍ଷ ହେବ ବୋଲି ରେଲୱେ ପୋଲିସ ଅଧିକାରୀ ସନ୍ତୋଷୀ ମହାନ୍ତ କହିଛନ୍ତି । ସୂଚନାଯୋଗ୍ୟ, କୋରାପୁଟ ଜିଲା ସୀମାନ୍ତର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଚାଷ କରାଯାଉଛି। କୋରାପୁଟ ରେଲୱେ ଷ୍ଟେସନ ଗଞ୍ଜେଇ ଚୋରା ଚାଲାଣର ଗଳା ବାଟ ହୋଇଛି। ଦୁଇ ମାସରେ ୩ ଥର ଗଞ୍ଜେଇ ଚୋରା ଚାଲାଣ କାରୀଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। କୋରାପୁଟ ରେଲୱେ ଷ୍ଟେସନରେ ଯାତ୍ରୀମାନଙ୍କ ସୁଟକେଶ୍ ଯାଞ୍ଚ କରିବା ମେସିନ ନ ଥିବା ବେଳେ ଚେକିଙ୍ଗ ଧୀମା ପଡ଼ିଛି। ଫଳରେ ମାଫିଆମାନେ ରେଲୱେ ଷ୍ଟେସନ ଦେଇ ଗଞ୍ଜେଇ ଚୋରା ଚାଲାଣ କରୁଛନ୍ତି।

## ପୋଲିସ ଭଳି ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ଉପସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଓ ଅନ୍ୟ ଅଧିକାରୀ।

**କୋରାପୁଟ,୬।୧୨(ଅମିତାଭ ବେହେରା)**


**ହୋମଗାର୍ଡ ଦିବସ ପାଳିତ**

କୋରାପୁଟ ପୋଲିସ ପଡ଼ିଆରେ ୬୨ତମ ହୋମଗାର୍ଡ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପୋଲିସ ଭଳି ଗୃହରକ୍ଷୀ ମଧ୍ୟ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟ ଅତିଥି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତିନ ଶେଖର କହିଛନ୍ତି। ଡିଆଇଜି ଗୃହରକ୍ଷୀ ପତାକା ଉତ୍ତୋଳନ କରିବା ସହ ଗୃହରକ୍ଷୀଙ୍କ ଦ୍ୱାରା ଆୟୋଜିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ୧୯୬୨ରେ ଚୀନ ଓ ଭାରତ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବଂ ମୁମ୍ବାଇ ଦଙ୍ଗା ଘଟଣାକୁ ଦୃଷ୍ଟିରେ ରଖି ହୋମଗାର୍ଡ ବାହିନୀ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଦେଶର ସମସ୍ତ ଅଞ୍ଚଳରେ ପୋଲିସ ସହ ମିଳିତ ଭାବେ କାର୍ଯ୍ୟ କରି ଜନସାଧାରଣଙ୍କ ଧନଜୀବନ ରକ୍ଷା କରିବାରେ ସଫଳତା ଅର୍ଜନ କରିପାରିଛନ୍ତି। ଏଥିରେ ଅତିଥି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହରକ୍ଷୀ ଡିଜିଙ୍କଠାରୁ ଆସିଥିବା ବାର୍ତ୍ତା ପଠନ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଏସ୍‌ପି ରୋହିତ ବର୍ମା, କୋରାପୁଟ ଏସଡିପିଓ ଶ୍ରବାଣୀ ନାୟକ, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ବିନା ହାଜିରାରେ ସିଆର୍‌ସିସି ଦରମା ନେଉଥିବା ଅଭିଯୋଗ

**ସୁନାବେଡ଼ା/ସେମିଳିଗୁଡ଼ା,୬।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)**

କାର୍ଯ୍ୟାଳୟରେ ବିନା ହାଜିରାରେ ସେମିଳିଗୁଡ଼ା ବ୍ଲକ୍ ଅଧୀନରେ ଥିବା ସମସ୍ତ ୧୧ ସିଆର୍‌ସିସି ପୂର୍ଣ୍ଣ ବେତନ ନେଉଥିବା ସ୍ଥାନୀୟ କେତେଜଣ ଲୋକେ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଆଧାରରେ ବିଭାଗକୁ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟରୁ ମଧ୍ୟ ଏଥିରେ ସତ୍ୟତା ଥିବା ଜଣାପଡ଼ିଛି। ସେମିଳିଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅଧୀନରେ ମୋଟ ୧୫ ଜଣ ସିଆର୍‌ସିସି ରହିଥିଲେ। ସେଥିମଧ୍ୟରୁ କୌଣସି କାରଣରୁ ୪ ପଦବୀ ଫାଙ୍କା ରହିଛି। ଅବଶିଷ୍ଟ ୧୧ ଜଣ ଠିକ୍ ଭାବେ ଡିଉଟି ନ କରି ମାସିକ ପୂରା ବେତନ ନେଉଥିବା ଅଭିଯୋଗ ହୋଇଥିଲା। ସମସ୍ତ ସିଆର୍‌ସିସି ମାସରେ ଅନ୍ତତଃ ୧୫ ଦିନ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢାଇବା ନିୟମ ରହିଛି। କିନ୍ତୁ ଏଥିରେ ବ୍ୟତିକ୍ରମ ହୋଇଛି। ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପିଲା ଠିକ୍‌ରେ ପାଠ ପଢ଼ି ପାରୁ ନ ଥିବା ବେଳେ ସିଆର୍‌ସିସିମାନଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ସହକାରୀ ଶିକ୍ଷକମାନେ ହଇରାଣ ହେଉଛନ୍ତି।



BY REGD POST
RTI URGENT
ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ : ସେମିଳିଗୁଡା
OFFICE OF THE BLOCK EDUCATION OFFICER: SEMILIGUDA
NEAR BLOCK OFFICE, SEMILIGUDA -764036, DISTRICT – KORAPUT, ODISHA
E-MAIL -

Letter No 2528/2024 Date: 26/11/2024

To,
Sri Krutibas Pradhan,
S/O Late Arakhita Pradhan,
Gopabandhu Nagar, Main Road
PO- Semiliguda- 764 036
Dist- Koraput, Odisha

Sub: Supply of information under RTI Act.-2005
Ref.: Your application dated 27.09.2024 and 04.11.2024.

Sir,

With reference to your RTI application I am to enclose herewith the information sought by you.

1. Details of the cluster present under BEO Semiliguda = 15
2. How many CRCCs are appointed on each cluster =1 Now 11 CRCCs are existing for 15 Nos of Clusters. Some are entrusted with dual charges.
3. Under which cluster which CRCC are present- Information enclosed.
4. Which CRCC are posted in which specific school & their detailed attendance- All CRCCs are working under the guidance of BEO. Due to shortage of inspecting staff all CRCCs were entrusted for Field duty. The attendance is not available as they are performing field duty.
5. From which date the current BEO is present in this Block- His/her details – Enclosed in separate sheet.

Yours faithfully,

Encl : As above.

Public Information Officer
O/O Block Education Officer
Semiliguda.

ବ୍ଲକ୍ ଶିକ୍ଷାଧିକାରୀଙ୍କ ଛତ୍ରଛାୟାରେ ରହି କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଶିକ୍ଷାଧିକାରୀଙ୍କ ଜାଣତରେ ସେମାନେ ଘରେ ରହି ଦରମା ନେଉଥିବା ଲୋକେ କହିଛନ୍ତି। ବିଭାଗକୁ ସୂଚନା ଅଧିକାର ଆଇନ ଜରିଆରେ ସମସ୍ତ ସିଆର୍‌ସିସିଙ୍କ ଉପସ୍ଥାନ ସମ୍ପର୍କିତ ତଥ୍ୟ ମଗାଯାଇଥିଲେ ସୁଦ୍ଧା ବିଭାଗ ଏହା ଦେବାକୁ କୁଣ୍ଠାବୋଧ କରୁଥିବା ଏବଂ ବିଭାଗ ତଥ୍ୟ ଲୁଚାଉଥିବା ଜଣାପଡ଼ିଛି। ନିଜେ ବ୍ଲକ୍ ଶିକ୍ଷାଧିକାରୀ ଚମେଲି ମଜୁମଦାର ପ୍ରଥମେ ୨୦୧୮ ଅଗଷ୍ଟ ୧୩ ରୁ ୨୦୧୯ ଏପ୍ରିଲ ୩ ଏବଂ ପରେ ୨୦୧୯ ଅକ୍ଟୋବର ୧ ରୁ ୨୦୨୪ ନଭେମ୍ବର ୧୯ ପ୍ରାୟ ୬ ବର୍ଷ ହେବ ଗୋଟିଏ ସ୍ଥାନରେ ରହି କାମ କରି ଆସୁଛନ୍ତି। ଅନେକ ଦିନ ପୂର୍ବରୁ ତାଙ୍କର ପଦୋନ୍ନତି ହୋଇଥିଲେ ମଧ୍ୟ ସେ ସ୍ଥାନ ଛାଡୁ ନ ଥିବା ଏହା ପଛର କାରଣ ନେଇ ସନ୍ଦେହ ସୃଷ୍ଟି କରୁଛି।

ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ କୌଣସି ନିୟମ ପରିବର୍ତ୍ତନ ହୋଇନାହିଁ। ସିଆର୍‌ସିସିମାନେ ପୂର୍ବରୁ ଯେମିତି ନିଯୁକ୍ତି ପାଇଥିବା ବିଦ୍ୟାଳୟରେ ୧୫ ଦିନ ପାଠ ପଢ଼ାଉଥିଲେ ସେମିତି ପଢ଼ାଇବେ ଓ ବାକି ୧୫ ଦିନ ଅଫିସ କାମ କରିବେ। ଅନ୍ୟପଟେ ବିଇଓଙ୍କ ପଦୋନ୍ନତି ପରେ ପୂର୍ବ ପଦରେ ରହିବା ସମ୍ପର୍କରେ ପଚାରିବାରୁ ଏମିତି କିଛିଟା କ୍ଷେତ୍ରରେ ହୁଏ ବୋଲି ସେ କହିଛନ୍ତି। ସେପଟେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସିଆର୍‌ସିସିଙ୍କ କୌଣସି ଉପସ୍ଥାନ ଖାତା ନ ଥାଏ କିମ୍ବା ସେମାନେ କୌଣସି ଉପସ୍ଥାନ ଖାତାରେ ଦସ୍ତଖତ କରନ୍ତି ନାହିଁ। ତା'ଛଡା ସିଆର୍‌ସିସିମାନେ ନିଯୁକ୍ତ ହୋଇଥିବା ବିଦ୍ୟାଳୟରେ ପଢାଇବାର ନିୟମ ମଧ୍ୟ ନ ଥିବା କହିବା ସହ ଆମ ଅଧୀନରେ ଅର୍ଥାତ୍ ବିଆର୍‌ସିସିରେ ସେମାନଙ୍କ ଉପସ୍ଥାନ କରାଯାଉଥିବା ସେ କହିଛନ୍ତି।

## ଖାଲି ସ୍ଥାନରେ ସୀମିତ ସମୟ ପାଇଁ ବସ୍ ରଖିବାକୁ ଦାବି



ଦାବିପତ୍ର ଦେବାକୁ ଆସିଥିବା କୁଲି,ଖଲାସି, ମଜଦୁର ଏବଂ ଅଟୋ ଚାଳକମାନେ।

**ଜୟପୁର,୬।୧୨(ପବନ ପାଣିଗ୍ରାହୀ)**

**କୁଲି, ଖଲାସି, ମଜଦୁର, ଅଟୋ ଚାଳକ ସଂଘ ପ୍ରଶାସନର ଦ୍ୱାରସ୍ଥ**

ଜୟପୁର ସହର ପୁରୁଣା ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକରୁ ଏସ୍‌କେଟି ହଲ୍ ଆଦି ସ୍ଥାନରେ ବସ୍ ରହଣି ନେଇ ଏଠାରେ କାର୍ଯ୍ୟରତ କୁଲି, ଖଲାସି, ମଜଦୁର, ଅଟୋ ଚାଳକ ଓ ରିକ୍ସା ଚାଳକ ସଂଘ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ଦୀର୍ଘ ୨୫ ବର୍ଷ ହେବ ଏହି ସ୍ଥାନରେ ଲୋକମାନଙ୍କର ସେବା କରିଆସୁଛନ୍ତି। ଏଥିରୁ ଆଦାୟ ହେଉଥିବା ଟଙ୍କାରେ ସେମାନଙ୍କ ପରିବାରର ଭରଣପୋଷଣ ହୋଇଥାଏ। କିନ୍ତୁ ଜିଲା ପ୍ରଶାସନ ଉକ୍ତ ସ୍ଥାନଗୁଡ଼ିକରୁ ସମସ୍ତ ଯାତ୍ରୀବାହୀ ବସ୍‌ଗୁଡିକୁ ହଟାଯିବା ଏବଂ ରଖିବା ପାଇଁ ମନା କରାଯିବା ପରେ ଅସୁବିଧାର ସମ୍ମୁଖୀନ ହେବା ସହ ରୋଜଗାରରେ ବାଧା ଉପୁଜୁଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ୧ ହଜାର ପରିବାର ଏଥିରେ ନିର୍ଭର ଥିବା ଯୋଗୁ ଉକ୍ତ ସ୍ଥାନଗୁଡ଼ିକରେ ବସ୍ ରଖିବାକୁ ପ୍ରଶାସନକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଟ୍ରାଫିକ୍ ଛକରୁ ମହିଳା ମହାବିଦ୍ୟାଳୟ ମଧ୍ୟରେ ଖାଲି ସ୍ଥାନ ଦେଖି ସୀମିତ ସମୟ ପାଇଁ ବସ୍ ରହିବାକୁ ଅନୁମତି ଦେବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି ନରେନ୍ଦ୍ର ଟାକରି,ଜିତୁ ବାଘ,ନାଗେଶ୍ୱର ରାଓ ଏବଂ ସନ୍ତୋଷ ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି। ଦାବିପତ୍ରର ଏକ ନକଲ ଜୟପୁର ଏସ୍‌ଡିପିଓଙ୍କୁ ପ୍ରଦାନ କରାଯାଇଛି।

## ନିଆଁରେ ଜଳିଗଲା ଅମଳ ଧାନ,ମାଣ୍ଡିଆ

**ଦଶମନ୍ତପୁର, ୬।୧୨(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ମୁଜାଙ୍ଗ ପଞ୍ଚାୟତର କିଲାର ଗ୍ରାମରେ ଧାନ ଖଳାରେ ନିଆଁ ଲାଗି ଅମଳ ହୋଇଥିବା ଧାନ ଓ ମାଣ୍ଡିଆ ଶସ୍ୟ ପୋଡ଼ିଯାଇଛି। ପ୍ରକାଶ ଯେ, ଗ୍ରାମର ୪ ଜଣ ଚାଷୀ ତଥା ଗୁଚେନା ଭୋଇ, ଶ୍ୟାମ ମୁଦୁଲି, ଗୁବି ମୁଦୁଲି ଓ ପ୍ରଦିପ ଖୁରା ପ୍ରମୁଖ ଶସ୍ୟ ଅମଳ କରିବା ପାଇଁ ଖଳାରେ ଧାନ ସଂଗ୍ରହ କରି ରଖିଥିଲେ। ଅପରାହ୍ନରେ ଧାନଗଦାରେ ନିଆଁ ଲାଗିଯିବାରୁ ଗଚ୍ଛିତ ରଖାଯାଇଥିବା ଶସ୍ୟ ପୋଡି ଯାଇଥିଲା। ସରକାରୀ ସହାୟତା ଯୋଗାଇଦେବା ପାଇଁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଜଗୁ ପୂଜାରୀଙ୍କୁ ଯୋଗାଯୋଗ କରିବାରୁ ସେ ଆର୍‌ଆଇଙ୍କ ରିପୋର୍ଟ ଆସିବା ପରେ ବ୍ୟବସ୍ଥା କରାଯିବା ବୋଲି କହିଛନ୍ତି।



## ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ସରକାରଙ୍କ ଘୋଷଣା

**ଜୟପୁର, ୬।୧୨(ପବନ ପାଣିଗ୍ରାହୀ)**

ରାଜ୍ୟରେ ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ୮ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ଜୟପୁରରେ ଏକ ବିଦ୍ୟାଳୟ ସ୍ଥାପନା ନେଇ ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ କମିଟି ବୈଠକରେ ଘୋଷଣା କରାଯାଇଛି। ନୂତନ ଭାବେ ୮୬ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଛି। ସେଥିମଧ୍ୟରେ ଓଡିଶାରେ ୮ ନୂତନ କେନ୍ଦ୍ରୀୟ ପ୍ରତିଷ୍ଠା ହେବ। ୨୦୧୯ରୁ ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତତ୍କାଳୀନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜୟପୁରରେ ୮ ଏକର ଜମି ପ୍ରଦାନ କରାଯାଇଥିଲା। ସେହିପରି ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ୮ଟି ୧୧ କେଭି ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଏହାପରେ କେନ୍ଦ୍ର ବିଦ୍ୟାଳୟ ପ୍ରତିଷ୍ଠା ନେଇ ବିଳମ୍ବ ହୋଇଥିଲା। ଏହାନେଇ ସ୍ଥାନୀୟ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଇଥିଲା। ୨୦୨୨-୨୩ରେ ପାଠ୍ୟକ୍ରମ ଆରମ୍ଭ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ପୁରାତନ ଅନ୍ୱେଷା ଭବନ ମଧ୍ୟ ପ୍ରଦାନ କରାଯାଇଥିଲା।

## ଖଣି ପରିବେଶ,ଖଣିଜ ସଂରକ୍ଷଣ ସପ୍ତାହ

**ଦାମନଯୋଡ଼ି,୬।୧୨(ମାନସ ରଞ୍ଜନ କର)**

ନାଲ୍‌କୋ ପଞ୍ଚପଟମାଳି ବକ୍ସାଇଟ ମାଇନ୍ସରେ ପରିବେଶ ବିଭାଗ ପକ୍ଷରୁ ୨୬ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ସପ୍ତାହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣି ତଥା ପାରିପାର୍ଶ୍ୱିକ ଅଞ୍ଚଳ ପରିବେଶକୁ ସବୁଜ,ସୁନ୍ଦର ତଥା ପ୍ରଦୂଷଣମୁକ୍ତ ରଖିବା ଓ ଖଣିଜ ପଦାର୍ଥର ସଂରକ୍ଷଣ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରୁ ଭାରତୀୟ ଖଣି ବ୍ୟୁରୋର ଏକ ଟିମ୍ ଖଣି ଅଞ୍ଚଳ ପରିଦର୍ଶନ ସହ ବିଭିନ୍ନ ଦିଗ ଉପରେ ଯାଞ୍ଚ କରିଥିଲେ। ଏହାସହ ମାଇନ୍ସର କର୍ମଚାରୀ ଓ ସ୍ଥାନୀୟ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ, ମାଲୁ ସାଉନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ସରସ୍ୱତୀ ବିଦ୍ୟାମନ୍ଦିର,ଦିଲ୍ଲୀ ପବ୍ଲିକ୍ ସ୍କୁଲ ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଦି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ,ପୋଷ୍ଟର,ସ୍ଲୋଗାନ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ଖଣି ପରିବେଶ ଓ ଖଣିଜ ପଦାର୍ଥ ସଂରକ୍ଷଣ ନେଇ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସଚେତନତାଭିତ୍ତିକ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ନର୍ସରି ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲ୍‌କୋ ମାଇନ୍ସର ସମୂହ ମହାପ୍ରବନ୍ଧକ ଭିଏସ୍‌ଏସ୍ ଆନନ୍ଦ ଓ ପୁରୁଷୋତ୍ତମ ମହନ୍ତ ଏବଂ ଭାରତୀୟ ଖଣି ବ୍ୟୁରୋରୁ ଆସିଥିବା ଟିମର ସଂଯୋଜକ ଏଜିଏମ୍(ମାଇନ୍ସ) ସୁନନ୍ଦ କିଶୋର ପରିଡ଼ା,ଜେଏସ୍‌ପିଏଲ୍‌ରୁ ମ୍ୟାନେଜର(ମାଇନ୍ସ) ବିଶ୍ୱଜିତ ନାୟକ ଏବଂ ଏଏମ୍‌ଏନ୍‌ଏସ୍‌ରୁ ଡେପୁଟି ମ୍ୟାନେଜର (ଜିଓଲୋଜି) ପ୍ରମୁଖ ଯୋଗଦେଇଥିଲେ। ଖଣିଜ ପଦାର୍ଥ ସଂରକ୍ଷଣ ଓ ଖଣି ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଅତିଥି ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ଭାଗନେଇଥିବା କୃତୀ ପ୍ରତିଯୋଗୀ ଏବଂ କର୍ମକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବେଷ୍ଟ ୱର୍କର ଭାବେ ସୂର୍ଯ୍ୟନାରାୟଣ ମୁଦୁଲି ଓ ସତ୍ୟନାରାୟଣ ପାଲଙ୍କୁ ପୁରସ୍କୃତ କରାଯାଇଥିଲା। ପରିବେଶ ଏବଂ ମେକାନିକାଲ ବିଭାଗ ଜିଏମ୍ ବିଦ୍ୟୁତ ଚନ୍ଦ୍ର ରାୟ,ବରିଷ୍ଠ ପ୍ରବନ୍ଧକ ସମୀର ରଞ୍ଜନ ପଟ୍ଟନାୟକ ଓ ମଳୟ କୁମାର ସାହୁ ପରିଚାଳନା କରିଥିଲେ। ମ୍ୟାନେଜର ପ୍ରତାପ ସାହୁ ଓ ମାଇନ୍ସ ମହାପ୍ରବନ୍ଧକ ଅଜୟ ଚୌଧୁରୀ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ନାଲ୍‌କୋ ମାଇନ୍ସ ଅଧିକାରୀ, ଆଇବିଏମ୍ ଟିମ୍ ସଦସ୍ୟ ଓ ବିଭାଗୀୟ କର୍ମଚାରୀ।

## ଜିଲା ଶିକ୍ଷାଧିକାରୀ ବିଦ୍ୟାଳୟ ପରିଚାଳନା କମିଟି କାର୍ଯ୍ୟକାଳ ବୃଦ୍ଧି କରିପାରିବେ

ମାଲକାନଗିରି,୬।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଥିବା ସମସ୍ତ ବିଦ୍ୟାଳୟର ସୁପରିଚାଳନା ନିମନ୍ତେ ପରିଚାଳନା କମିଟି ଗଠନ କରାଯାଇଛି। ଏହି କମିଟିର ଅବଧି ୩ ବର୍ଷ ହୋଇଥିଲା ବେଳେ କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ ଓ ଜିଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଅଭିଯାନକୁ ବିଦ୍ୟାଳୟ ଓ ଗଣଶିକ୍ଷା ଶିକ୍ଷା ବିଭାଗ ଚିଠି ସଂଖ୍ୟା ୧୧୮୭୪/୬।୧୨।୨୪ରେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ବିଦ୍ୟାଳୟ ପରିଚାଳନା କମିଟି ୩ ବର୍ଷ ପୂରଣ କରିଛି, କିମ୍ବା ୩ ବର୍ଷରୁ ଊର୍ଦ୍ଧ୍ୱ ହୋଇଛି ସେହି ସବୁ ବିଦ୍ୟାଳୟ ପରିଚାଳନା କମିଟିର ସମୟସୀମାକୁ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଜିଲାର ଜିଲାପାଳଙ୍କ ଅନୁମୋଦନକ୍ରମେ ଜିଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ଏହାର କାର୍ଯ୍ୟକାଳ ବୃଦ୍ଧି କରିପାରିବେ ।

# ରାଶିର ସୁପ୍ରଭା କିସମର କ୍ଷେତ୍ର ଦିବସ ପାଳନ

ମାଲକାନଗିରି, ୬।୧୨(ଦୁର୍ଯ୍ୟୋଧନ ପାତ୍ର)



ରାଶି କ୍ଷେତ ଅଧିକାରୀମାନେ ପରିଦର୍ଶନ କରୁଛନ୍ତି ।

ମାଲକାନଗିରି ସଦର ମହକୁମା କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ରାଶି ଫସଲର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନର କ୍ଷେତ୍ର ଦିବସ ପାଳନ ହୋଇଯାଇଛି। କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି ୪୭ ଗ୍ରାମରେ ୩୦ ଜଣ ତୈଳବୀଜ ଫସଲ ରାଶି ସହ ସମ୍ପୃକ୍ତ ଥିବା କୃଷକ ଓ କୃଷିଜୀବୀ ମହିଳା ମାନେ ଯୋଗଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ଡ. ସିଦ୍ଧାର୍ଥ କର, ବୈଜ୍ଞାନିକ ଓ ତୈଳବୀଜ ଚାଷ ପରିଚାଳକ କ୍ଷେତ୍ର ଦିବସକୁ ପରିଚାଳନାକରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ରାଶି କିସମ ସୁପ୍ରଭା, ସ୍ମାରକ ଧଳା ରାଶି ସମ୍ପର୍କରେ ଆଲୋଚନାକରି କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଦିଲ୍‌ରନ ମହାଲିକ, ଜିଲା କୃଷି ଉନ୍ନୟନ ଅଧିକାରୀ ମହେଶ କୁମାର ପାଢ଼ୀ ଯୋଗଦେଇ ଭାଗଚାଷ କୌଶଳ, ଫସଲ ପରିଚାଳନା, ଧଳା ରାଶିର ବିକ୍ରିବଟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡ଼ା ପଞ୍ଚାୟତ ତଥା ଗ୍ରାମର ମୁଖ୍ୟ ସଭ୍ୟ ଏରା ମାଡକାମି, ତାପସ ମଣ୍ଡଳ, ମୁକା ମାଡକାମି, ପ୍ରିତୀଶ ମହାନନ୍ଦ, କୋରୁକୋଣ୍ଡା ସହଯୋଗୀ ଉଦ୍ୟାନ କୃଷି ଅଧିକାରୀ ଗୌତମ ବିଶ୍ୱାସ, ସୁବେଷ ମଣ୍ଡଳ ଓ ବିନୟ ଦାସ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସଭ୍ୟସଭ୍ୟା ରାଶିର ସୁପ୍ରଭା କିସମ କ୍ଷେତ ପରିଦର୍ଶନକରି ଅମଳ ଆକଳନ କରିଥିଲେ।

## କଳାର ମୌଳିକତା ବଜାୟ ରଖିବାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହାୟକ ହୋଇଛି

- ମାଲ୍ୟବନ୍ତ ମହୋତ୍ସବ
- ଲୋକନୃତ୍ୟ, ଲୋକ ସଙ୍ଗୀତ ପ୍ରତିଯୋଗିତା

ମାଲକାନଗିରି, ୬।୧୨ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲାରେ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ପ୍ରତିଯୋଗିତାର ଆୟୋଜନ କରିବା ହେଉଛି ଜିଲା ସଂସ୍କୃତି ପରିଷଦର ଏକ ନିଆରା ପ୍ରୟାସ । କଳାର ମୌଳିକତା ବଜାୟ ରଖିବାରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ସହାୟକ ହୋଇପାରିଛି ବୋଲି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ଜିଲା ସଂସ୍କୃତି ପରିଷଦ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପଳ ସାଧାରଣ ସୋମନାଥ ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀ, ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଘେନୁ ମୁଦୁଲି, ଗୁପ୍ତେଶ୍ୱର ପାଣିଗ୍ରାହୀ, ଶ୍ରୀତମ ସାମନ୍ତରାୟ ଓ ଗୋବିନ୍ଦ ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।


ଲୋକସଂସ୍କୃତି ମହୋତ୍ସବରେ ଭାଗ ନେଇଥିବା କଳାକାରମାନେ ।

ଜିଲାର ପ୍ରମୁଖ ୧୪ ଜନଜାତି ଏହି ପ୍ରତିଯୋଗିତାରେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ଜିଲାର ନାଟ ଗୁରୁମାନଙ୍କୁ ସମ୍ମାନିତ କରାଯାଇଥିଲା। ପରମ୍ପରାକୁ ବଜାୟ ରଖି ଲୋକନୃତ୍ୟ ପରିବେଷଣ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ କୃତକାର୍ଯ୍ୟ ହୋଇଥିବା ନୃତ୍ୟ ଦଳଙ୍କୁ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସସ୍ମିତା ସ୍ୱାଇଁ, ପ୍ରସନ୍ନ ପାଢ଼ୀ, ପୂର୍ଣ୍ଣିମା ଢୁରୁକା, ବନ୍ଧୁ ମୁଦୁଲି, ଶଶାଙ୍କ ମିଶ୍ର ଓ ବିନାଶ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ । ଉପଜିଲାପାଳ ତଥା ମାଲ୍ୟବନ୍ତ ମହୋତ୍ସବ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଭୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ୟାମସୁନ୍ଦର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାବା ସାହେବ ଆମ୍ବେଡକରଙ୍କ ତିରୋଧାନ ଦିବସ


ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଛି।

ଚିତ୍ରକୋଣ୍ଡା, ୬।୧୨(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ସଦର ମହକୁମାରେ ଶୁକ୍ରବାର ବାବା ସାହେବ ଆମ୍ବେଡକରଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପାବୀ ଛକଠାରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ସାମାଜିକ କର୍ମୀ ବିଦେଶୀ ଗୌଡ଼ଙ୍କ ତତ୍ତ୍ୱାବଧାନରେ ପୁଷ୍ପମାଲ୍ୟ ଅର୍ପଣକରି ଏହି ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବାବା ସାହେବ ଆମ୍ବେଡକର ଦେଶ ପାଇଁ ସମ୍ବିଧାନ ପ୍ରଣୟନକରି ସୁନାମ ଅର୍ଜନ କରିଥିବା ବେଳେ ତାଙ୍କ ଛାତ୍ର ଜୀବନ କିପରି କଟିଥିଲା ସେ ସମ୍ବନ୍ଧରେ ବକ୍ତାମାନେ କହିଥିଲେ । ପରେ ସ୍ଥାନୀୟ ଯୁବକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବାବା ସାହେବଙ୍କ ଜୟଗାନ କରିଥିଲେ ।

## ଷ୍ଟେଟ୍ ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଂଘ ସାଧାରଣ ପରିଷଦ ବୈଠକ

### ନୂତନ କର୍ମକର୍ତ୍ତା ଚୟନ

ମାଲକାନଗିରି, ୬।୧୨(ଦୁର୍ଯ୍ୟୋଧନ ପାତ୍ର)




ମାଲକାନଗିରି ଜିଲା ସଦର ମହକୁମା ସ୍ଥାନୀୟ ଗୋଲଡେନ ଭ୍ୟୁ ସମ୍ମିଳନୀ କକ୍ଷରେ ଷ୍ଟେଟ୍ ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଂଘ ସାଧାରଣ ପରିଷଦ ବୈଠକ ଜିଲା ସଭାପତି ଏମ୍. ଅମରେଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ଜାତୀୟ ସାମ୍ବାଦିକ ୟୁନିୟନ ସମ୍ପାଦକ ବବୁଲ ସିଂ ଓ ରାଜ୍ୟ ସମ୍ପାଦକ ହେମାଙ୍ଗ ପ୍ରସାଦ ରାହୁଲ ଯୋଗଦେଇଥିଲେ। ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଦାବିକୁ ଗ୍ରହଣକରୁ ନ ଥିବାରୁ ସାରା ରାଜ୍ୟରେ ସାମ୍ବାଦିକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ଆକ୍ରୋଶର ଶିକାର ହେଉଛନ୍ତି। ସତ୍ୟ ଘଟଣା ଉପରେ ଖବର ପ୍ରକାଶକଲେ ସମସ୍ତଙ୍କ କ୍ରୋଧର ଶିକାର ହେଉଛନ୍ତି। ଦେଶର ଅନେକ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରାଯାଇଥିବା ବେଳେ ସଂଘ ବାରମ୍ବାର ସରକାରଙ୍କ ନିକଟରେ ଏହି ଆଇନ ଲାଗୁ କରିବା ପାଇଁ ଦାବି କରୁଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଗ୍ରହଣ କରୁ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଖବରଦାତାଙ୍କ ପାଇଁ ପେନ୍‌ସନ, ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରତିବର୍ଷ ପଞ୍ଜୀକୃତ ନ କରି ଏହାର ସମୟସୀମାକୁ ବୃଦ୍ଧି କରିବା ପାଇଁ ବୈଠକରେ ଦାବି କରାଯାଇଛି। ରାଜ୍ୟରେ ଗଣମାଧ୍ୟମର ବିଭିନ୍ନ ସଂଗଠନ ଥିଲେ ମଧ୍ୟ ସମନ୍ୱୟ ଅଭାବରୁ ଏଗୁଡିକ ମିଳିତ ଭାବେ ବିଭିନ୍ନ ଦାବି ସମ୍ବନ୍ଧରେ ସରକାରଙ୍କ ଦୃଷ୍ଟିକୁ ଆଣିଲେ ଏହା ଅଧିକ ଫଳପ୍ରଦ ହେବ ବୋଲି ସଭାପତି ନାୟକ କହିଥିଲେ। ପରେ ଆସନ୍ତା ୨ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଜିଲା ସଭାପତି ଭାବେ ଏମ୍. ଅମରେଶ କୁମାର, ଉପସଭାପତି ସର୍ବ କୁମାର ବିଶୋଇ, ସାଧାରଣ ସମ୍ପାଦକ ବଂଶୀଧର ମୁଦୁଲି, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ମଣ୍ଡଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ତିଆଡି ଓ ଉପଦେଷ୍ଟାଭାବେ ପ୍ରଭାକର ହନ୍ତାଳ ମନୋନୀତ ହୋଇଥିଲେ ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENT HIRING
One year experience Marketing Executive required for EasyEarth Lighting Arrestor and Earthing company at Bhubaneswar.
Interested candidates please send your CV to 7787948113 as soon as possible. Selected candidates will be called for an interview soon.

ଭୁବନେଶ୍ୱର CRP ଛକରେ ଥିବା ଏକ (BAR) ପାଇଁ Bar Man ଆବଶ୍ୟକ
ଦରମା ଏବଂ ଦୁଇ ବେଳା ଖାଇବା ସହିତ ରହିବା ପାଇଁ ଘରର ସୁବିଧା ଦିଆଯିବ । ଏଇ ସଂସ୍ଥାରେ ଦୁଇ ବର୍ଷ ଅଭିଜ୍ଞତା ଥିବା ଜରୁରୀ, ନ ହେଲେ ବି ଚଳିବ ।
Mobile No. 9437058008

# ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ମାଲକାନଗିରି,୬।୧୨(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ବସ୍‌ଷ୍ଟାଣ୍ଡରେ ଡ.ଭୀମରାଓ ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ସମ୍ବିଧାନ ପ୍ରଣେତା ତଥା ଜାତି ଜନଜାତି ଓ ସମସ୍ତ ବର୍ଗର ମୁକ୍ତି ପାଇଁ ଅତିବାହିତ କରିଥିବା ମହାନ୍ ବ୍ୟକ୍ତି ଆମ୍ବେଡକରଙ୍କ ନିରୋଧାନ ଦିବସକୁ ମହା ପରିନିର୍ବାଣ ଦିବସ ଭାବେ ସାରା ଭାରତବର୍ଷରେ ପାଳନ କରାଯାଉଛି। ଏହି ଅବସରରେ ମାଲକାନଗିରି ଜିଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ ପାଳନ ହୋଇଥିବା ବେଳେ ଏଥିରେ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ତହସିଲଦାର ଟୁକୁନ ପୁଟା, ବରିଷ୍ଠ ଆଇନଜୀବୀ ହଳଧର ସେଠୀ, ମାଲକାନଗିରି ଜୋନ୍ ୩ ଜିଲା ପରିଷଦ କୃଷ୍ଣ ଚନ୍ଦ୍ର ଅନୁଗୁ, ଜାତି, ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଜାରା ଶବର ମାଢ଼ି, କାର୍ଯ୍ୟକାରୀ ସଭାପତି ସୋନୁ ଅନୁଗୁ, ଉପଦେଷ୍ଟା ରତିକୃଷ୍ଣ ପାତ୍ର ଓ ଘେନୁ ମୁଦୁଲି ପ୍ରମୁଖଙ୍କ ସହ ଟ୍ରକ୍ ମାଲିକ ସଂଘ, ଅଟୋ ମାଲିକ ସଂଘ, ସାମାଜିକ ସଂଗଠନ ଏବଂ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନକରି ଦେଶ ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

## ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

ଜୟପୁର,୬।୧୨(ପବନ ପାଣିଗ୍ରାହୀ)

ଜୟପୁର ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟରେ ଆଦିବାସୀ ମହୋତ୍ସବ ପରବ ଅବସରରେ ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକ୍‌ର ୪୦ ପ୍ରତିଯୋଗୀ ଭାଗନେଇ ମୋ କୋରାପୁଟ ଓ ମୋ ଗୌରବ ଉପରେ ଚିତ୍ର ଆଙ୍କିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକ, କଳା ଶିକ୍ଷକ କ୍ରିଷ୍ଣା ପାଙ୍ଗୀ, ଅର୍ଚ୍ଚନା ଦାସ, ଏସ୍‌ଡିପିଆର୍‌ଓ ଯଶୋଦା ଗାଦବା, କର୍ମଚାରୀ କେ. ସୁନୀଲ କୁମାର ଓ ସୁରେନ୍ଦ୍ର ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିମେଳାରେ ଆମ୍ବେଡକରଙ୍କ ପରିନିର୍ବାଣ ଦିବସ


ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ ।

କୋରୁକୋଣ୍ଡା,୬।୧୨(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହର ମନୋରଞ୍ଜନ କ୍ଲବ୍ ପଡ଼ିଆରେ ଥିବା ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ଆମ୍ବେଡକର ସ୍ମୃତି କମିଟି ପକ୍ଷରୁ ନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମୃତି କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଧନୁର୍ଜୟ ହନ୍ତାଳ, ମଦନ ଖୋସଲା, କାଉନସିଲର କୃଷ୍ଣ ବାଘ, ଚିତ୍ତରଞ୍ଜନ କୁଲଦୀପ, ରବି ହରିଜନ ଓ ପୂର୍ବତନ କାଉନସିଲର ହାଡୁ ହନ୍ତାଳଙ୍କ ସମେତ କମିଟିର ବହୁ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

ଦ.ପୂ. ରେଳପଥ – ଟେଣ୍ଡର
ଶୁଦ୍ଧିପତ୍ର
''ଇପିସି ପଦ୍ଧତିରେ ୩୦୦୦ ଏମ୍‌ଟି ଲୋଡିଂ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର/ଚକ୍ରଧରପୁର ଡିଭିଜନର ଖଡ଼ଗପୁର – ଟାଟାନଗର ସେକ୍ସନ ଉପରେ ୨x୨୫ କେଭି ସିଷ୍ଟମ୍‌ରେ ୧୩୨ କେଭି ଟ୍ରାକ୍ସନ୍ ସବ୍‌ଷ୍ଟେଶନ, ସେକ୍ସନିଂ ପୋଷ୍ଟ (ଏସ୍‌ପି) ଏବଂ ସବ୍ ସେକ୍ସନିଂ ପୋଷ୍ଟ (ଏସ୍‌ଏସ୍‌ପି)ର ଡିଜାଇନ୍, ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ'' କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଇଆର୍-ପିଏସ୍‌ଆଇ-କେଜିପି-ଟାଟା-୨x୨୫ କେଭି ବାବଦରେ ଶୁଦ୍ଧିପତ୍ର ନଂ. ୧ ତଳେ ଦିଆଗଲା । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟକୁ ତା୨୬।୧୨।୨୦୨୪ରିଖ ୧୪.୦୦ ଘଟିକା ପରିବର୍ତ୍ତେ ତା୧୬।୦୧।୨୦୨୫ରିଖ ୧୪.୦୦ ଘଟିକା ପଢ଼ାଯିବ ଏବଂ ବିଡିଂ ଆରମ୍ଭ ତାରିଖକୁ ତା୧୨।୧୨।୨୦୨୪ରିଖ ପରିବର୍ତ୍ତେ ତା୦୨।୦୧।୨୦୨୫ରିଖ ପଢ଼ାଯିବ । ଟେଣ୍ଡରର ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ । ଇ-ଟେଣ୍ଡର ବିଜ୍ଞପ୍ତିର ବିବରଣୀ ସହିତ ଶୁଦ୍ଧିପତ୍ର ନଂ. ୦୨ www.ireps.inରେ ଉପଲବ୍ଧ ।
(PR-877/C)

No.CAD-1786
idco | ODISHA NEW OPPORTUNITIES
OFFICE OF THE DIVISIONAL HEAD, MAINTENANCE DIVISION, IDCO, IDCO TOWERS, BHUBANESWAR
Bid Identification No. : IDCO/MAINT/BBSR/04/24-25
TCN. NO. 3379 Dt. 02.12.2024
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. Name of the Work : Comprehensive annual operation & Maintenance (AMC) for 2 x 225 TR screw chillers and 2 x 450 TR centrifugal chillers and 3 x 500 TR cooling Towers along with all associated equipments and installation of HVAC system at IDCO, Furtune Towers, Bhubaneswar

| | | | |
|---|---|---|---|
| 1 | Value of work | : | 28.56 lakhs |
| 2 | Period of contract | : | 12(Twelve) Calendar Months |
| 3 | Availability of tender online for Bidding | | |
| | I. Start Date | : | 17:00 Hours of dt 10.12.2024 |
| | II. End date | : | 17:00 Hours of dt.18.12.2024 |
| | III. Opening Date | : | 11:30 Hours of dt.19.12.2024 |

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head
MAINTENANCE DIVISION, IDCO, Bhubaneswar
OIPR-14003/11/0078/2425

## ଦବୁଛି ଚିତାପାରି-ବାଲିମେଳା ପୋଲ ଆପ୍ରୋଚ୍ ରାସ୍ତା

### ଉଦ୍‌ଘାଟନ ନ ହୋଇ ପଡ଼ିରହିଛି

କୋରୁକୋଣ୍ଡା,୬।୧୨(ଶିବଦତ୍ତ ସାହୁ)

ବାଲିମେଳା–ଚିତାପାରି ପୋଲ ଉଭୟ ପାର୍ଶ୍ୱକୁ ସଂଯୋଗ କରିଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଦବିଲାଣି। ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସି ଏବଂ ପୋଟ୍ରେଲ ପଞ୍ଚାୟତକୁ ଯୋଗାଯୋଗ କରିବା ପାଇଁ ଏହି ପୋଲ ନିର୍ମାଣ କରାଯାଇଛି। ବିଜୁ ସେତୁ ଯୋଜନାରେ ପ୍ରାୟ ୬କୋଟି ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ୩/୪ବର୍ଷ ପୂର୍ବେ ପୋଲ ନିର୍ମାଣ ହୋଇଥିଲା। ଦୀର୍ଘ ବର୍ଷ ବିତିଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରିନାହିଁ। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ବାରମ୍ବାର ଉଭୟ ପାର୍ଶ୍ୱକୁ ସଂଯୋଗ କରୁଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଦବି ଫାଟି ଆଁ କରିଛି। ତେବେ ମାଟି ପକାଇ ଉଭୟ ପାର୍ଶ୍ୱରେ କଂକ୍ରିଟ ରାସ୍ତା ତିଆରି ହୋଇଛି ହେଲେ ଉକ୍ତ ମାଟିର ଦୁଇ ପାର୍ଶ୍ୱରେ ପଥର ପ୍ୟାକିଂ ହୋଇ ନ ଥିବାରୁ ବର୍ଷାରେ ମାଟି ଧୋଇ ହୋଇଯାଉଛି। ଫଳରେ ଉକ୍ତ ରାସ୍ତା ବାରମ୍ବାର ଦବିବା ସହ ବଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ପୂର୍ବରୁ ଏନେଇ ବହୁବାର ସ୍ଥାନୀୟ ଲୋକେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ଆର୍‌ଡି ବିଭାଗ ପକ୍ଷରୁ କିଛିମାସ ପୂର୍ବେ ଦବିଥିବା ରାସ୍ତା ମରାମତି କରାଯାଇଥିଲା। ଏବେ ସେହିଭଳି ସମାନ ସ୍ଥିତି ଉପୁଜିଲାଣି। ଏଥି ସହ ସେତୁରେ ଏଯାଏ ଆଲୋକୀକରଣ କରାଯାଇ ନାହିଁ। ଏହି ସେତୁ ବାଲିମେଳା ସହରକୁ ଲାଗି ରହିଛି। ଏଠାରେ ଷ୍ଟ୍ରିଟ୍ ଲାଇଟ ନ ଥିବାରୁ ରାତିରେ କେତେଜଣ ବ୍ୟକ୍ତି ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତଥିବା ଅଭିଯୋଗ ହେଉଛି। ତେବେ ଏହି ସେତୁ ହେବା ଦ୍ୱାରା ଅଞ୍ଚଳବାସୀ ଉପକୃତ ହେଲେ ସତ, କିନ୍ତୁ ଉଦ୍‌ଘାଟନ ନ ହେବାରୁ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଯାତ୍ରୀ ତଥା ପଥିକ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।


ରାସ୍ତା ଦବି ଫାଟ ସୃଷ୍ଟି ହୋଇଛି ।

ତେବେ ତୁରନ୍ତ ସେତୁ ଉଦ୍‌ଘାଟନ କରିବା ସହ ଦବିଯାଇଥିବା ରାସ୍ତା ପୁନଃ ମରାମତି ଏବଂ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଆର୍‌ଡି ବିଭାଗ ଏସ୍‌ଡିଓ ଲୋକନାଥ ଭୋଳଙ୍କୁ ପଚାରିବାରୁ ସେ ଦିନେ ଦୁଇଦିନ ମଧ୍ୟରେ ଉକ୍ତ ପୋଲ ଦେଖିବାକୁ ଯିବେ। ସ୍ଥିତି ଅନୁଧ୍ୟାନ କରିବା ପରେ ତୁରନ୍ତ ରାସ୍ତା ମରାମତି କରିବାର ବ୍ୟବସ୍ଥା କରିବେ ବୋଲି କହିଥିଲେ।

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
TP CENTRAL ODISHA DISTRIBUTION LIMITED
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007
NOTICE INVITING TENDER: NIT No: TPCODL/2024-25/NIT/18
Bids are invited from eligible bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000001533/2024-25 | Supply of Multi metering panel 400A, 20 O/G & 160A 1I/C+10O/G 32A |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website w.e.f. from dtd.07.12.2024. Future communication / corrigendum to tender documents, if any, shall be available on TPCODL website.

OFFICE OF THE SUPERINTENDING ENGINEER, RWSS DIVISION, KORAPUT
e-mail : eerwss_kpt@rediffmail.com, Phone : 06852-250281(Off), 06852-250680(Res), Fax No. - 06852-251098
2nd CORRIGENDUM TO TENDER CALL NOTICE NO. 06/SE/RWSS/KPT/2024-25/12.11.2024
CORRIGENDUM No.5253 Date : 03.12.2024
No.O-786 : Due to some unavoidable circumstances the following alterations have been made in the time schedules of this office e-procurement NOTICE NO.06/SE/RWSS/KPT/2024-25/12.11.2024.

| Sl. No. | TENDER CALL NOTICE NO. 06/SE/RWSS/KPT/2024-25/12.11.2024 | As per Scheduled | As per time schedule in 1st corrigendum | As per time reschedule in 2nd corrigendum |
|---|---|---|---|---|
| 1 | Availability of Bid document in the website | Dt. 20.11.2024 at 17.00 hours to 29.11.2024 up to 17.00 hours | Dt. 03.12.2024 at 17.00 hours to 12.12.2024 up to 17.00 hours | Dt. 10.12.2024 at 17.00 hours to 19.12.2024 up to 17.00 hours |
| 2 | Date of Seeking Clarification | During the Office hours of 20.11.2024 to 28.11.2024 | During the Office hours of 03.12.2024 to 11.12.2024 | During the Office hours of 10.12.2024 to 18.12.2024 |
| 3 | Date of Opening of Bid | Dt. 30.11.2024 at 11.00 hours | Dt. 13.12.2024 at 11.00 hours | Dt. 20.12.2024 at 11.00 hours |

All other terms and conditions remain unaltered.
Sd./- Superintending Engineer, RWSS Division, Koraput
OIPR-25034/11/0013/2425

कार्यालय कार्यपालन अभियंता
वि/यां मिनीमाता बांगो संभाग माचाडोली
मुख्यालय कटघोरा, जिला - कोरबा (छ.ग.)
Email ID: eeemrgh@cgwrd.in, (Ph.: 07815-297058)
पत्र. क्र. 3733/व.ले.लि/2024-25/कटघोरा दिनांक 04.12.2024
निविदा निरस्तीकरण आदेश
कार्यालय प्रमुख अभियंता जल संसाधन विभाग, शिवनाथ भवन, सेक्टर-19, नार्थ ब्लाक, नवा रायपुर, अटल नगर, रायपुर का पत्र क्र. 4263228/नि.प्र./2024/दिनांक 21.11.2024 के परिपालन में इस कार्यालय का निविदा सूचना क्र. 08/व.ले.लि./2024-25 दिनांक 18.09.2024 सिस्टम निविदा क्रमांक 158634 (प्रथम आमंत्रण) जिला-कोरबा विकासखंड कोरबा के अंतर्गत हसदेव बायी तट नहर के आर.डी. 4.8 कि.मी. क्रास रेगुलेटर में गेट फिटिंग कार्य अनुमोदित राशि 186.90 लाख के कार्य के लिये आमंत्रित की गई निविदा में प्रतिभागी एकल निविदाकार होने के कारण निविदा निरस्त की जाती है।
जिसका पूर्व में आपके कार्यालय द्वारा जारी जी नंबर 242502621/4 है।
स्वा./- कार्यपालन अभियंता
वि/यां मिनीमाता बांगो संभाग माचाडोली
मुख्या, कटघोरा, जिला - कोरबा (छ.ग.)
G-242504353/3

OFFICE OF THE EXECUTIVE ENGINEER. MINOR IRRIGATION DIVISION, MEDININAGAR
e-Procurement Tender Notice, Two Envelope System
Tender Reference No:- WRD/MID/MEDININAGAR/B.D./S.L.I.-01/2024-25
Letter no:- 646Date:-05.12.2024

| | | |
|---|---|---|
| 1 | Name of Work: | Construction of Jhari Solar Lift Irrigation Scheme |
| 2 | Estimated Cost (Rs.) | 1,09,99,500=00 |
| 3 | Cost of tender document (Rs) | Rs. 10,000=00 only (non-refundable). |
| 4 | Earnest Money Deposit (Rs.) | Rs. 1,10,000=00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 23.12.2024, Time- 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:- 03.01.2025, Time:- 04.00 PM |
| 9 | Submission of Tender Fee and EMD | Start Date:- 23.12.2024, Time- 4.00 PM Last Date:- 03.01.2025, Time:- 3.00 PM |
| 10 | Technical Bid Opening Date | Date:- 04.01.2025, Time:-04.00 PM |
| 11 | Officer Inviting Bids | Executive Engineer Minor Irrigation Division Medininagar |
| 12 | (a) Contact No. of e-Procurement Officer ( (b) E-mail of e-Procurement Officer | 06562-240100 eemidmed-cemr-jhr@gmail.com |
| 13 | Help line No. of e-Procurement Cell | 0651-2214784 |

Note:-
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- Only e-Tender will be accepted.
Further details can be seen on website http://jharkhandtenders.gov.in

PR 341354 Minor Irrigation(24-25)#D
Executive Engineer, Minor Irrigation Division, Medininagar

# କଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ସମସ୍ତଙ୍କ ଦାୟିତ୍ୱ

ନବରଙ୍ଗପୁର,୬।୧୨(ସଦାଶିବ ପ୍ରହରାଜ)

ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ସାଂସ୍କୃତିକ ସଭା ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡା. ଶୁଭଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ମଣ୍ଡେଇ ମାଧ୍ୟମରେ କଳା, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଓ ଉଜ୍ଜୀବିତ କରି ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି ଗଣଶିକ୍ଷା ମନ୍ତ୍ରୀ ଗଣ୍ଡ କହିଥିଲେ। ନବରଙ୍ଗପୁରର ଢେମସା ସହ ବିଭିନ୍ନ କଳା ସଂସ୍କୃତିକୁ ମନ୍ତ୍ରୀ ମନେପକାଇଥିଲେ। ନବରଙ୍ଗପୁର ଜିଲା ଅନେକ କ୍ଷେତ୍ରରେ ଆଗୁଆ ରହିଛି। ମକା ଅମଳରେ ନବରଙ୍ଗପୁର ଜିଲା ଏସିଆରେ ୧ ନମ୍ବର ରହିଛି। ଢେମସା ନବରଙ୍ଗପୁରର ପରିଚୟ। ଆମ କଳା ସଂସ୍କୃତି ଅନ୍ୟ ରାଜ୍ୟଠାରୁ ଅଧିକ ଆଦର ପାଉଛି। ଲାଖ ଓ କୋଟପାଡ ବସ୍ତ୍ର ରାଜ୍ୟ ଓ ଦେଶରେ ନାଁ ରହିଛି। ଦଳମତ ନିର୍ବିଶେଷରେ ପ୍ରତିଟି କ୍ଷେତ୍ରରେ ବିକାଶ କରିବା ପାଇଁ ସମସ୍ତେ ଏକଜୁଟ ହୋଇ କାମ କଲେ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଗଣ୍ଡ କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍ ନବରଙ୍ଗପୁର ପୁରୁଣା ପରମ୍ପରାକୁ ମନେପକାଇ କଳା, କ୍ରୀଡ଼ା, ସଂସ୍କୃତି ଆଦି ମଣ୍ଡେଇ ମାଧ୍ୟମରେ ଉଜ୍ଜୀବିତ ହୋଇପାରୁଛି ବୋଲି କହିଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରି କହିଥିଲେ, କଳା ସଂସ୍କୃତି ପ୍ରତିଭାର ଅନ୍ୱେଷଣ କରିବା ସହ ବଞ୍ଚାଇରଖିବା ଆମ ଦାୟିତ୍ୱ। ମା' ମାଟିକୁ ସମ୍ମାନ ଦେଇ ଜିଲାର ବିକାଶ କରିବାକୁ କହିଥିଲେ। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି କହିଥିଲେ, ନବରଙ୍ଗପୁର ଜିଲା କଳା, ସଂସ୍କୃତି ଓ କ୍ରୀଡ଼ାର ମାଟି। କଳା ସଂସ୍କୃତିକୁ ବଜାଇ ରଖି ମଣ୍ଡେଇକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଆମ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମଣ୍ଡେଇ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଝରିଗାଁ ବିଧାୟକ ନରସିଂହ ଭତ୍ରା କହିଥିଲେ, ଆଦିବାସୀଙ୍କ କଳା ସଂସ୍କୃତି ଦିନକୁ ଦିନ ଲୋପପାଉଛି। କଳା, ସଂସ୍କୃତିକୁ ଉଜ୍ଜୀବିତ ରଖିବା ସହ ସୁନ୍ଦର ନବରଙ୍ଗପୁର ଜିଲା ଗଠନକରି ରାଜ୍ୟରେ ୧ ନମ୍ବର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲାପାଳ ମହାପାତ୍ର ଲୋକ ମହୋତ୍ସବ ମଣ୍ଡେଇର ଉଦ୍ଦେଶ୍ୟ ଓ ସମସ୍ତ ଜନସାଧାରଣଙ୍କୁ ସହଯୋଗ କରିବା ସହ ଅତିଥି ପରିଚୟ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଘାଟନୀ ଦିବସରେ ନବରଙ୍ଗପୁର ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ବିଦ୍ୟାଳୟ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଉମରକୋଟର ଆଡ୍ରିକ ନୃତ୍ୟ ଦଳ ପକ୍ଷରୁ ମେଶା ନୃତ୍ୟ, ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ବଲାଙ୍ଗୀର ଦୁଲ୍‌ଦୁଲି ନୃତ୍ୟ, ରାଇଘରର ଗୋଣ୍ଡି ନୃତ୍ୟ, ଗଞ୍ଜାମର ଶୁକଶ୍ରୀ ଶଙ୍ଖ ଧ୍ୱନି ଲୋକ କଳାକେନ୍ଦ୍ର ପକ୍ଷରୁ ରଣପା ନୃତ୍ୟ ଓ ବର୍ଣ୍ଣାଳୀ ହୋତା ଓ ଦଳ ପକ୍ଷରୁ ଅର୍କେଷ୍ଟ୍ରା ହୋଇଥିଲା। ଶୋଭନା ମିଶ୍ର ଓ ପୁନ୍‌ପୁନ୍ ଉପସ୍ଥିତ ରହିଥିଲେ।

■ ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଉଦ୍‌ଘାଟିତ
■ ଢେମସା ନବରଙ୍ଗପୁରର ପରିଚୟ: ମନ୍ତ୍ରୀ


ନବରଙ୍ଗପୁର ଲୋକ ମହୋତ୍ସବ ମଣ୍ଡେଇ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟ ଅତିଥି।


ମଣ୍ଡେଇ ମଞ୍ଚରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଭିନ୍ନକ୍ଷମଙ୍କ ବାଇକ୍‌କୁ ଜାଳିଦେଲେ ଦୁର୍ବୃତ୍ତ

ଝରିଗାଁ,୬।୧୨(କିଶୋର ଚନ୍ଦ୍ର ମଣ୍ଡଳ)



ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଚାଟିଗୁଡ଼ା ଡିଏନ୍‌କେ ଗ୍ରାମର ଜଣେ ଭିନ୍ନକ୍ଷମ ଯୁବକଙ୍କ ବାଇକ୍‌କୁ କେହି ଦୁର୍ବୃତ୍ତ ଜାଳିଦେଇଥିବା ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନା ପ୍ରକାରେ, ଚାଟିଗୁଡ଼ା ଡିଏନ୍‌କେ ଗ୍ରାମର ଭିନ୍ନକ୍ଷମ ଯୁବକ ବରୁଣ ଦାସ ଗତ ଗୁରୁବାର ରାତିରେ ନିଜ ଘର ପାଖରେ ଥିବା ଏକ ଚାଳିଆଘରେ ଏକ ୩ଚକିଆ ବାଇକ୍ (ଓଡି୨୪-କ୍ୟୁ୦୪୩) ରଖିଥିଲେ। ରାତି ପ୍ରାୟ ୧୦ଟା ୩୦ରେ ପରିବାର ଲୋକେ ହଠାତ୍ ବାହାରେ କିଛି ଶବ୍ଦ ଶୁଣି ବାହାରକୁ ଆସିବା ପରେ ବାଇକ୍ ଧୁଁଧୁଁ ହୋଇ ଜଳୁଥିବା ଦେଖି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ହେଲେ ନିଆଁ ଲିଭାଇବା ବେଳକୁ ବାଇକ୍ ସହ ଚାଳିଆଘର ପୋଡ଼ି ସମ୍ପୂର୍ଣ୍ଣ ଜଳିଯାଇଥିଲା। ବରୁଣ ଏ ନେଇ ଡାବୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଖବର ଲେଖାହେବା ଯାଏ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ସୂଚନା ମିଳିଛି। ଧାରଉଧାରକରି ବାଇକ୍ କିଣିଥିବା ବେଳେ ନିଆଁରେ ପୋଡ଼ିଯିବା ପରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

## ବ୍ଲକସ୍ତରୀୟ ଖରିଫ ଧାନ କ୍ରୟ ପାଇଁ ଚାଷୀ ତାଲିମ ଶିବିର

ମାଲକାନଗିରି,୬।୧୨ (ଦୁର୍ଯ୍ୟୋଧନ ପାତ୍ର)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ମାଲକାନଗିରି ଜିଲା ଖଇରପୁଟ ସଦର ବ୍ଲକ୍ କାର୍ଯ୍ୟାଳୟ ବୈଠକଗୃହରେ ଜିଲା ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଚଳିତ ଖରିଫ ଋତୁରେ ଧାନକ୍ରୟ ସମ୍ପର୍କରେ ଏକ ଚାଷୀ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଖଇରପୁଟ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱ କିର୍ଷାନୀ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଡୁମୁଲୁଗୁମା ଲ୍ୟାମ୍ପସ୍ ସଭାପତି ଗୋପୀ ପାଙ୍ଗୀ, ପରିଚାଳକ ରମେଶ ଚନ୍ଦ୍ର ରାଉତ, ଗୋବିନ୍ଦପାଲ୍ଲୀ ଲ୍ୟାମ୍ପସ୍ ସଭାପତି ସମାରୁ ହାଡ଼ପୁଟିଆ, କୁଡୁମୁଲୁଗୁମା ସରପଞ୍ଚ ମଙ୍ଗଳା ମାଡ଼ି, ସମିତି ସଭ୍ୟ ରାମଚନ୍ଦ୍ର ମଲାଲ, ଲ୍ୟାମ୍ପସ୍ ପରିଚାଳକ ଅନ୍ତର୍ଯାମୀ ସାହୁ, ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ରାଜେନ୍ଦ୍ର ଜେନା ସାମନ୍ତ ଓ ସୁଚିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଧାନ କ୍ରୟ ହେବାକୁ ଥିବାବେଳେ ମଣ୍ଡିଗୁଡ଼ିକର ବ୍ୟବସ୍ଥା, ଉତ୍ତମ ଗୁଣବତ୍ତା ଧାନ କ୍ରୟ ପଦ୍ଧତି ଓ ପ୍ରତ୍ୟେକ କୁଇଣ୍ଟାଲ ପ୍ରତି ରାଜ୍ୟ ସରକାରଙ୍କ ଘୋଷିତ ୮୦୦ ଟଙ୍କା ବୋନସ ସହାୟତା ରାଶି ମିଶି ଧାନର ମୂଲ୍ୟ ୩୧୦୦ ଟଙ୍କା ଗୋଟିଏ କ୍ୱିଣ୍ଟରେ ଚାଷୀ ପାଇବା ବିଷୟରେ ବିବରଣୀ ଦେଇଥିଲେ। ମୁଖ୍ୟ ଅତିଥି କିର୍ଷାନୀ ସମସ୍ତ ଚାଷୀଙ୍କୁ ଉତ୍ତମ ଗୁଣବତ୍ତାର ଧାନ ମଣ୍ଡିକୁ ଆଣିବା ପାଇଁ ଅନୁରୋଧ କରି ଶାନ୍ତିଶୃଙ୍ଖଳା ସହ ମଣ୍ଡି ପରିଚାଳନା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ନିୟନ୍ତ୍ରିତ ବଜାର କମିଟି ଅଧିକାରୀମାନେ କିପରି ଧାନର ଗୁଣବତ୍ତା ପରୀକ୍ଷଣ କରାଯାଏ ସେ ବିଷୟରେ ଅବଗତ କରାଇଥିଲେ।

# ପାରମ୍ପରିକ ନାଚଗୀତରେ ଦୁଲୁକିଲା ମୁଖ୍ୟ ରାସ୍ତା

## ମଣ୍ଡେଇ ସାଂସ୍କୃତିକ ଶୋଭାଯାତ୍ରା

ନବରଙ୍ଗପୁର,୬।୧୨(ସଦାଶିବ ପ୍ରହରାଜ)


ଶୋଭାଯାତ୍ରାରେ କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ଛାତ୍ରୀମାନେ ଢେମସା ନୃତ୍ୟ ପରିବେଷଣ କରୁଛନ୍ତି।

ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ-୨୦୨୪ ଶୁକ୍ରବାର ବହୁ ଆଡ଼ମ୍ବର ସହକାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡା. ଶୁଭଙ୍କର ମହାପାତ୍ର ପ୍ରଥମେ ଭଣ୍ଡାରଘରଣୀଙ୍କ ନିକଟରେ ପୂଜାର୍ଚ୍ଚନା କଲା ପରେ ପାରମ୍ପରିକ ରୀତିନୀତିରେ ମଶାଲ ପ୍ରଜ୍ୱଳିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିଲାର ବିଭିନ୍ନ ପଞ୍ଚାୟତ ସମିତି ଅଞ୍ଚଳରୁ ଆସିଥିବା ପାରମ୍ପରିକ ନୃତ୍ୟ ସିଂହବଜା, ପାଇକ ଆଖଡ଼ା, ବାଲି ଚାଙ୍ଗୁଡ଼ା ଓ ଢୋଲ, ଲାଠି ଗୁଟି, ଭାମଭାମାଣି ନିଶାନ, ଘଣ୍ଟ ଶଙ୍ଖ, ଢେମ୍ସା, ମାଟି ମାଦଳ, ଖୁଟ ମାଦଳ, ଖଂଜଣୀ ବଜା, ରାମ ଲୀଳା, ମାଦଳ ବଜା, ଗୋଡି ବଜା, ବାନା ବାଡି, ମାଦ୍ଲି, ଘୁଘୁରା, ଅଲେଖ ଲୀଳା, କଂସ ବଧ, ମାଡ଼ିଆ, ସଂକୀର୍ତ୍ତନ, ଧାଙ୍ଗଡ଼ୀ ନାଚ, ପେଟା ପରବ୍ବ, ହସ ନାଟ, ଶବର ଲୀଳା, ଦଣ୍ଡାରୀ, ଗେଂଠେଡ଼ି, ଗୋରଖି ଇତ୍ୟାଦି ସହ ପାରମ୍ପରିକ ବାଦ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶୋଭାଯାତ୍ରା ଭଣ୍ଡାରଘରଣୀ ମନ୍ଦିରରୁ ବାହାରି ସହର ପରିକ୍ରମାକରି ମଣ୍ଡେଇ ପଡ଼ିଆଠାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, ଝରିଗାଁ ବିଧାୟକ ନରସିଂହ ଭତ୍ରା, ପୌର ଅଧ୍ୟକ୍ଷ କୁନୁ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ (ସାଧାରଣ), ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ (ରାଜସ୍ୱ), ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ବଡ଼ଯେନା, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲାର ସମସ୍ତ ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଅନୁସୂଚିତ ଜାତି ଓ ଜନଜାତି ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ଜବ୍ରୁରିକାଳୀନ ବିଭାଗ ହିମାଂଶୁ ଶେଖର ପଟ୍ଟନାୟକ ଓ ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜି ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମଶାଲ ସମେତ ପ୍ରତୀକ ଦେବୀ ଲାଠି, ଚୌକି, ବାଲି ବିହନ ଚାଙ୍ଗୁଡ଼ି, ପ୍ରତୀକ ଭାମଭାମାଣି, ପାରମ୍ପରିକ ଢେମସା, ସାଇଲିଡ଼ି, ବିଭିନ୍ନ ପାରମ୍ପରିକ ବାଜା ଧ୍ୱନି ତାଳ ଦ୍ୱାରା ନବରଙ୍ଗପୁର ସହରର ମୁଖ୍ୟ ରାସ୍ତା ଦୁଲୁକିଥିଲା। ଏଥିସହ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉକ୍ତ ଶୋଭାଯାତ୍ରାରେ ବାହାରି ମଣ୍ଡେଇ ପଡ଼ିଆଠାରେ ପହଞ୍ଚିଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପଲ୍ଲିଶ୍ରୀ ମେଳା ଓ ଜିଲାସ୍ତରୀୟ ମଣ୍ଡେଇ ଉଦ୍‌ଘାଟିତ ହୋଇଥିଲା। ସାଂସ୍କୃତିକ ସଭା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।


ମଣ୍ଡେଇ ମଞ୍ଚକୁ ମହିଳାମାନେ ବାଲି ଓ ବିହନ ଗଜା ଚାଙ୍ଗୁଡି ନେଇ ଯାଉଛନ୍ତି।

# ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂକଳ୍ପ ଉଦ୍‌ଯାପିତ

ତେନ୍ତୁଲିଖୁଣ୍ଟି,୬।୧୨ (ବିନୋଦ ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିମନ୍ତେ ତେନ୍ତୁଲିଖୁଣ୍ଟିସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ଦ୍ୱ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ସଂକଳ୍ପ' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ନବରଙ୍ଗପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ନନ୍ଦାହାଣ୍ଡି ଓ ତେନ୍ତୁଲିଖୁଣ୍ଟି ବ୍ଲକ୍‌ର ପ୍ରାୟ ୫୦ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଥିଲେ। ପ୍ରଶିକ୍ଷଣରେ ନୂତନ ଶିକ୍ଷାନୀତି ୨୦୨୦ର ଆବଶ୍ୟକତା, ଶ୍ରେଣୀଗୃହ ପରିଚାଳନା, ଶିକ୍ଷାର୍ଥୀ ଗ୍ରୁପ ଆଉଟର କାରଣ, ଆଇସିଟିର ବ୍ୟବହାର, ସାଇବର ସେଫ୍ଟି ଓ ସିକ୍ୟୁରିଟି ନିମନ୍ତେ ସରକାରଙ୍କ ତରଫରୁ ଦିଆଯାଇଥିବା ବିଭିନ୍ନ ପ୍ରୋତ୍ସାହନ ଅଭିରେଶନ କମ୍ପୋନେଣ୍ଟ ତଥା ଗୁଣାତ୍ମକ ଶିକ୍ଷାର ଅନ୍ୟାନ୍ୟ ଦିଗ ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ସୁଶାନ୍ତ କୁମାର ସାହୁ, ଭୁବନ ହରିଜନ, ସଞ୍ଜିତ କୁମାର ତ୍ରିପାଠୀ ଓ ଅକ୍ଷୁର ବାଗ ଯୋଗଦେଇଥିଲେ। ବ୍ଲକ୍ ଶିକ୍ଷାଧିକାରୀ ରମେଶ ରାୟଙ୍କ ତତ୍ତ୍ୱାବଧାନରେ ଏକ୍ସିଓ ମୋହନ ମଧୁସୂଦନ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ।

## ୫୧ ଏକର ଗଞ୍ଜେଇ ଚାଷ ନଷ୍ଟ

କୋରାପୁଟ,୬।୧୨(ଅମିତାଭ ବେହେରା)

କୋରାପୁଟ ଜିଲାର ପାଡୁଆ ଥାନା ଅଞ୍ଚଳର ସାରିଆ ପଙ୍କା ଓ ଅଣ୍ଡରଗୁଡ଼ା ଗ୍ରାମ ନିକଟରେ ଥିବା ୫୧ ଏକର ଜମିରେ କରାଯାଇଥିବା ଗଞ୍ଜେଇ ଗଛକୁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ନଷ୍ଟ କରାଯାଇଛି। ପାଡୁଆ ଥାନା ଅଧିକାରୀ ଅଶୋକ କୁମାର ବିଷୋୟୀ ଓ କୋରାପୁଟ ଅବକାରୀ ଇନିସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ନନ୍ଦପୁର ଅବକାରୀ ଇନିସପେକ୍ଟର ଅର୍ଣ୍ଣପୂର୍ଣ୍ଣା ରଥ, ଇନିସପେକ୍ଟର ଚନ୍ଦ୍ର ଶେଖର ପଢ଼ିହାରୀ, ଏଏସଆଇ ରାଜୁ କୁମାର ଖିଲ୍ଲ, ଏଏସଆଇ ସୁଶାନ୍ତ ନାୟକ, ରାଜସ୍ୱ ଅଧିକାରୀନ ଓ ଆରଆଇ ଫୋର୍ସ ମିଳିତ ଭାବେ ୫୧ ଏକର ଜମିରେ ଚାଷ କରାଯାଇଥିବା ୭୧ ହଜାର ୪୦୦ ଗଞ୍ଜେଇ ଗଛକୁ ନଷ୍ଟ କରିଥିଲେ। ଗଞ୍ଜେଇ ଗଛର ଆନୁମାନିକ ଦର ୭ କୋଟି ୧୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

**DIRECTORATE OF MEDICAL EDUCATION AND TRAINING, ODISHA**
Heads of Department Building, Bhubaneswar,751001, Tel.No.0674-2393847, 2394255
E-Mail: dmetbbsr4@gmail.com, www.dmetodisha.gov.in

**Notification No. MET-I-AMS-001-2024-23244** **Date:04.12.2024**

**No.E-556:**On-line applications are invited from the Government approved private institutions for the Renewal of NOC/Recognition to impart PG, UG, Diploma and Certificate courses under the Councils of Pharmacy, Occupational Therapy & Physiotherapy, DMLT & DMRT and Allied Medical Science for the Academic Session 2025-26. The last date for on-line application is Dt.20.12.2024 (upto 05.00 P.M.).

The online application link, detail guidelines and instruction manual are available in the website of DMET (O), i.e. www.dmetodisha.gov.in under the section of various councils or www.dmetodisha.org.

**Sd./-**
**OIPR-10016/11/0018/2425** **Director, Medical Education & Training, Odisha**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 19945/IND-II-PH-୧୨୩୮ ତାରିଖ: 05.12.2024
No.CAD-1802

**ବିଜ୍ଞାପନ**

ଏତଦ୍‌ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ତିରିଙ୍ଗପାହାଡ଼ ଲୌହ ପଥର ଖଣି, ଓଡ଼ିଶାର କେନ୍ଦୁଝର ଜିଲା, ବଡ଼ବିଲ ତହସିଲ ଅନ୍ତର୍ଗତ କୁନ୍ଦ୍ରାପାଣି ଗ୍ରାମରେ ୭୮.୩୦ ହେକ୍ଟର ପରିମିତ ଅଞ୍ଚଳରେ ଲୌହ ଖଣିଜ ଉତ୍ପାଦନ କ୍ଷମତା ବାର୍ଷିକ ୦.୩୫ ଏମ୍‌ଟିପିଏରୁ ୦.୯୯୫ ଏମ୍‌ଟିପିଏକୁ ବୃଦ୍ଧି କରି ବର୍ତ୍ତମାନ ବିଦ୍ୟମାନ ୧ଟି ୨୦୦ ଟିପିଏଚ୍ କ୍ଷମତା ବିଶିଷ୍ଟ କ୍ରସିଂ ଏବଂ ସ୍କ୍ରିନିଂ ପ୍ରକଳ୍ପ ସହିତ ଅତିରିକ୍ତ ପ୍ରସ୍ତାବିତ ୨୦୦ ଟିପିଏଚ୍ କ୍ଷମତା ବିଶିଷ୍ଟ ୨ଟି ମୋବାଇଲ୍ କ୍ରସିଂ ଏବଂ ସ୍କ୍ରିନିଂ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ** ଆବଶ୍ୟକ ପରିବେଶ ମଞ୍ଜୁରୀ ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ **[State Environment Impact Assessment Authority (SEIAA)]**, ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଦକ୍ଷେପ ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏହାନିମନ୍ତେ ବୋର୍ଡ, ସର୍ବସାଧାରଣ ଶୁଣାଣି କରିବା ନିମନ୍ତେ ପ୍ରକ୍ରିୟା ଅବଲମ୍ବନ କରୁଛନ୍ତି, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଦ୍ବେଗ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି।

ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନରେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସମ୍ପଦ ବ୍ୟବହାରକାରୀ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବରେ ମତାମତ ଦେବା ପାଇଁ ଜନଶୁଣାଣି ବ୍ୟବସ୍ଥାରେ **ତା.୦୭.୦୧.୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲା, ବଡ଼ବିଲ ତହସିଲ ଅନ୍ତର୍ଗତ ବୈତରଣୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ମୌଜା (କୁନ୍ଦ୍ରାପାଣି ଗ୍ରାମଠାରୁ ୨ କିମି, ଖଣ୍ଡବନ୍ଧ ଗ୍ରାମଠାରୁ ୪ କିମି, ଦଳାପହଡ଼ ବସ୍ତିଠାରୁ ପ୍ରାୟ ୨୦ ମିଟର), ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ବିଶେଷ, ସମୁଦାୟ ୧୨.୫୦ ଡିସିମିଲ ଅଞ୍ଚଳରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧) ଜିଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର।**
୨) ଜିଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର।**
୩) ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **କେନ୍ଦୁଝର।**
୪) ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫) ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର।**
୬) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବସାଇଟ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**
OSPCB-PH-MISC-0039-2024/3/2024 OIPR-08012/11/0129/2425

# ଇସିବି କାରବାର ମାଧ୍ୟମରେ ୧୦୯.୫ ନିୟୁତ ଡଲାର ହାସଲ

**ନୂଆଦିଲ୍ଲୀ,୬।୧୨**

ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ବାହ୍ୟ ବାଣିଜ୍ୟିକ ଋଣ (ଇସିବି) ଢାଞ୍ଚା ଅଧୀନରେ ଏକ ମଲ୍ଟି ଲାଟେରାଲ ସିଣ୍ଡିକେଟ ସାମାଜିକ ଋଣ ସୁବିଧା ମାଧ୍ୟମରେ ୧୦୯.୫ ନିୟୁତ ଡଲାର ହାସଲ କରିଛି। ସେହିଭଳି ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ (ଏସ୍‌ସିବି) ମାଧ୍ୟମରେ ଏହି କାରବାର ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି। ଏଥିରେ ସାଉଥ ଇଷ୍ଟ ଏସିଆ, ମିଡିଲ ଇଷ୍ଟ ଏବଂ ଆଫ୍ରିକାର ୧୦ଟି ପ୍ରତିଷ୍ଠିତ ଆର୍ଥିକ ଅନୁଷ୍ଠାନ ସାମିଲ ରହିଛନ୍ତି। ଏହା ଏକ ସାମାଜିକ ଆର୍ଥିକ ଢାଞ୍ଚା ଅଧୀନରେ ପ୍ରସ୍ତୁତ କରାଯାଇଥିଲା। ଏହାକୁ ଏସ୍ ଆଣ୍ଡ ପି ଗ୍ଲୋବାଲ ଦ୍ୱାରା ସମୀକ୍ଷା ଏବଂ ବୈଧ କରାଯାଇଥିଲା, ଯାହା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ଅନ୍ନପୂର୍ଣ୍ଣାର ଧ୍ୟାନକୁ ସମର୍ଥନ କରିଥିଲା। ଉପରୋକ୍ତ ରାଶି ବ୍ୟତୀତ ଅତିରିକ୍ତ ୪୦ନିୟୁତ ଡଲାର ସଂଗ୍ରହ କରିବା ପାଇଁ କମ୍ପାନୀ ନିକଟରେ ଗ୍ରୀନ୍ ସୁ ବିକଳ୍ପ ମଧ୍ୟ ରହିଛି।

ଏ ସମ୍ପର୍କରେ ଅନ୍ନପୂର୍ଣ୍ଣା ଫାଇନାନ୍ସର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି, ଏହି କାରବାର ଅନ୍ନପୂର୍ଣ୍ଣା ଫାଇନାନ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ହୋଇଥିଲାବେଳେ ଏକାଧିକ ଅଞ୍ଚଳର ଆର୍ଥିକ ଅନୁଷ୍ଠାନ ଭାବେ ଆମର ଯୋଗଦାନ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରୟାସରେ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି। ଏହି ପାଣ୍ଠିଗୁଡିକ ଗ୍ରାମୀଣ ଏବଂ ଅବହେଳିତ ସମୁଦାୟଗୁଡିକୁ ଋଣ ପ୍ରଦାନ କରିବାକୁ ଆମର ମିଶନକୁ ସମର୍ଥନ କରିବ ଏବଂ ଅନ୍ନପୂର୍ଣ୍ଣା ପାଇଁ ଦୀର୍ଘମିଆଦୀ ବିଦେଶୀ ଋଣ ଏଏଲ୍‌ଏମ୍ ସ୍ଥିତିକୁ ସୁଦୃଢ଼ କରିବ ଏବଂ ପାଣ୍ଠି ଉତ୍ସରେ ବିବିଧତା ଆଣିବ।

# ଖସିଲା ଶେୟାର ବଜାର

**ମୁମ୍ବାଇ,୬।୧୨**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୭ (୫୬.୭୪) ପଏଣ୍ଟ କମି ୮୧,୭୦୯(୮୧,୭୦୯.୧୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୧ (୩୦.୬୦) ପଏଣ୍ଟ ହ୍ରାସ ଘଟି ୨୪,୬୭୮ (୨୪,୬୭୭.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ

**ଭୁବନେଶ୍ୱର,୬।୧୨ (ଅଭୟ ଦାଶ)**




ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପରିସରରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ସପ୍ତାହବ୍ୟାପୀ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏପରିକି ସ୍ଥାନୀୟ ଗୋଷ୍ଠୀକୁ ଏଚ୍‌ଆଇଭି ସଂକ୍ରମିତ ଉପରେ ଅଧିକ ସଚେତନ ପାଇଁ ଉପଯୁକ୍ତ ମାର୍ଗ ଅନୁସରଣ କର: ମୋର ସ୍ୱାସ୍ଥ୍ୟ ମୋର ଅଧିକାର ବିଷୟ ଉପରେ ବାର୍ତ୍ତା ଦେଇଥିଲା। ଉକ୍ତ ଅଭିଯାନରେ ବେଦାନ୍ତର ଝାରସୁଗୁଡ଼ା ୟୁନିଟ୍, ଲାଞ୍ଜିଗଡ଼ ୟୁନିଟ୍, ସିଜିମାଳି ଏବଂ ସୁନ୍ଦରଗଡ଼ର ଖଣି ପ୍ରକଳ୍ପ ସମେତ କମ୍ପାନୀର କୋଇଲା ଓ ବକ୍ସାଇଟ ପ୍ରକଳ୍ପଗୁଡ଼ିକରେ ମଧ୍ୟ କାର୍ଯ୍ୟରତ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ୧୧,୪୦୦ରୁ ଅଧିକ ଲୋକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅଧିବେଶନ, ଶୋଭାଯାତ୍ରା (ରାଲି), ନୁକ୍କଡ ନାଟକ ଓ ସ୍ୱାସ୍ଥ୍ୟ ଶିକ୍ଷା ଭଳି କାର୍ଯ୍ୟକ୍ରମ ଜରିଆରେ କମ୍ପାନୀର ଟିମ୍ ଅନେକ ଶହ ଛାତ୍ରୀଛାତ୍ର, ଟ୍ରକ ଡ୍ରାଇଭର, ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକମାନଙ୍କ ନିକଟରେ ପହଞ୍ଚିଥିଲା।

ବିଶେଷକରି ଲୋକମାନଙ୍କୁ ଏ ଚ୍ ଆ ଇ ଭି - ଏ ଡ୍ ସ ସମ୍ପର୍କରେ ବୁଝାଇବା ସହିତ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ ପାଇଁ ସମସ୍ତଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ଆମେ ଦୃଢ ଭାବେ ବିଶ୍ୱାସ କରୁ ଯେ ଗୋଷ୍ଠୀର ସ୍ୱାସ୍ଥ୍ୟ ଓ କଲ୍ୟାଣ ନିରନ୍ତର ବିକାଶର ମୂଳଦୁଆ । ବିଶ୍ୱ ଏଡ୍‌ସ ଦିବସ ଅବସରେ ଆମର ଏହି ସଚେତନତା ଅଭିଯାନ ବେଶ୍ ଶିକ୍ଷଣୀୟ ହୋଇଥିଲାବେଳେ ଏହା ଜରିଆରେ ଆମେ ସ୍ୱାସ୍ଥ୍ୟ ପାଇଁ ରହିଥିବା ଚ୍ୟାଲେଞ୍ଜଗୁଡ଼ିକୁ ମଧ୍ୟ ସମାଧାନ କରିବାରେ ପ୍ରତିବଦ୍ଧ। ଲୋକଙ୍କ ମଧ୍ୟରେ ଏହି ରୋଗ ସମ୍ପର୍କରେ ରହିଥିବା ଭୟ, ନିନ୍ଦା, କଳଙ୍କକୁ ଦୂରକରିବା ସହ ଏହାର ପ୍ରତିକାର ତଥା ସଚେତନତା ବିଷୟରେ ମଧ୍ୟ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ଆମର ଲକ୍ଷ୍ୟ । ଆମେ ସାମୂହିକ କାର୍ଯ୍ୟକୁ ପ୍ରେରଣା ଦେବା ଓ ସୁସ୍ଥତାର ମାର୍ଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏପରିକି ସ୍ୱାସ୍ଥ୍ୟ ଓ ସଚେତନତା ପଦକ୍ଷେପ ଜରିଆରେ ବେଦାନ୍ତ ଆଲୁମିନିୟମ ସମାଜର ପରିବର୍ତ୍ତନ ଆଣିବା ପାଇଁ ଉତ୍ସର୍ଗୀକୃତ ରହିଛୁ। ବିଭିନ୍ନ ହିତାଧିକାରୀଙ୍କୁ ନିୟୋଜିତକରି ବିଶ୍ୱ ଏଡ୍‌ସ ଦିବସ ପାଳନ ଓ ସଚେତନ ବୃଦ୍ଧି କରିବା ପ୍ରୟାସ ଜାରି ରଖିଛି।


## ODISHA PUBLIC SERVICE COMMISSION CUTTACK

**NOTICE**

**No. 6967/PSC, Dt.05.12.24**
**(DR-IV) (2PH-05-2024-25)**

**No.D-202:-** It is for information of all concerned that **Written Examination** for recruitment to the Post of **Assistant Analytical Chemist**, pursuant to Advertisement No. **09 of 2023-24** is scheduled to be held on **12.01.2025 (Sunday)** commencing from **10.00 A.M. to 01.00 P.M. (10.00 A.M. to 02.00 P.M. for PWD Candidates)** in different examination centres at Cuttack Zone.

The detailed programme of examination along with venue of Examination Centres will be notified shortly. The candidates are advised to visit (**www.opsc.gov.in**) the website of the Commission regularly for further information on examination related Notice(s).

OIPR-12002/11/0100/2425 **Sd./- Secretary**

## GOVERNMENT OF ODISHA OFFICE OF THE SUPERINTENDING ENGINEER UPPER KOLAB IRRIGATION DIVISION BORIGUMMA, DIST: KORAPUT

**e-Procurement Notice**

**Bid Identification No. SEUKID-05/2024-25, Dated:03.12.2024**

**No.-A-675:** Bid documents consisting of Work, Estimated Cost, Cost of Bid document, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Works
2. No. of Work : 10 Nos.
3. Estimated Cost : Rs.7.71 Lakhs to Rs.21.36 Lakhs
4. Period of Completion : Two Calendar Months
5. Date & Time of Bidding : From 11.00 hours of 07.12.2024 Upto 17.00 hours of 17.12.2024
6. Last date & time for receipt of bids in portal : 17.12.2024 upto 17.00 hours
7. Bids received online shall be opened on : 11.00 hours of 18.12.2024
8. Name and address of the Officer Inviting Bid : Superintending Engineer Upper Kolab Irrigation Division Borigumma (K)

Further details can be seen from the www.tendersodisha.gov.in.

**Sd./- Superintending Engineer Upper Kolab Irrigation Division, Borigumma (K)**

OIPR-32482/11/0007/2425

## Government of Odisha, e-Procurement Notice INVITATION FOR BIDS (IFB)

**Bid Identification No.C.C.E.Dkl (R&B) 09/2024-25**
**Email Id:sedklpwd@gmail.com**
**Letter No.2381/ Dt.04.12.2024**

**No.B-730:**The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate Bids in double cover system to be received in ONLINE MODE from eligible contractors for Building works as detailed below:

1. Name of the Work : Building Works
2. No. of Works : 07 (Seven) Nos.
3. Estimated Cost : Rs.2.53 Crore to 2.87 Crore **(as given in column No. 03 of table)**
4. Cost of Tender Paper : Rs.10,000.00
5. Class of Contractor : 'A' Class & 'B' Class **(as given in column No. 07 of table)**
6. Period of Completion of Work : 05 (Five) to 07 (Seven) **(as given in column No. 08 of table)**
7. Date and Time of availability of Bid document in the website : From Dt.10.12.2024 to 5.00 P.M. of Dt.24.12.2024
8. Date of Opening of Bid : Dt.26.12.2024 at 11.00 A.M.

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

**Sd./- Chief Construction Engineer Dhenkanal (R&B) Circle, Dhenkanal**

OIPR-34132/11/0022/2425

## ODISHA PUBLIC SERVICE COMMISSION

**NOTICE**

**No. 7000/PSC., Dt.05.12.24**
**(1E-10-2024/25) (DR-II)**

**No.D-203:-** The written Examination for recruitment to the Post of **Psychiatric Social Worker** under H & F.W. Department, pursuant to the Advertisement No. **38 of 2023-24** will be held at Bhubaneswar Zone as per the following programme:

**Programme of Examination**

| Date | Time |
|---|---|
| **22.12.2024 (Sunday)** | **10.00 A.M. to 11.30 A.M.** |

The candidates are required to download their **"Admission Certificate"** and **"Instruction to Candidates"** from website of the Commission **(www.opsc.gov.in) from 17.12.2024 onwards**.

OIPR-12002/11/0101/2425 **Sd./- Secretary**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି

(ଲଘୁ ଖଣିଜ ଶାଖା)

**ସର୍ବସାଧାରଣ ବିଜ୍ଞପ୍ତି ନଂ.-୯୭୬, ତାରିଖ.୪.୧୨.୨୦୨୪**

No.G-30:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଗଜପତି ଜିଲ୍ଲାରେ ୪୭ଟି ସମ୍ଭାବ୍ୟ ଲଘୁଖଣିଜ ଉତ୍ସ, ଯଥା- ବାଲି ୨୫ଟି, ପଥର ୨୧ଟି ଏବଂ ମୋରମ୍ ୧ଟି ଏବଂ ୫୫ଟି ନିର୍ଦ୍ଦିଷ୍ଟ ଲଘୁ ଖଣିଜ ସମ୍ବନ୍ଧରେ ଜିଲ୍ଲା ସର୍ଭେ ରିପୋର୍ଟ (DSR) ର ଖସଡା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବିଜ୍ଞପ୍ତି ତଥା SEIAA ତରଫରୁ ମିଳିଥିବା ନିର୍ଦ୍ଦେଶ ଅନୁଯାୟୀ ଉପଖଣ୍ଡସ୍ତରୀୟ କମିଟି ଦ୍ୱାରା ଗଜପତି ଜିଲ୍ଲା ପାଇଁ ପ୍ରସ୍ତୁତ କରାଯାଇଛି । ସମ୍ଭାବ୍ୟ DSR ସହିତ ସମସ୍ତ ଲଘୁଖଣିଜ ଉତ୍ସର ତାଲିକା ଜିଲ୍ଲା ୱେବ୍‌ସାଇଟ (www.gajapati.nic.in), ଡି.ଡି.ଏମ୍. ବ୍ରହ୍ମପୁର/ ଖଣି ଅଧିକାରୀ, ଗଜପତି/ ସମସ୍ତ ବି.ଡି.ଓ./ ସମସ୍ତ ତହସିଲଦାର/ ଉପ-ଜିଲ୍ଲାପାଳ, ପାରଳାଖେମୁଣ୍ଡି, ଗଜପତି ଏବଂ ଜିଲ୍ଲାପାଳ, ଗଜପତିଙ୍କ ଦପ୍ତରରେ ଉପଲବ୍ଧ ହୋଇଅଛି । ଯଦି କୌଣସି ବ୍ୟକ୍ତି ବିଶେଷମାନଙ୍କର DSR ଉପରେ ମନ୍ତବ୍ୟ ଦେବାର ଥାଏ, ସେମାନେ ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ଲଘୁ ଖଣିଜ ଅଧିକାରୀ, ଗଜପତିଙ୍କ ନିକଟରେ ମନ୍ତବ୍ୟ ଦାଖଲ କରିପାରିବେ । ପ୍ରକାଶନ ତାରିଖ ଠାରୁ ୩୦ ଦିନ ପରେ ପ୍ରାପ୍ତ ହୋଇଥିବା ମନ୍ତବ୍ୟ ଗ୍ରହଣ କରାଯିବ ନାହିଁ ଏବଂ ଜିଲ୍ଲା ସର୍ଭେ ରିପୋର୍ଟ (DSR) ର ଡ୍ରାଫ୍ଟ ଅନୁମୋଦନ ନିମନ୍ତେ SEIAA କୁ ପଠାଯିବ ।

ଜିଲ୍ଲାପାଳଙ୍କ ଆଦେଶାନୁସାରେ

OIPR-30035/11/0003/2425 ସ୍ୱା./- ଅତିରିକ୍ତ ଜିଲ୍ଲାପାଳ, ଗଜପତି

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୧୧ **ବିଜ୍ଞାପନ** ତା:୩୦।୧୧।୨୦୨୪

No. CAD-1792:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଉମାପଦା, ଯାଜପୁର ଗୃହ ନିର୍ମାଣ ପ୍ରକଳ୍ପରେ **ଘର ନଂ.- ଏଲ୍.ଆଇ.ଜି.-୨-୧୭ (LIG-II-୧୭)କୁ (୧) କନକଲତା ନାୟକ, ସ୍ୱା- ୰ ସୁବାସ ଚନ୍ଦ୍ର ବେହେରା, (୨) ଇଶାନୀ ବେହେରା, ପି- ୰ ସୁବାସ ଚନ୍ଦ୍ର ବେହେରା, (୩) ଶିବାନୀ ବେହେରା, ପି- ୰ ସୁବାସ ଚନ୍ଦ୍ର ବେହେରା, ଗ୍ରା- ବାଣପୁର, ପୋ-ଜୟନ୍ତରା, ଥା- ମଙ୍ଗଳପୁର, ଜି- ଯାଜପୁର**ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ **କୁଳମଣି ଧଳ, ପି- ବଳରାମ ଦଳ, ଗ୍ରା/ପୋ/ଥା- ଯଖପୁରା, ଜି- ଯାଜପୁର**ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0348/2425

## REQUEST FOR PROPOSAL FOR "OPERATION & MANAGEMENT OF INTEGRATED PACK HOUSE (IPH) AT GOVINDPUR, DHENKANAL ON LEASE"

RFP No.-1, Dt.04.12.2024

**No.-L-103:** Managing Director, Dhenkanal Fruits & Vegetables Marketing Company Limited (DFVMCL)-cum-Director of Horticulture, Govt. of Odisha invites sealed proposals from eligible bidders for "Operation & Management of Integrated Pack House (IPH) at Govindpur, Dhenkanal on Lease". The detailed RFP document can be downloaded from the website https://tendersodisha.gov.in/ www.odihort.nic.in from 06.12.2024. The proposal complete in all respect must reach the undersigned through online only latest by 23.12.2024 upto 5.00 PM. The last Date for Submission of Proposal is 23.12.2024 upto 5.00 P.M.

**MD DFVMCL-cum-Director of Horticulture, Govt. of Odisha reserves the right to accept or reject any application and to annual the process at any time, without any liability and assigning any reason thereof.**

**Sd./- Nikhil Pavan Kalyan, IAS**
**MD DFVMCL-cum-Director of Horticulture**
**Krushi Bhawan, Gopabandhu Marg**
**Bhubaneswar, Odisha, Pin No:751001**
**e-mail:Supportdho.od@nic.in**

OIPR-01038/11/0001/2425

## ODISHA STATE CASHEW DEVELOPMENT CORPORATION LTD.

(A Govt. of Odisha Undertaking)
At/PO.-Ghatikia, Near Kalinga Studio, Bhubaneswar-751029

**Notice for Auction of Cashew Plantation No.3**

**No.CAD-1806:**Odisha State Cashew Development Corporation Limited hereby invites interested person/ organisation to bid for the cashew plantations under its jurisdiction in two divisions-Khordha and Jajpur in the auction to be effectuated on the website https://www.mstcecommerce.com/ on Dt.13/12/2024. The details of the date and time related to the auction process are as mentioned below.

| Sl. No. | Particulars | Date | Time |
|---|---|---|---|
| 1 | Publication Date | 05/12/2024 | 11.00 AM |
| 2 | Document Submission/EMD Payment Start Date | 05/12/2024 | 11.00 AM |
| 3 | Document Submission/EMD Payment End Date | 12/12/2024 | 05.00 PM |
| 4 | Auction Start Date | 13/12/2024 | 11.00 AM |
| 5 | Auction End Date | 13/12/2024 | 05.00 PM |

The plantations will be leased out for 5 years/ 3 years as per the area of the plantation. The detailed terms and condition may be obtained from the website https://www.mstcecommerce.com/ or https://www.oscdc.nic.in.

Thus it is notified for the information of general public that, you are requested to take part in the auction process carefully as per the instructions mentioned in the above mentioned website, date and time. For more information you may contact to the Head Office or the respective Division Offices.

OIPR-01049/11/0020/2425 **Sd./- Managing Director**

## GOVERNMENT OF ODISHA HOUSING & URBAN DEVELOPMENT DEPARTMENT OFFICE OF THE NOTIFIED AREA COUNCIL, PADAMPUR

At- Padampur, PO- Rajborasambar, Dist.- Bargarh, Pin- 768036
Ph. No. 06683-223436, E-mail:- nac.padampur@gmail.com

No. 2134/NAC Dt. 03.12.2024

**National Competitive Bidding through e-procurement**
**Bid Identification No. NAC-PDP-05/2024-25**

No. C-1181:- The Executive Officer, N.A.C., Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

| | | | |
|---|---|---|---|
| 1. | Nature of Work | : | Civil Work |
| 2. | No. of Works | : | 63 (Sixty Three Nos.) |
| 3. | Estimate Cost | : | Rs.41,965/- to Rs.15,20,679/- |
| 4. | Class of Contractor | : | "C" or "D" Class |
| 5. | Date & Time of availability of Bid Documents in the Portal | : | **1.00 PM on dt. 06.12.2024 up to 05.00 PM on dt.13.12.2024** |
| 6. | Last date & time for receipt of Bids in the Portal | : | **13.12.2024 at 05.00 PM.** |
| 7. | Original Bids document Received | : | **Before 05.00 PM on dt.16.12.2024** |
| 8. | Bid opening Date | : | **Dt.17.12.2024 at 11.00 AM** |

The bidders have to participate in online bidding only. Further details can be seen from the website https://www.tendersodisha.gov.in

**Sd./- Executive Officer N.A.C., Padampur**

OIPR-13118/11/0010/2425

## OFFICE OF THE SUPERINTENDENT PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ,757001

**Request for Proposal (RFP) for "Supply & Installation of Fully Automated Analyser Machine, Fully Automated Random Access Chemiluminescence Immunoassay System and 7 part CBC Analyser Machine to PRM Medical College and Hospital, Baripada"**

**Adv.No.7546** **Date:05.12.2024**

**No.-E-558:** Sealed Proposals as per the RFP documents are invited from interested eligible bidders having adequate experience in taking up the work of "Supply & Installation of Fully Automated Analyser Machine, Fully Automated Random Access Chemiluminescence Immunoassay System and 7 Part CBC Analyser Machine to PRM Medical College and Hospital, Baripada.". The eligibility criteria and the detail requirement of the said service alongwith the formats for submission for proposal can be downloaded from the district website i.e. https://mayurbhanj.odisha.gov.in. The tender should reach the office of the undersigned within 5.30 PM of Dt.23.12.2024 through Speed Post/ Registered Post / Courier only. Tender will be opened on Dt.24.12.2024 at 11 AM in the Committee hall of PRM MCH, Baripada, Mayurbhanj. The undersigned will not be held responsible for any postal delay and reserves the right to reject any or all the tenders without assigning reason thereof.

**Sd./- Superintendent**
**PRM MCH, Baripada, Mayurbhanj**

OIPR-10120/11/0007/2425

## ମତ୍ସ୍ୟ/ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଉଦ୍ୟୋଗୀମାନେ ଧ୍ୟାନ ଦିଅନ୍ତୁ

## ମୂଲ୍ୟଯୁକ୍ତ ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ଉତ୍ପାଦନ ଏବଂ ରପ୍ତାନି ପାଇଁ ସୁବର୍ଣ୍ଣ ସୁଯୋଗ

No.M-54

- ମୂଲ୍ୟଯୁକ୍ତ ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ଉତ୍ପାଦନ ଏବଂ ରପ୍ତାନି ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟରେ **ପ୍ରକ୍ରିୟାକରଣ କାରଖାନା/ ଯନ୍ତ୍ରପାତିର ସମ୍ପ୍ରସାରଣ/ ଆଧୁନିକୀକରଣ/ ବିବିଧକରଣର** ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ପ୍ରକ୍ରିୟାକରଣ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY) ଅଧୀନରେ ଏକ ନୂତନ ଉପ-ଯୋଜନା ଯଥା ଜଳକୃଷି ଏବଂ ଚିଙ୍ଗୁଡ଼ି ରପ୍ତାନିସେଲର ପ୍ରୋତ୍ସାହନ ଆରମ୍ଭ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା- **ଜଳକୃଷି ଏବଂ ଚିଙ୍ଗୁଡ଼ି ରପ୍ତାନିସେଲର ପ୍ରୋତ୍ସାହନ**

| କ୍ରମିକ ସଂଖ୍ୟା | ବର୍ଗ | ପରିମାଣ | ସର୍ବାଧିକ ସୀମା |
|---|---|---|---|
| ୧ | ସାଧାରଣ ବର୍ଗଙ୍କ ପାଇଁ ଯନ୍ତ୍ରପାତି କ୍ରୟ, ଯନ୍ତ୍ରପାତି ସ୍ଥାପନ | ଜିଏସ୍‌ଟି ଭାଉଚର ଦାଖଲ ଅନୁଯାୟୀ ଯନ୍ତ୍ରପାତିର **୩୦ ପ୍ରତିଶତ ମୂଲ୍ୟ** | ସର୍ବାଧିକ ୩.୫୦ କୋଟି ଟଙ୍କା |
| ୨ | ଅନୁସୂଚିତ ଜାତି, ଜନଜାତି, ମହିଳା, ଦିବ୍ୟାଙ୍ଗ, ଟ୍ରାନ୍ସଜେଣ୍ଡର ଏବଂ ଖାଦ୍ୟ ପ୍ରଯୁକ୍ତି ବିଦ୍ୟାରେ ଡିଗ୍ରୀ/ ଡିପ୍ଲୋମା, ମତ୍ସ୍ୟ/ କୃଷି / ଉଦ୍ୟାନକୃଷି / ପ୍ରାଣୀ ଚିକିତ୍ସା ବିଜ୍ଞାନ କିମ୍ବା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସମାନ ଯୋଗ୍ୟତା ବର୍ଗଙ୍କ ପାଇଁ ଯନ୍ତ୍ରପାତି କ୍ରୟ, ଯନ୍ତ୍ରପାତି ସ୍ଥାପନ | ଜିଏସ୍‌ଟି ଭାଉଚର ଦାଖଲ ଅନୁଯାୟୀ ଯନ୍ତ୍ରପାତିର **୩୫ ପ୍ରତିଶତ ମୂଲ୍ୟ** | ସର୍ବାଧିକ **୪.୦୦ କୋଟି ଟଙ୍କା** |

- ଇଚ୍ଛୁକ ଉଦ୍ୟୋଗୀ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଦରଖାସ୍ତ, ଉପଯୁକ୍ତ କାଗଜପତ୍ର ସହିତ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR) ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ରଙ୍କ (G.M. DIC) ନିକଟରେ ଦାଖଲ କରିବେ ଏବଂ ଏହାର ଏକକିତା ନକଲ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ ।
- ସମ୍ପ୍ରସାରଣ/ଆଧୁନିକୀକରଣ/ବିବିଧକରଣ ପାଇଁ କାରଖାନାର ଅନ୍-ଡେପ୍ରିସିଏଟେଡ ବୁକ୍ ଭାଲ୍ୟୁ (undepreciated book value) ର ଶତକଡ଼ା ୫୦ ପ୍ରତିଶତରୁ କମ୍ ବିନିଯୋଗ କରିବାକୁ ଚାହୁଁଥିବା ଉଦ୍ୟୋଗୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ଓ ଶତକଡା ୫୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ବିନିଯୋଗ କରିବାକୁ ଚାହୁଁଥିବା ଉଦ୍ୟୋଗୀ ସିଧାସଳଖ MSME/Industries ବିଭାଗକୁ ଯୋଗାଯୋଗ କରିପାରିବେ ।
- ସର୍ବନିମ୍ନ ୫୦ ଲକ୍ଷ ବିନିଯୋଗ କରିବା ପାଇଁ ଇଚ୍ଛୁକ ଥିବା ଉଦ୍ୟୋଗୀ ଏହି ଯୋଜନାରେ ଆର୍ଥିକ ସହାୟତା ପାଇପାରିବେ ।
- ଅଧିକ ବିବରଣୀ ପାଇଁ ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର (G.M.DIC)/ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକର ୱେବ୍‌ସାଇଟରେ କ୍ଲିକ କରନ୍ତୁ **http://fisheries.odisha.gov.in/**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

ଫୋନ୍: ୦୬୭୧-୨୪୧୪୦୬୧, ଫ୍ୟାକ୍ସ: ୦୬୭୧-୨୪୧୦୫୨୧
ଇ-ମେଲ: **director.odifish@gmail.com**

OIPR-06015/11/0002/2425

**ତଲାସି ଅଭିଯାନ ବେଳେ ହୃଦ୍‌ଘାତରେ ଯବାନଙ୍କ ମୃତ୍ୟୁ**

ଜମ୍ମୁ-କଶ୍ମୀରର ଶ୍ରୀନଗର ଅନ୍ତର୍ଗତ ଏକ ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ତଲାସି ଅଭିଯାନ ବେଳେ ଜଣେ ସେନା ଯବାନଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ୩୪ ଆସାମ ରାଇଫଲ୍ସ ଯବାନ ଯଶବିନ୍ଦର ସିଂ। ଗତ ମଙ୍ଗଳବାର ଡାଚିଗାମ୍‌ରେ ଏନ୍‌କାଉଣ୍ଟରରେ ଲଶ୍କର ଆତଙ୍କବାଦୀ ଜୁନେଦ୍ ଅହମଦ ଭଟ୍ଟ ନିହତ ହୋଇଥିଲେ। ଏହା ପରେ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଥିଲା।

## ସଂକ୍ଷେପରେ

### ସୀମାନ୍ତ ସ୍ଥିତିକୁ ଅଧିକ ସହଜ କରିବାକୁ ଭାରତ, ଚାଇନା ସହମତ

ବେଜିଂ,୬।୧୨(ପି.ଟି.)

ପୂର୍ବ ଲଦାଖରୁ ସେନା ପ୍ରତ୍ୟାହାର ଓ ଅଚଳାବସ୍ଥାର ସମାଧାନ ପାଇଁ ଗତ ଅକ୍ଟୋବରରେ ହୋଇଥିବା ଚୁକ୍ତିନାମାର କାର୍ଯ୍ୟକାରିତା ଜାରି ରହିଥିବାବେଳେ ସୀମାନ୍ତ ସ୍ଥିତିକୁ ଅଧିକ ସହଜ କରିବା ନିମନ୍ତେ ଭାରତ ଓ ଚାଇନା ସହମତ ହୋଇଛନ୍ତି। ନୂଆଦିଲ୍ଲୀରେ ଗୁରୁବାର ଭାରତ ଏବଂ ଚାଇନା ମଧ୍ୟରେ ୱାର୍କିଂ ମେକାନିଜମ୍ ଫର୍ କନ୍‌ସଲ୍ଟେଶନ ଆଣ୍ଡ କୋଅର୍ଡିନେଶନ ଅନ୍ ଚାଇନା-ଇଣ୍ଡିଆ ବର୍ଡର ଆଫେୟାର୍ସ (ଡବ୍ଲ୍ୟୁଏମ୍‌ସିସି)ର ୩୨ତମ ବୈଠକରେ ଏହି ସହମତିରେ ପହଞ୍ଚିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୂଟନୈତିକ ଏବଂ ସାମରିକ ଚ୍ୟାନେଲ ଜରିଆରେ ଉଭୟ ପକ୍ଷ ଯୋଗାଯୋଗ ଜାରି ରଖିବା ସହ ସୀମାନ୍ତ ଅଞ୍ଚଳରେ ସ୍ଥାୟୀ ଶାନ୍ତି ଓ ସ୍ଥିରତାର ସୁରକ୍ଷା କରିବାକୁ ରାଜି ହୋଇଛନ୍ତି। ୨ ଦେଶ ସୀମା ସମ୍ପର୍କିତ ପ୍ରସଙ୍ଗଗୁଡ଼ିକର ସମାଧାନ ଦିଗରେ ସକାରାତ୍ମକ ସିଦ୍ଧାନ୍ତରେ ପହଞ୍ଚିଥିବାବେଳେ ସେଗୁଡ଼ିକର ବିସ୍ତୃତ ତଥା ପ୍ରଭାବଶାଳୀ କାର୍ଯ୍ୟକାରିତା ଜାରି ରଖିବାକୁ ସହମତ ହୋଇଥିବା ଶୁକ୍ରବାର ମନ୍ତ୍ରଣାଳୟ କହିଛି। ପୂର୍ବ ଲଦାଖରେ ୪ ବର୍ଷ ଧରି ଲାଗିରହିଥିବା ଅଚଳାବସ୍ଥାର ସମାଧାନ ପାଇଁ ଗତ ଅକ୍ଟୋବର ୨୧ରେ ଦୁଇଦେଶ ରାଜିହେବା ପରେ ଏହା ଥିଲା ଡବ୍ଲ୍ୟୁଏମ୍‌ସିସିର ପ୍ରଥମ ବୈଠକ।

### ସୀମାରେ ତୁର୍କୀ ନିର୍ମିତ ଡ୍ରୋନ୍ ମୁତୟନ କଲା ବାଂଲାଦେଶ

ନୂଆଦିଲ୍ଲୀ,୬।୧୨

ବାଂଲାଦେଶ ସରକାର ପଶ୍ଚିମବଙ୍ଗ ସୀମାରେ ତୁର୍କୀ ନିର୍ମିତ ଡ୍ରୋନ୍ ମୁତୟନ କରିବା ପରେ ଭାରତ ସର୍ଭିଲାନ୍ସ ବଢ଼ାଇଦେଇଛି। ବାଂଲାଦେଶରେ ଶେଖ୍ ହାସିନାଙ୍କ ଆୱାମୀ ଲିଗ୍ ସରକାରର ପତନ ପରେ ସୀମାରେ ଆତଙ୍କବାଦୀ କାର୍ଯ୍ୟ ବୃଦ୍ଧି ପାଇଥିବା ଏକ ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ବାଂଲାର ୬୭ତମ ସେନା ଗୋଇନ୍ଦାଗିରି, ସର୍ଭିଲାନ୍ସ ଏବଂ ତଦାରଖ ପାଇଁ ତୁର୍କୀ ନିର୍ମିତ ବର୍‌ୟାକ୍ତର ଟିବି୨ ଡ୍ରୋନ୍‌କୁ ଭାରତ ସୀମାରେ ନିୟୋଜିତ କରିଛି। ପ୍ରତିରକ୍ଷା ଉଦ୍ଦେଶ୍ୟରେ ଏହି ଡ୍ରୋନ୍ ମୁତୟନ ହୋଇଥିବା ଢାକା କହିଥିବାବେଳେ, ସମ୍ବେଦନଶୀଳ ଅଞ୍ଚଳରେ ସେଗୁଡ଼ିକର ଉପସ୍ଥିତିକୁ ନେଇ ଭାରତ ସଜାଗ ହୋଇଛି। ଗୋଇନ୍ଦା ତଥ୍ୟ ଅନୁଯାୟୀ ହାସିନା ସରକାର ବେଳେ ଚୁପ୍ ରହିଥିବା ଉଗ୍ରପନ୍ଥୀମାନେ ଏବେ ଭାରତ ସୀମାରେ ସେମାନଙ୍କ ଉପସ୍ଥିତି ବୃଦ୍ଧି କରିଛନ୍ତି। ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ ଏହି ଆତଙ୍କବାଦୀ ଗୋଷ୍ଠୀ ଏବଂ ଚୋରା କାରବାର ନେଟ୍‌ୱର୍କ ଭାରତରେ ଅନୁପ୍ରବେଶ ଉଦ୍ୟମ କରୁଛନ୍ତି।



ପ୍ରାଣୀଙ୍କ ପ୍ରତି କ୍ରୁରତା ବିରୋଧରେ କଠୋର ଆଇନ ଦାବିରେ ପିପୁଲ୍ ଫର୍ ଦି ଏଥିକାଲ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ (ପେଟା) ସମର୍ଥକ ଏବଂ ଆଶ୍ରୟ ଫାଉଣ୍ଡେଶନ ସଦସ୍ୟ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

## ଚିଲିର ପୂର୍ବତନ ରାଷ୍ଟ୍ରପତି ମିଶେଲ ବାଚେଲେଟ୍‌ଙ୍କୁ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର

ନୂଆଦିଲ୍ଲୀ,୬।୧୨(ପି.ଟି.)




ଚିଲିର ପୂର୍ବତନ ରାଷ୍ଟ୍ରପତି ତଥା ଖ୍ୟାତନାମା ମାନବାଧିକାର ପ୍ରବକ୍ତା ମିଶେଲ ବାଚେଲେଟ୍‌ଙ୍କୁ ଚଳିତବର୍ଷର ଇନ୍ଦିରା ଗାନ୍ଧୀ ଶାନ୍ତି, ନିରସ୍ତ୍ରୀକରଣ ଓ ବିକାଶ ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଇଛି। ପୁରସ୍କାର ନିମନ୍ତେ ଚୟନ ପାଇଁ ପୂର୍ବତନ ଜାତୀୟ ସୁରକ୍ଷା ଉପଦେଷ୍ଟା ଶିବଶଙ୍କର ମେନନ୍‌ଙ୍କ ଅଧକ୍ଷତାରେ ଗଠିତ ଅନ୍ତର୍ଜାତୀୟ ଜୁରି ଶୁକ୍ରବାର ବାଚେଲେଟ୍‌ଙ୍କ ନାମ ଘୋଷଣା କରିଛି। ମାନବାଧିକାର, ଶାନ୍ତି ଓ ସମାନତାର ଅନ୍ୟତମ ପ୍ରମୁଖ ପ୍ରବକ୍ତା ବାଚେଲେଟ୍ ମାନବାଧିକାର ପାଇଁ ଜାତିସଂଘର ହାଇକମିଶନର ରହିବା ସହ ପ୍ରଥମ ମହିଳା ପ୍ରତିଷ୍ଠାତା ନିର୍ଦ୍ଦେଶକ ହୋଇଥିଲେ। ସେ ନିଜ ଦେଶ ସମେତ ସାରା ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ଅବହେଳିତ ବର୍ଗଙ୍କ ଅଧିକାର ପାଇଁ ଦୃଢ଼ ସ୍ୱର ଉଠାଇଆସିଥିବା ଇନ୍ଦିରା ଗାନ୍ଧୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

# ସିଂଘ୍‌ଭିଙ୍କ ଆସନରେ ନୋଟ୍ ବିଡ଼ା

ନୂଆଦିଲ୍ଲୀ,୬।୧୨



**ସିଟ୍ ନମ୍ବର ୨୨୨ରୁ ମିଳିଛି ୫୦୦ ଟଙ୍କିଆ ଶହେ ନୋଟ୍ : ଧନକର**



**୫୦୦ ଟଙ୍କା ଧରି ରାଜ୍ୟ ସଭାକୁ ଆସେ: ସିଂଘ୍‌ଭି**

କଂଗ୍ରେସର ରାଜ୍ୟ ସଭା ସଦସ୍ୟ ଅଭିଷେକ ମନୁ ସିଂଘ୍‌ଭିଙ୍କୁ ଦିଆଯାଇଥିବା ସିଟ୍‌ରୁ ଗୁରୁବାର ଏକ ନୋଟ୍‌ବିଡ଼ା ମିଳିଥିବା ଶୁକ୍ରବାର ଗୃହର ଅଧକ୍ଷ ଜଗଦୀପ ଧନକର ପ୍ରକାଶ କରିବା ପରେ ବିବାଦ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ଶାସକ ଓ ବିରୋଧୀ ପକ୍ଷ ମୁହାଁମୁହିଁ ହୋଇଛନ୍ତି। ଗୁରୁବାର ରାଜ୍ୟ ସଭାରେ ଗୃହକାର୍ଯ୍ୟ ଶେଷ ହେବା ପରେ ସୁରକ୍ଷା କର୍ମଚାରୀମାନେ ଗୃହ ଭିତରେ ଯାଞ୍ଚ କରୁଥିଲେ। ତେଲଙ୍ଗାନାରୁ ପ୍ରତିନିଧିତ୍ୱ କରୁଥିବା ସିଂଘଭିଙ୍କୁ ଆବଣ୍ଟିତ ସିଟ୍ ନମ୍ବର ୨୨୨ ଉପରୁ ସେମାନେ ଏକ ନୋଟ୍ ବିଡ଼ା ପାଇଥିଲେ। ଶୁକ୍ରବାର ରାଜ୍ୟ ସଭା ଅଧକ୍ଷ ଜଗଦୀପ ଧନକର ଗୃହରେ ଏହି ସୂଚନା ଦେଇଥିଲେ। ଧନକର କହିଥିଲେ, ସିଂଘଭିଙ୍କ ସିଟ୍‌ରୁ ମିଳିଥିବା ନୋଟ୍ ବିଡ଼ାରେ ୧୦୦ଟି ୫୦୦ ଟଙ୍କିଆ ଥିବା ଭଳି ମନେହେଉଛି। ତେବେ ଏହା ଅସଲ କି ନକଲି ତାହା ସ୍ପଷ୍ଟ ହୋଇନାହିଁ। ଗୃହର ଅଧକ୍ଷ ଭାବେ ଏହା ଜଣାଇବା ତାଙ୍କ କର୍ତ୍ତବ୍ୟ। ଏହା ଜଣାଇବା ପରେ କେହି ସେହି ନୋଟ୍‌କୁ ନିଜର ବୋଲି ଦାବି କରିବେ ମନେକରାଯାଉଥିଲା। କିନ୍ତୁ ଅଦ୍ୟାବଧି ଏହାର କେହି ଦାବିଦାର ବାହାରି ନାହାନ୍ତି। ଲୋକେ ଏତେ ଟଙ୍କା ଛାଡ଼ିଯାଇ ଭୁଲିଯାଇପାରନ୍ତି ବୋଲି ଏଥିରୁ ଭାରତୀୟ ଅର୍ଥନୀତିର ସ୍ଥିତି ପ୍ରତିଫଳିତ ହେଉଛି କି କହି ଗୃହର ନିୟମ ଅନୁସାରେ ଘଟଣାର ତଦନ୍ତ ଦିଆଯାଇଥିବା ଧନକର ପ୍ରକାଶ କରିଥିଲେ। ସିଂଘଭି କହିଥିଲେ, ସେ ରାଜ୍ୟ ସଭାକୁ ଆସିବାବେଳେ ମାତ୍ର ୫୦୦ ଟଙ୍କିଆ ଗୋଟିଏ ନୋଟ୍ ଧରି ଆସିଥାନ୍ତି। ତାଙ୍କ ସିଟ୍‌ରୁ ନୋଟ୍ ବିଡ଼ା ମିଳିଥିବା ଶୁଣିବା ପରେ ସେ ଚକିତ ହୋଇଯାଇଛନ୍ତି। ଗୁରୁବାର ଅପରାହ୍ନ ୧୨ଟା ୫୭ରେ ସେ ଗୃହରେ ପ୍ରବେଶ କରିଥିଲେ। ଗୋଟାଏରୁ ୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସେ ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ଅଯୋଧ୍ୟା ପ୍ରସାଦଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ଗୃହ ଭିତରେ ୩ ମିନିଟ୍ ଏବଂ କ୍ୟାଣ୍ଟିନ୍‌ରେ ୩୦ ମିନିଟ୍ ରହିଥିଲେ। ଗୃହରେ ଏଭଳି ପ୍ରସଙ୍ଗ ଉଠାଇବା ବିଚିତ୍ର ରାଜନୀତି ବୋଲି ସିଂଘଭି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟପକ୍ଷେ ତଦନ୍ତ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଅଧକ୍ଷ ଧନକର ସଂଘ୍‌ଭିଙ୍କ ନାମ ପ୍ରକାଶ କରିବା ଅନୁଚିତ ବୋଲି ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଥିଲେ। ଭାଜପା ଏମ୍‌ପିମାନେ ଏନେଇ କଂଗ୍ରେସଠାରୁ ଜବାବ ମାଗିଥିଲେ। ଆଇୟୁଏମ୍‌ଏଲ୍ ସଦସ୍ୟ ଅବ୍‌ଦୁଲ ୱାହାବ ଏହା ଉପରେ ଏକ ସଂକଳ୍ପନାମା ପଢ଼ି ଶୁଣାଉଥିବାବେଳେ ଶାସକ ଦଳର ସଦସ୍ୟମାନେ ଛିଡ଼ାହୋଇ ସ୍ଲୋଗାନ ଦେଇ ହୋହଲ୍ଲା କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ସଦସ୍ୟଙ୍କ ନାମ କହିବାରେ ଆପତ୍ତି କାହିଁକି ଉଠାଯାଉଛି? ଅଧକ୍ଷ ସିଟ୍ ନମ୍ବର ଓ ତାହା ଆବଣ୍ଟିତ ସଦସ୍ୟଙ୍କ ନାମ କହିଛନ୍ତି। ଗୃହକୁ ନୋଟ୍ ବିଡ଼ା ନେଇ ଆସିବା ଅନୁଚିତ। ଏହା ଉପରେ ତଦନ୍ତ କରାଯିବା ନେଇ ରିଜିଜୁ ସହମତି ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ ହଟ୍ଟଗୋଳ ଲାଗିରହିବାରୁ ଅଧକ୍ଷ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଛନ୍ତି।

## ଦ୍ରୁତ ବିଚାର ମୌଳିକ ଅଧିକାର

**ବିଚାରାଧୀନଙ୍କୁ ଅନିର୍ଦ୍ଦିଷ୍ଟ କାଳ ଜେଲରେ ରଖାଯାଇପାରିବ ନାହିଁ: ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୬।୧୨(ପି.ଟି.)

ଦ୍ରୁତ ବିଚାର ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଥିବାବେଳେ ଜଣେ ବିଚାରାଧୀନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜେଲ ଭିତରେ ବନ୍ଦ କରି ରଖାଯାଇପାରିବ ନାହିଁ ବୋଲି କହିଛନ୍ତି। ବିହାରରେ ରୁଜୁ ହୋଇଥିବା ଏକ ମାମଲାରେ ଜଣେ ଅଭିଯୁକ୍ତ ୪.୨ ବର୍ଷ ଜେଲରେ ବିତାଇସାରିଥିବାବେଳେ ବିଚାର ଏତେଶୀଘ୍ର ଶେଷ ହେଉ ନ ଥିବା ଅନୁଭବ କରି ଜଷ୍ଟିସ୍ ହୃଷୀକେଶ ରାୟ ଏବଂ ପଙ୍କଜ ମିତ୍ତଲଙ୍କ ଖଣ୍ଡପୀଠ ତାଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ଗତ ଜୁନ୍‌ରେ ରୌଶାନ ସିଂଙ୍କ ଜାମିନ ଆବେଦନକୁ ପାଟନା ହାଇକୋର୍ଟ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ୨୦୨୦ ଅକ୍ଟୋବରରୁ ଜେଲରେ ଥିବାବେଳେ ବିଚାର ପ୍ରକ୍ରିୟା ଏପର୍ଯ୍ୟନ୍ତ ଶେଷ ହୋଇ ନ ଥିବା ତାଙ୍କ ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ।


ସଂସଦର ଶୀତ ଅଧିବେଶନରେ ଆଦାନୀ ପ୍ରସଙ୍ଗରେ ବିରୋଧୀଙ୍କ ବିକ୍ଷୋଭ ଶୋଭାଯାତ୍ରା ବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

## ସିରିଆର ହୋମ୍ସ ସହରରୁ ଗଣପଳାୟନ

ଡାମାସ୍କସ୍,୬।୧୨



ହୟାତ୍ ତହରିର୍ ଅଲ୍ ଶାମ୍ ନେତୃତ୍ୱରେ ସିରିଆର ସଶସ୍ତ୍ର ବିଦ୍ରୋହୀ ଯୋଦ୍ଧାମାନେ ଶୁକ୍ରବାର ଦେଶର ଅନ୍ୟତମ ବୃହତ୍ ସହର ହୋମ୍ସ ନିକଟତର ହେବା ପରେ ସେଠାରୁ ଅନେକ ହଜାର ଲୋକ ଗଣପଳାୟନ କରିଛନ୍ତି। ସିରିଆର ଅବ୍‌ଜରଭେଟୋରି ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସରକାରୀ ବିରୋଧୀ ଶକ୍ତି ରାଜଧାନୀ ଡାମାସ୍କସ୍ ଦିଗରେ ଅଗ୍ରସର ହେଉଥିବାବେଳେ ଆକ୍ରମଣ ଜାରି ରଖିଥିବାରୁ ଭୟଭୀତ ଲୋକେ ପିଲାଛୁଆ ଧରି ପଶ୍ଚିମ ଉପକୂଳ ଅଭିମୁଖେ ପଳାଇଯାଉଥିବା ଦେଖିବାକୁ ମିଳିଛି।

ବିଦ୍ରୋହୀମାନେ ରାସ୍ତାନ ଏବଂ ତାଲବିସେହ ସହର ଅକ୍ତିଆର କରିବା ପରେ ଏବେ ହୋମ୍ସ ସହର ଉପକଣ୍ଠଠାରୁ ମାତ୍ର ୫ କିଲୋମିଟର ଦୂରରେ ରହିଛନ୍ତି। ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଜରୁରୀ ସମନ୍ୱୟ ବିଭାଗ ମୁଖ୍ୟ ସାମେର ଆବ୍‌ଡେଲ୍‌ଜାବେରଙ୍କ କହିବା ଅନୁଯାୟୀ, ସିରିଆରେ ସଂଘର୍ଷ ଯୋଗୁ ସପ୍ତାହେ ମଧ୍ୟରେ ୨,୮୦,୦୦୦ ଲୋକ ବିସ୍ଥାପିତ ହେଲେଣି। ଏହି ସଂଖ୍ୟା ୧୫ ଲକ୍ଷରେ ପହଞ୍ଚିପାରେ ବୋଲି ସେ ସତର୍କ କରାଇଛନ୍ତି। ସିରିଆ ସେନା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗତ ରାତିରେ ରୁଷିଆର ବୋମାମାଡ଼ରେ ରାସ୍ତାନ ବ୍ରିଜ୍ ସମେତ ହମା ଏବଂ ହୋମ୍ସକୁ ସଂଯୋଗ କରୁଥିବା ଏମ୍୫ ରାଜପଥ କ୍ଷତିଗ୍ରସ୍ତ ହୋଇଛି।

# ୟୁପିରେ ୩ ଦୁର୍ଘଟଣା: ୨୦ ମୃତ



କନୌଜ,୬।୧୨

ଉତ୍ତରପ୍ରଦେଶର ପିଲିଭିଟ୍ ଏବଂ ଚିତ୍ରକୂଟ ଜିଲାରେ ଶୁକ୍ରବାର ୩ଟି ପୃଥକ୍ ଦୁର୍ଘଟଣାରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ନେଓରା ଥାନା ଅନ୍ତର୍ଗତ ପିଲିଭିଟ୍-ତନକପୁର ରୋଡ୍‌ରେ ଦୁର୍ଘଟଣା ଘଟି ୬ ଜଣଙ୍କ ମୃତ୍ୟୁ ହୋଇଛି। ୧୧ ଜଣଙ୍କୁ ନେଇ ଯାଉଥିବା ଏକ କାର୍ ଅନ୍ୟ ଗାଡ଼ିକୁ ଅତିକ୍ରମ କରିବାକୁ ଉଦ୍ୟମ କଲାବେଳେ ନିୟନ୍ତ୍ରଣ ହରାଇ ଏକ ଗଛକୁ ଧକ୍କା ଦେବା ପରେ ଖାତରେ ଖସିପଡ଼ିଥିଲା। ଆହତଙ୍କ ମଧ୍ୟରୁ ଗୁରୁତର ଥିବା ୩ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଏକ ମେଡିକାଲ ସେଣ୍ଟରକୁ ପଠାଯାଇଛି। ମୃତକମାନେ ଉତ୍ତରାଖଣ୍ଡ ଖଟିମା ଜିଲାର ହୋଇଥିବାବେଳେ ସେମାନେ ପିଲିଭିଟ୍‌ର ଚାନ୍ଦୋଇ ଗ୍ରାମରେ ବିବାହ ପରବର୍ତ୍ତୀ ଉତ୍ସବ ସାରି ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

ଦ୍ୱିତୀୟ ଦୁର୍ଘଟଣା ଚିତ୍ରକୂଟରେ ଘଟି ୬ ଜଣ ପ୍ରାଣ ହରାଇଛନ୍ତି। ସେମାନଙ୍କ ନେଇ ଯାଉଥିବା କାର୍‌କୁ ରାଇପୁରା ଥାନା ଅଞ୍ଚଳରେ ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ଦେଇଥିଲା। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍‌ୱେରେ ଅନ୍ୟ ଏକ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୧୨ ଜଣ ଆହତ ହୋଇଛନ୍ତି। ସେମାନଙ୍କର ବସ୍ ଏକ ପାଣି ଟ୍ୟାଙ୍କରକୁ ଧକ୍କା ଦେଇଥିଲା। ବସ୍‌ଟି ଲକ୍ଷ୍ନୌରୁ ଦିଲ୍ଲୀ ଯାଉଥିବାବେଳେ ଅପରାହ୍ନ ୨ଟାରେ ସକ୍ରୱା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ଇଟାୱା ଜିଲା ନିକଟ ସୈଫାଇ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

## ଫୁରସତ୍



### ଦୁଇହାତ ହେବେ ସାଉଥ୍ ବିୟୁଟି କୀର୍ତ୍ତି ସୁରେଶ

ମୁମ୍ବାଇ

ସାଉଥ ଅଭିନେତ୍ରୀ କୀର୍ତ୍ତି ସୁରେଶ ବିବାହ କରିବାକୁ ଯାଉଛନ୍ତି। ସେ ତାଙ୍କର ବହୁଦିନର ପ୍ରେମିକ ଆଣ୍ଟୋନି ଥାଟିଲଙ୍କୁ ବିବାହ କରିବେ। ନିକଟରେ ଇନ୍‌ଷ୍ଟାଗ୍ରାମରେ ସେ ତାଙ୍କ ସମ୍ପର୍କକୁ ଅଫିସିଆଲ ଘୋଷଣା କରିଥିଲେ। ଅଭିନେତ୍ରୀ କହିଥିଲେ, ସେ ଆଣ୍ଟୋନିଙ୍କ ସହ ଦୀର୍ଘ ୧୫ ବର୍ଷ ଧରି ଅଛନ୍ତି। ଏହାର କିଛିଦିନ ପରେ କୀର୍ତ୍ତି ସୁରେଶ ତିରୁପତି ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବାର ନଜର ଆସିଥିଲେ। ତେବେ ବର୍ତ୍ତମାନ ତାଙ୍କ ବିବାହ କାର୍ଡ ଭାଇରାଲ ହେଉଛି।

ଏହି କାର୍ଡ ଅନୁଯାୟୀ, କୀର୍ତ୍ତି ଏବଂ ଆଣ୍ଟୋନିଙ୍କ ବିବାହ ଡିସେମ୍ବର ୧୨ରେ ହେବ। ଗୋଆର ଏକ ସ୍ଥାନରେ ସେମାନେ ୱେଡିଂ କରିବେ। ଏ ନେଇ ବିବାହ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି। ଦମ୍ପତିଙ୍କ ବିବାହରେ କେବଳ ଘନିଷ୍ଠ ପରିବାର ସଦସ୍ୟ ଯୋଗଦେବେ। ଏହି କାର୍ଡରେ କୀର୍ତ୍ତିଙ୍କ ବାପା ମା' ଜି ସୁରେଶ କୁମାର ଏବଂ ମେନକା ସୁରେଶଙ୍କ ନାଁ ଲେଖାଯାଇଛି। ତେବେ ନଭେମ୍ବର ୨୭ରେ କୀର୍ତ୍ତି ସୁରେଶ ଆଣ୍ଟୋନି ଥାଟିଲଙ୍କ ସହ ତାଙ୍କର ପ୍ରଥମ ଫଟୋ ଶେୟାର କରିଥିଲେ। ଏଥିରେ ଦୁହେଁ ଦୀପାବଳି ପାଳନ କରୁଥିବା ଦେଖିବାକୁ ମିଳିଥିଲା।

### ବିନା ମାଲିକରେ ଚା' ଦୋକାନ

କୋଲକାତା

ପଶ୍ଚିମବଙ୍ଗ ହୁଗୁଳିସ୍ଥିତ ସେରାମପୁରଠାରେ ଏକ ବିଚିତ୍ର ଚା' ଦୋକାନ ରହିଛି। ଛାତ୍ର କାଳୀବାବୁ ଶ୍ମଶାନ ଆଗରେ ଥିବା ପ୍ରାୟ ୩୦୦ରୁ ୩୫୦ ବର୍ଷ ପୁରୁଣା ଏହି ଚା' ଦୋକାନକୁ କେହି ଚଳାନ୍ତି ନାହିଁ। ୯୦ ବର୍ଷ ଧରି ଦୋକାନର କୌଣସି ମାଲିକ ନାହାନ୍ତି। ୯୦ ବର୍ଷ ତଳେ ଦୋକାନର ଶେଷ ମାଲିକଙ୍କ ବିୟୋଗ ହୋଇଥିଲା। ତାଙ୍କ ପରବର୍ତ୍ତୀ ପିଢ଼ି ଦୋକାନକୁ ଚଳାଇବା ପାଇଁ ଆଗ୍ରହ ଦେଖାଇ ନ ଥିଲେ। ଏବେ ସେମାନେ କେବଳ ପ୍ରତିଦିନ ସକାଳୁ ଆସି ଦୋକାନକୁ ଖୋଲି ଚାଲିଯାଆନ୍ତି। ସ୍ଥାନୀୟ ଲୋକେ ଦୋକାନ ସମ୍ଭାଳନ୍ତି। ଆଖପାଖର ଲୋକେ ଆସି ନିଜେ ଚା' ପ୍ରସ୍ତୁତ କରି ପିଇଥାନ୍ତି। ଏଠାକୁ ଲୋକ କେବଳ ଚା' ପିଇବାକୁ ନୁହେଁ ବରଂ କଥାବାର୍ତ୍ତା ଓ ପରସ୍ପର ମଧ୍ୟରେ କିଛି ସମୟ ଅତିବାହିତ କରିବାକୁ ଆସିଥାନ୍ତି।

# ପର୍ସନାଲ ସେକ୍ରେଟାରୀ

ରାଧାଶ୍ୟାମ ରାଉଳ

ରମ୍ୟ ରଚନା



ପୂରବୀ ମହାନ୍ତି, ସାହେବଙ୍କ ନୂଆ ସେକ୍ରେଟାରୀ! ବୟସରେ ନହୁଲୀ, ରୂପରେ ମତୁଆଲୀ, ତନୁପାତଳୀ, ଭଙ୍ଗୀରେ ନାଗରୀ, ଭାବରେ ହସକୁରୀ!

ଏମନ୍ତ ରମଣୀରତନଙ୍କର ଅଚାନକ ଆଗମନରେ ଦପ୍ତରର ସମସ୍ତ କର୍ମଚାରୀ ମୁହ୍ୟମାନ ହୋଇପଡ଼ିଲେ! ଟୋକା କର୍ମଚାରୀମାନଙ୍କ ଭିତରେ ଟାଇଁଟାଇଁ, ଝାଇଁଝାଇଁ କାମନା, ବାସନା, ଯନ୍ତ୍ରଣା ଉତ୍ପନ୍ନ ହେଲା। ସ୍ୱପ୍ନରେ ଉବୁଟୁବୁ ହୋଇ ନିଜ ନିଜ ବଳୟ ଭିତରେ ସେମାନେ ଇନ୍ଦ୍ରପୁରୀ ରଚିବସିଲେ! ନିଜକୁ ନିଜେ ଦେବାଧୀରାଜ ଇନ୍ଦ୍ର ମନେକରି ପୂରବୀ ମହାନ୍ତିଙ୍କୁ ନୃତ୍ୟରତା ରମ୍ଭା କି ମେନକା ସଜେଇଦେଲେ। ମଧ୍ୟବୟସ୍କ ଆଉ ପରିଣତବୟସ୍କ କର୍ମଚାରୀମାନେ ଏକାଠି ବସି ଗପସପ ହେଲେ, "ଓଃ, ଆଃ, ଟୋକୀଟି କି ସୁନ୍ଦରୀ ହୋଇଛି ମ! ଦେହରୁ ଲହୁଣି ଝରୁଛି! ଶଳା ସାହେବଟାକୁ ଦେଖ ହୋ! ଏକନମ୍ବର ରଙ୍ଗଲିଆ! ବୃଦ୍ଧକାଳେ ବାଲ୍ୟଲୀଳା! ଟୋକୀଟି ତାଙ୍କ ଫାନ୍ଦରେ ପଡ଼ି ନିଜର ପବିତ୍ରତା ନିଶ୍ଚେ ହରେଇ ବସିବ ଜାଣ। ଡିପାର୍ଟମେଣ୍ଟରେ ପୋଷ୍ଟିଂ ନ କରି ଶଳାଟା ନିଜ ପାଖରେ ରଖିଦେଲା! ଭିତରେ ଅନଳ ଦହୁଛି, ସେ କ'ଣ କରିବ! ଛିଃ ଛିଃ ଧର୍ମ ସହିବନି।"

ଅତଃପର କର୍ମଚାରୀମାନେ ନିଜ କାମଧନ୍ଦା ତେଜି ପୂରବୀ ମହାନ୍ତିଙ୍କୁ ହାସଲ କରିବା ଆଶାରେ ଦୌଡ଼ ପ୍ରତିଯୋଗିତା ଆରମ୍ଭ କରିଦେଲେ। ମିଶନ ପୂରବୀ ମହାନ୍ତି। ଯୋ ଜିତା ୱ ହି ସିକନ୍ଦର୍। ହାଃ ହାଃ ହାଃ।

ତେବେ ଦୌଡ଼ ପ୍ରତିଯୋଗିତାର ସର୍ବାଗ୍ରେ ଥିଲେ ଜଣେ ସୌମ୍ୟକାନ୍ତ କର୍ମଚାରୀ। ନାଁଟି ତାଙ୍କର କଦାଚିତ୍ ପ୍ରତିହାରୀ। କଦାଚିତ୍ ବାବୁଙ୍କର ହୃଷ୍ଟପୁଷ୍ଟ ଚେହେରା, ଅବିକଳ ଶ୍ରୀକୃଷ୍ଣ ବାଗିଆ! ପୂରବୀ ମହାନ୍ତିଙ୍କୁ ଏକଦମ ଫିଟ୍। ଆଧୁନିକ ଯୁଗରେ ମଧ୍ୟ ଶ୍ରୀକୃଷ୍ଣଙ୍କର ଚାହିଦା ଢେର୍। କୁମାରୀମାନଙ୍କ ପାଇଁ ସେ ରସିକ ନାଗର, ନଟକୁଟିଆ। ଶ୍ରୀମତୀମାନଙ୍କ ପାଇଁ ସେ ମୟୂରଚୂଳିଆ, କଦମ୍ବମୂଳିଆ।

ପୂରବୀ ମହାନ୍ତି କଦାଚିତ୍ ବାବୁଙ୍କୁ ରସିଲେ। ବୋଇଲା, ଯିଏ ଯାହାକୁ ରସିଲା, କିଆଫୁଲ ପରି ବାସିଲା! ହରି ଓମ୍ ତତ୍ ସତ୍! କଦାଚିତ୍ ବାବୁ ଗୋଟିଚାଳନା କଲେ। ସହି ନିକ୍କା! ବୋଲେ ତ କଟେପୁଅବାର!

ଏକଦା ଅନ୍ୟ କର୍ମଚାରୀମାନଙ୍କ ଅଲକ୍ଷ୍ୟରେ ପୂରବୀ ମହାନ୍ତି କଦାଚିତ୍ ବାବୁଙ୍କ ଗାଲରେ ପ୍ରୀତିପୂର୍ଣ୍ଣ ଥାପଡ଼ଟେ ବସେଇ ଦେଇ ଖିଲିଖିଲି ହସି କହିଲେ, "ନଟି ବୟ! ମଲା ମୋର ଏତେ କଥା? କୃଷ୍ଣ କିଏ, ତମେ କିଏ? ତମଠାରେ କୃଷ୍ଣକଳାକୁ ମୁଁ ଠଉରେଇଛି। ତମେ ମୋ କୃଷ୍ଣ! ମୁଁ ତମ ରାଧା! ଆସୁନ ଆସ, ଟିକିଏ ଫ୍ରି ହୋଇଯିବା।"

କଦାଚିତ୍ ବାବୁଙ୍କର ଭିତରଟା କଲବଲ ହେଲା। ପୂରବୀ ମହାନ୍ତିଙ୍କ ତେର୍ଛା ନଜର ତାଙ୍କ ହୃଦୟରେ ବର୍ଚ୍ଛା ମାଡ଼ କଲା। ସାହେବ ଟୁର୍‌ରେ ଥିଲେ। ଲଞ୍ଚ୍ ଟାଇମ୍। ନିରୋଳା ପ୍ରକୋଷ୍ଠ, ଶୂନ୍‌ଶାନ୍ ପରିବେଶ! ସେ ଆଉ ପୂରବୀ! ସୁବର୍ଣ୍ଣ ସୁଯୋଗ! ଓଃ ମାଇଁ ଗଡ୍! କାଳବିଳମ୍ବ ନ କରି ପୂରବୀଙ୍କୁ ନିଜଆଡ଼କୁ ଭିଡ଼ି ଆଣିଲେ କଦାଚିତ୍। ପରସ୍ପର ଭିତରେ ଗାଢ଼ ଆଲିଙ୍ଗନ, ତଡ଼ିତ୍ ପ୍ରବାହ! ବେଶ୍ କେଇମୁହୂର୍ତ୍ତ ବିତିଗଲା ଏମିତି ଏମିତି।

ଅତଃପର ଅକସ୍ମାତ୍ ପଛପଟୁ ସାହେବଙ୍କ ବିକଟାଳ ଚିତ୍କାର ଶୁଭିଲା, "ୟୁ ବ୍ଲଡି ସ୍କାଉଣ୍ଡ୍ରେଲ!" ଆଲିଙ୍ଗନ ହୁଗୁଳା ହୋଇଗଲା। ତଡ଼ିତ୍ ପ୍ରବାହ କଟ୍ ହୋଇଗଲା। ପ୍ରକୃତିସ୍ଥ ହୋଇଉଠିଲେ କଦାଚିତ୍ ଆଉ ପୂରବୀ। କଦାଚିତ୍ ବାବୁ କ୍ଷୁବ୍ଧ ସାହେବଙ୍କୁ ହସିହସି କହିଲେ, "ସାର୍, ମୁଁ ଦୌଡ଼ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ପୂରବୀ ମହାନ୍ତିଙ୍କୁ ହାସଲ କରିଛି। ତେଣୁ ଏବେ ପୂରବୀ ସିର୍ଫ ମୋର।" ସାହେବ ଅଗ୍ନିଶର୍ମା ହୋଇ ଚିତ୍କାର ଛାଡ଼ିଲେ, 'ଗେଟ୍ ଲଷ୍ଟ୍।' ଅନନ୍ୟୋପାୟ ହୋଇ କଦାଚିତ୍ ବାବୁ ପ୍ରକୋଷ୍ଠରୁ ବାହାରି ଆସିଲେ। ଆଉ ପୂରବୀ ମହାନ୍ତି ସାହେବଙ୍କ ଅତି ପାଖକୁ ଲାଗିଯାଇ ଲୀଳାୟିତ ଭଙ୍ଗୀରେ କହିଲେ, "ଆଇ ଏମ୍ ଏକ୍ସଟ୍ରିମ୍ଲି ସରି ସାର୍।"

ପ୍ରବଳ ଉତ୍ତେଜନାରେ ସାହେବ ପୂରବୀ ମହାନ୍ତିର ଚିବୁକକୁ ଚିପିଦେଇ କହିଲେ, "ଓକେ ଓକେ, ମାଇଁ ସୁଇଟ୍ ହାର୍ଟ! ବାୟ ଦ ୱେ, ୟୁ ଆର୍ ମାଇଁ ପର୍ସନାଲ ସେକ୍ରେଟାରୀ। ହାଃ ହାଃ ହାଃ।"

ମୋ: ୯୪୩୭୦୯୦୯୮୫

## ଶେଷଇଚ୍ଛା

ସୁଦର୍ଶନ ମହାପାତ୍ର

ମିନି କଥା

ବୃଦ୍ଧାଶ୍ରମରୁ ହଠାତ୍ ଫୋନ୍ କଲ୍ ପାଇ ପ୍ରଥମେ ଘାବରେଇ ଗଲେ ମୁକେଶ ବାବୁ। ବାପା ସେଠି ରହିବାର ଏତେ ବର୍ଷ ଭିତରେ ତାଙ୍କ ପାଖକୁ ଫୋନ୍ ଆସିବା ଏଇ ପ୍ରଥମ। ହଁ, ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ବାପା ନିଜେ ହିଁ ଫୋନ୍ କରିଥାନ୍ତି ପ୍ରତିବର୍ଷ।

ବୃଦ୍ଧାଶ୍ରମରେ ବାପାଙ୍କୁ ରଖିବାର ଢେର୍ ଦିନ ହୋଇଗଲାଣି। ଏମିତି କିନ୍ତୁ ମଝିରେ ମଝିରେ ଯାଇ ମୁକେଶ ବାବୁ ବାପାଙ୍କୁ ଦେଖିଆସନ୍ତି। ଭଲମନ୍ଦ କଥା ବୁଝିଆସନ୍ତି। ଶ୍ୱଶୁରଙ୍କ ପାଇଁ ଏ ବୃଦ୍ଧାଶ୍ରମ ବୋହୂ ନୀତା ଆସି ଠିକ୍ କରିଯିବା ପରେ ଆଉ କେବେ ଆସି ତାଙ୍କୁ ଦେଖା ନ କଲେ ବି ନିଜର ବ୍ୟସ୍ତ କାର୍ଯ୍ୟକ୍ରମରୁ ସମୟ ବାହାର କରି ପ୍ରତିମାସରେ ପଇସା ପୈଠ କରିଦେବାକୁ ଭୁଲନ୍ତି ନାହିଁ। ସେତିକି ଦାୟିତ୍ୱ ତୁଲାଇବାକୁ ସେ ନିଜଆଡୁ ପ୍ରତିଜ୍ଞାବଦ୍ଧ ହୋଇଥିଲେ।

ପ୍ରତିଥରଭେଟବେଳେ "ଅସୁବିଧା କିଛି ଅଛି କି? କ'ଣ ଦର୍କାର?" ବୋଲି ବାପାଙ୍କୁ ପଚାରି ବୁଝି ପୁତ୍ରର କର୍ତ୍ତବ୍ୟ ନିର୍ବାହ କରିଥାନ୍ତି ମୁକେଶ ବାବୁ।

–"ଆପଣଙ୍କ ବାପାଙ୍କ ଅବସ୍ଥା କ୍ରମଶଃ ଖରାପ ଆଡ଼କୁ ଯାଉଛି। ସେ ଆପଣଙ୍କୁ କ'ଣ କହିବାକୁ ଚାହୁଁଛନ୍ତି।" ଏମିତି ଏକ ଖବର ବୃଦ୍ଧାଶ୍ରମର ପରିଚାଳକଙ୍କଠାରୁ ପାଇ ମୁକେଶ ବାବୁ ତୁରନ୍ତ ସେଠି ପହଞ୍ଚିଲେ। ବାପା ଶଯ୍ୟାଶାୟୀ। ନିମୀଳିତ ଦୁଇ ଆଖି। 'ବାପା' ଶବ୍ଦରେ ଆଖି ଖୋଲିଲେ ବୃଦ୍ଧ।

–"କ'ଣ କହିବାକୁ ଚାହୁଁଛନ୍ତି? କ'ଣ ଅସୁବିଧା ହେଉଛି?"

–"ଏଇ ବୃଦ୍ଧାଶ୍ରମରେ ପାରିବୁ ତ କେତୋଟି ଫ୍ୟାନ୍ ଲଗେଇଦେବୁ। ଏଇଠି ଅତିଶୟ ଗରମ ଯୋଗୁଁ ମୁଁ ଠିକ୍‌ରେ ଶୋଇ ପାରୁ ନ ଥିଲି। ଆଉ ଗୋଟିଏ ଜଳ ବିଶୋଧନ ଯନ୍ତ୍ର ଲଗାଇ ଦେଲେ ଭଲ ହେବ। ଖରାପ ପାଣି ପିଇ ମୋ' ପେଟ ବାରମ୍ବାର ଖରାପ ହେବାରୁ ପ୍ରାୟ ସମୟ ମୁଁ ଯନ୍ତ୍ରଣା ଭୋଗୁଛି। ଖାଲି ମୁଁ ନୁହେଁ, ପ୍ରାୟ ଅନ୍ତେବାସୀ ମୋ' ଭଳି କଷ୍ଟ ଭୋଗୁଛନ୍ତି।"

ବାପାଙ୍କ କଥାରେ ପୁଅ ହତଚକିତ ହୋଇଗଲା।

–"ହେଲେ ଏଠି ଏତେସବୁ ଅସୁବିଧା କଥା ଆଗରୁ କାହିଁକି କହୁ ନ ଥିଲ ବାପା? ମୁଁ ତ ସବୁଥର ପଚାରେ ତୁମକୁ ସୁବିଧା ଅସୁବିଧା ବିଷୟରେ।"

–"ବୃଦ୍ଧାଶ୍ରମରେ ଯେଉଁମାନେ ରହନ୍ତି, ସେମାନେ ନିଜ ଘରର ସୁବିଧା ଖୋଜିବା ନିର୍ବୋଧତା ଛଡ଼ା ଆଉ କ'ଣ ହୋଇପାରେ? ମୁଁ ତ ସବୁତକ କଷ୍ଟ ସହିବାକୁ ବାଧ ହୋଇଛି। କିନ୍ତୁ ମୁଁ ଚାହୁଁ ନାହିଁ ମୋ' ଅନ୍ତେ ତୋ' ପୁଅ ଯେତେବେଳେ ତୋତେ ଏଇଠି ଆଣି ରଖିବ, ତୁ ମୋ' ଭଳି କଷ୍ଟ ସହ ବୋଲି। ସେଇଥିପାଇଁ ମୁଁ ଚିନ୍ତିତ ଏବଂ ମୋର ଶେଷଇଚ୍ଛା ପୂରଣ କରିବାକୁ ତୋତେ ଡକାଇଛି।"


ବୃଦ୍ଧଙ୍କର ଆଖି ପୂର୍ବବତ୍ ନିମୀଳିତ ହୋଇ ଆସିଲାବେଳକୁ ମୁକେଶ ବାବୁ ଅସହାୟ ହୋଇ ପଡୁଥିଲେ। ତାଙ୍କ ଆଖି ଧୀରେ ଧୀରେ ଲୋତକାପ୍ଲୁତ ହୋଇଉଠୁଥିଲା।

ମୋ: ୯୪୩୮୧୭୫୫୪୨



## ପୁସ୍ତକ ପରିଚୟ


### ଝିଅ



**ସମ୍ପାଦନା:** କ୍ଷୀରୋଦ ଦାସ
**ପ୍ରକାଶକ:** ମା' ସାରଦା ପବ୍ଲିକେସନ୍, ବାଙ୍କା ବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୫୫୦/-

ଆଲୋଚ୍ୟ ପୁସ୍ତକଟି 'ଝିଅ'କୁ ନେଇ ଲିଖିତ ଗଳ୍ପର ଏକ ନିର୍ବାଚିତ ସଂକଳନ। ପୂର୍ବରୁ 'ବାପା' ଓ 'ବୋଉ'କୁ ନେଇ ରଚିତ ଗଳ୍ପର ସଂକଳନ ପରେ ସମ୍ପାଦକ ଶ୍ରୀ ଦାସ ଏହି ଗଳ୍ପଗ୍ରନ୍ଥର ସମ୍ପାଦନା କରିଛନ୍ତି। ଗ୍ରନ୍ଥାରମ୍ଭରେ ସେ କହିଛନ୍ତି: "ଜୀବନର ଉତ୍ତପ୍ତ ମରୁଭୂମିରେ ଯିଏ ସିଞ୍ଚିଦିଏ ଆଞ୍ଜୁଳା ଆଞ୍ଜୁଳା ଶୀତଳ ଜଳ, ସେ ହେଉଛି ଝିଅ। ଝୁଣ୍ଟି ପଡୁଥିବା ଅସହାୟ, କ୍ଳାନ୍ତ ମାତାପିତାଙ୍କୁ ଯିଏ ଆଦରରେ କୋଳେଇନିଏ, ସିଏ ହେଉଛି ଝିଅ। ଜୀବନର ସବୁ ଦୁଃଖ, ଶୋକ, ଅବସାଦ ଓ ଅବସୋସକୁ ଯିଏ ହରଣ କରିନିଏ, ସିଏ ହେଉଛି ଝିଅ।" ସଂକଳନରେ ୩୮ଟି ଗଳ୍ପ ସ୍ଥାନିତ। ସର୍ବବରିଷ୍ଠ କଥାକାର ଅଚ୍ୟୁତାନନ୍ଦ ପତିଙ୍କଠାରୁ ଆରମ୍ଭ କରି ସର୍ବକନିଷ୍ଠ ଶର୍ମିଷ୍ଠା ମହାପାତ୍ରଙ୍କ ଯାଏଁ ସିଦ୍ଧହସ୍ତ ଗାଳ୍ପିକଙ୍କ 'ଝିଅ' ସମ୍ପର୍କିତ ଗଳ୍ପରେ ସମ୍ପାଦିତ ଗ୍ରନ୍ଥଟି ଉଭୟ ବିଷୟ ସଂଯୋଜନା ଓ ଅବତାରଣାର ତରିକା ଦୃଷ୍ଟିରୁ ସମୁଜ୍ଜ୍ୱଳ ହୋଇଉଠିଛି। ୧୯୪୩ ଦୁର୍ଭିକ୍ଷ ପୃଷ୍ଠଭୂମିରେ ମନୋଜ ଦାସଙ୍କ ରଚିତ 'ଏକ ଚୋରିର ବୃତ୍ତାନ୍ତ' ଗଳ୍ପରେ ବୁଭୁକ୍ଷିତଙ୍କ ପାଇଁ ସାମାନ୍ୟ ଚାଉଳ କିପରି ମଣିମାଣିକ୍ୟ ପାଲଟିଛି ଏବଂ ସେଇ ଚାଉଳ ଚୋରି କରିବାକୁ ବୃଦ୍ଧ ବାପାଙ୍କ ଘରକୁ ଆସି ଝିଅ ଅନ୍ନପୂର୍ଣ୍ଣା କିପରି ହଟହଟା ହୋଇଛି, ତାହା ଯେତିକି କୌତୂହଳପ୍ରଦ, ସେତିକି ବେଦନା ଦଗ୍ଧ। ବହିର ଗଳ୍ପଗୁଡ଼ିକ ଏକୁ ଆରେକ ବଳି। ରାମଚନ୍ଦ୍ର ବେହେରାଙ୍କ 'ଛବି', ତରୁଣକାନ୍ତି ମିଶ୍ରଙ୍କ 'ଧୂଳିଘର' ଓ ବିଜୟ ନାୟକଙ୍କ 'ଘରକୁ ଫେରିନି ମିନି' ଆଦି ଗଳ୍ପ ବେଶ୍ ସମୟୋତ୍ତୀର୍ଣ୍ଣ। 'ଝିଅ'କୁ ନେଇ ପରିକଳ୍ପିତ ୫୨୦ ପୃଷ୍ଠାର ଏହି ଗଳ୍ପଗ୍ରନ୍ଥଟି ବ୍ୟକ୍ତିଗତ ପାଠକ ଓ ପାଠାଗାର ପାଇଁ ଯେ ଉପଯୋଗୀ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।


### ଯକ୍ଷ ଉପାସନା



**ଏକ ତାତ୍ତ୍ୱିକ ଇତିହାସ**
**ଲେଖକ:** ଡ. ମଥୁରେନ୍ଦ୍ର ପୃଷ୍ଟି,
**ପ୍ରକାଶକ:** ମ୍ୟାଗ୍ନମ୍ ପ୍ରିଣ୍ଟର୍ସ, ରସୁଲଗଡ଼, ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୦୦/-

ଯକ୍ଷ ଉପାସନାର ଉତ୍ସ-ସନ୍ଧାନ ସହିତ ଏହାର କ୍ରମ ବିକାଶ ଓ ବିଭିନ୍ନ ଧର୍ମଧାରଣାରେ ଯକ୍ଷର ରୂପାନ୍ତରିତ ସ୍ୱରୂପ, ବିଶ୍ଳେଷଣ ପୂର୍ବକ ଆଲୋଚ୍ୟ ଗ୍ରନ୍ଥରେ ଗ୍ରନ୍ଥକାର ଡ. ପୃଷ୍ଟି ଯେଉଁ ତଥ୍ୟ ଓ ଉପାଦାନସମୂହର ଉପସ୍ଥାପନା କରିଛନ୍ତି, ତାହା ଗବେଷକ ଓ ପାଠକଙ୍କ ପାଇଁ ଉପାଦେୟ ମନେହୁଏ। ପ୍ରାଗୈତିହାସିକ ପଶୁ ସଂସ୍କୃତିରୁ ଉଦ୍ଭବ ଯକ୍ଷ ଦେବତା କାଳର ବିବର୍ତ୍ତନ ଧାରାରେ କିପରି ପରଂବ୍ରହ୍ମ, କୁବେର, ଗଣେଶ, ଶିବ-ସଖା ବୈଶ୍ରବଣ ଓ ଯକ୍ଷିଣୀ-ମହାଲକ୍ଷ୍ମୀ/ ପାର୍ବତୀ ରୂପରେ ରୂପାନ୍ତରିତ, ତା'ର ସବିଶେଷ ବିଶ୍ଳେଷଣ ଅତି ଦାୟିତ୍ୱବତ୍ତାର ସହ ଗ୍ରନ୍ଥଟିରେ ସମ୍ପନ୍ନ ହୋଇଛି। ଶାସ୍ତ୍ରୀୟ ଓ ପ୍ରତ୍ନତାତ୍ତ୍ୱିକ ଆଧାରରେ ଗ୍ରନ୍ଥର ବିଷୟ ବିଶ୍ଳେଷଣ କରାଯାଇଛି। ଗ୍ରନ୍ଥ ରଚନା ପାଇଁ ଓଡ଼ିଆ ଭାଷାରେ କୌଣସି ତଥ୍ୟଭିତ୍ତିକ ପୁସ୍ତକ ଉପଲବ୍ଧ ନ ହେବାରୁ ଲେଖକ ଇଂଲିଶ୍, ହିନ୍ଦୀ ଓ ବଙ୍ଗଳା ଭାଷାରେ ଲିଖିତ କେତେକ ପ୍ରବନ୍ଧରୁ ତଥ୍ୟ ସଂଗ୍ରହ କରିଥିବା ସ୍ୱୀକାର କରିଛନ୍ତି ଏବଂ ଯକ୍ଷତତ୍ତ୍ୱ ସମ୍ବନ୍ଧରେ ତାଙ୍କ ଲିଖିତ ଏହି ପୁସ୍ତକଟି ପ୍ରଥମ ପୁସ୍ତକ ବୋଲି ଅଭିହିତ କରିଛନ୍ତି। ଗ୍ରନ୍ଥର ଦୁଇଟି ଭାଗରୁ ପ୍ରଥମ ଭାଗରେ ୨୧ଟି ଓ ଦ୍ୱିତୀୟ ଭାଗରେ ୧୩ଟି ପରିଚ୍ଛେଦ ରହିଛି। ପରିଶିଷ୍ଟରେ ରହିଛି ଯକ୍ଷ-ଯକ୍ଷିଣୀଙ୍କର ଦୁର୍ମୂଲ୍ୟ ଫଟୋଚିତ୍ର, ଯାହା ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ମନ୍ଦିର ଗାତ୍ରରେ ଖୋଦିତ ତଥା ବିଭିନ୍ନ ପ୍ରାଚୀନ ମୁଦ୍ରା ଓ ସାମରିକ ସାମଗ୍ରୀରେ ଅଙ୍କିତ। ୩୧୦ ପୃଷ୍ଠାର ଏହି ଗବେଷଣା ଗ୍ରନ୍ଥଟିର ବିପୁଳ ଆଦୃତି ଆଶା କରାଯାଏ।

## କାଳକାଳକୁ



"ପୁରୁଷ ହେଉ କି ନାରୀ, ଏକ ଭଲ ଉପନ୍ୟାସରୁ ଯିଏ ଆନନ୍ଦ ନେଇପାରେ ନାହିଁ, ସେ ନିଶ୍ଚୟ ଜଣେ ବୁଦ୍ଧୁ।"
– ଜାନି ଅଷ୍ଟେନ୍

**ଜାନି ଅଷ୍ଟେନ୍**ଙ୍କ ଜନ୍ମ ୧୬ ଡିସେମ୍ବର ୧୭୭୫ରେ ଓ ପରଲୋକ ୧୮ ଜୁଲାଇ ୧୮୧୭ରେ, ଇଂଲଣ୍ଡରେ। ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଇଂଲିଶ୍ ସାହିତ୍ୟରେ ସେ ଥିଲେ ଏକ ପ୍ରମୁଖ ସ୍ୱର। ଊନବିଂଶ ଶତାବ୍ଦୀର ସାହିତ୍ୟରେ 'ବାସ୍ତବବାଦ' ତାଙ୍କରି ବାଟ ଦେଇ ଜନ୍ମ ନେଇଥିଲା। ସେ ମୋଟ ୬ଟି ଉପନ୍ୟାସ ଲେଖିଥିଲେ, ଯଥା: 'ସେନ୍ସ ଆଣ୍ଡ୍ ସେନ୍ସିବିଲିଟି', 'ପ୍ରାଇଡ୍ ଆଣ୍ଡ୍ ପ୍ରିଜୁଡିସ୍', 'ମେନ୍ସଫିଲ୍ଡ ପାର୍କ', 'ଏମ୍ମା' ଓ 'ନର୍ଥଏଙ୍ଗର୍ ଆବେ' ଓ 'ପର୍ସୁଏସନ୍'। ଦୈନନ୍ଦିନ ଜୀବନରେ ପ୍ରତ୍ୟକ୍ଷ କରୁଥିବା ସାଧାରଣ ଚରିତ୍ର ଓ ଘଟଣାବଳୀକୁ ଆନି ତାଙ୍କ ରଚନାରେ ରୂପ ଦେଉଥିଲେ। ସେ କହନ୍ତି: "ନାରୀର କଳ୍ପନା ଦ୍ରୁତ ଚଳନଶୀଳ। କ୍ଷଣକରେ ସେ ପ୍ରଶଂସାରୁ ପ୍ରେମ ଓ ପ୍ରେମରୁ ବିବାହରେ ଉପନୀତ ହୋଇପାରେ।"

## କବିତା

### ଇତିହାସ

ଡ. ଗୌରୀଶଙ୍କର ସାହୁ

ନା ତମେ ଦେଖିଛ ନା ଦେଖିଛି ମୁଁ
ସେସବୁ ଘଟଣା, ଦୁର୍ଭାଗ୍ୟର ଦୁର୍ଘଟଣା।
କାଗଜରେ ଲେଖା କିଛି କଥା ଓ କବିତା
ଦୂର ଅତୀତର ଗୁମ୍ଫା ଭିତରେ ଖୋଳୁଚି ସତ,
ପାଇଥିବା ପଥର, ଶୁଣିଥିବା ଲୋକ ଉକ୍ତି
ଆଉ ଥାଉ କି ନଥାଉ, ସେସବୁ
ଏବେ ଶବ୍ଦଙ୍କ ତୀରରେ ବିଦ୍ଧ...
ପଥର ମାଡ଼ରେ ରକ୍ତାକ୍ତ
ଆମ ସମସ୍ତଙ୍କ ବର୍ତ୍ତମାନ।

ଇତିହାସ ଅମର କରିଛି ଅନେକ ଲୋକଙ୍କୁ
କାହାକୁ ଦେବତା ରୂପେ ତ ଦାନବ ରୂପେ କାହାକୁ
ଅମୃତ ଦେଇଛି କାହାକୁ,
କାହାକୁ ବା ହଳାହଳ ବିଷ
ଆମେ ତୁମେ ସେମାନେ, ନା ଦେବତା ନା ଅସୁର
ହତଭାଗ୍ୟ ମଣିଷ।

ଇତିହାସ ଗିଳିଛି ଅନେକ ମୁଣ୍ଡ ଓ ବିଶ୍ୱାସ
ନିରୀହ ମଣିଷଙ୍କ ନିଃଶ୍ୱାସରେ ଅଭିଶପ୍ତ ସେ
ହଁ, କାଳର ଇ କରାଳ ରୂପ, ଇତିହାସ।

ହେଲେ, ଇତିହାସରୁ ହିଁ ଆରମ୍ଭ ଆମ ସମ୍ପର୍କ
ସେଇ ଇତିହାସେ ଇ ଶେଷ।

ମୋ: ୭୯୭୮୪୨୧୮୩୫

### ଫେରିବାର ବେଳ

ଡ. ସୁଷମା ବାରିକ

ଆଞ୍ଜୁଳାଏ ସିନ୍ଦୂର ଫିଙ୍ଗିଦେଇ ସୂର୍ଯ୍ୟ ଗଲେଣି
ବିଶ୍ରାମ ସମୟ ଏବେ ଛାଇ ଆସେ ନଇଁ
ଆଶ୍ରୟ ଖୋଜୁଖୋଜୁ ଅନ୍ଧାରି ଇଲାକାରେ
ବାଟବଣା ହୋଇଯାଏ ଏକଲା ମଣିଷଟିଏ
ଘରଚଟିଆର ବସା ପରି
ଥାଆନ୍ତା କି ବସାଟିଏ ତା'ର!

କୁଟାକାଠି ଯୋଡ଼ି ଯୋଡ଼ି ନିପୁଣ ବିନ୍ଧାଣିର
ନୀଡ଼ ବୁଣିଥାଏ
ଆସୁ ଝଡ଼ଝଞ୍ଜା ଯେତେ ଆତଙ୍କର
ନାହିଁ ଏଠି ସ୍ଥାନ
ସୁରକ୍ଷାର ନାହିଁ ଏଠି ବୀମା
ଝଲକାଏ ପବନରେ
ଭାଙ୍ଗିଯାଏ ସ୍ୱପ୍ନର ଗରିମା।

ଏକଲା ମଣିଷଟା
ଫେରିଆସେ ଅନ୍ଧାର ଭିତରୁ
ସକାଳ ତ ନାହିଁ ବେଶୀ ଦୂର
ସ୍ୱପ୍ନ ଦେଖେ ନୂଆ ସକାଳର
ଘରଟିଏ ଥିବ ତା'ର
ଲିପାପୋଛା ଗୋବର ମାଟିର
ମହମହ ବାସୁଥିବ ଭିଜାମାଟି ପ୍ରଥମ ବର୍ଷାର
କବାଟ ଫାଙ୍କରୁ କିଏ ଡାକିଦେବ
ଆସଆସ ଏବେ ଯେ ଫେରିବାର ବେଳ।

ମୋ: ୯୪୩୭୯୭୭୪୧୬

### ଅସହଜ ଲାଗିଲେ

ଡ. ରାମଚନ୍ଦ୍ର ପଲାଇ

ମୋତେ କିଛି ଅସହଜ ଲାଗିଲେ
ମୁଁ ତଳେ ବସିଯାଏ, ମାଟି ଉପରେ
ଓହ୍ଲେଇ ଦେଇ ସକଳ ଆବରଣ,
ଯାବତୀୟ ଅଧ୍ୟାସ ଓ ଉପନାମ।

ମାଟି କୋଳେଇନିଏ ମୋତେ
ଶୋଷିନିଏ ସବୁ ଅବସାଦ,
ଲିଭେଇଦିଏ ସକଳ କିଲ୍‌ବିଷ।
ସେତେବେଳେ
ମୋର ଅବବୋଧ ହୁଏ
ମୋର କୋଟ୍ ପ୍ୟାଣ୍ଟ୍
ମୋର କଅଁଳିଆ ସୋଫା
ଓ ଜରି ଭିତରେ ଥିବା ନଥିପତ୍ର
କେତେ ଅପ୍ରାସଙ୍ଗିକ ଓ ଅସଂଯୁକ୍ତ!

ମାଟି ଉପରେ ବସି ପଡ଼ିଲେ
କେତେ କଥା ମନେପଡ଼େ
ବାଲ୍ୟରୁ ବୟଃ, ସବୁଜରୁ ଧୂସର,
ବାଟହିଡ଼ରୁ ଏସ୍କେଲେଟର।

କିଛି ସମୟ ଗଛ ଉପରେ ରହି
ତଳେ ବସିପଡ଼ିଲେ
ଆସେ କେତେ ପରିତୋଷ,
ଗଛମୂଳେ ଢେରା ଦେଇ ବସି
ଆକାଶକୁ ଦେଖିବାର ସୁଖ!

ମୋ: ୭୯୭୮୮୯୮୪୫୬

### ଗୀତି-କବିତା

### ସାଗର ତୀରେ ସନ୍ଧ୍ୟା

ଜୟନ୍ତୀ ସାହୁ

ପୂର୍ଣ୍ଣମୀର ଏଇ ରୁପେଲି ସନ୍ଧ୍ୟାରେ
ଝାଉଁବଣ ଗାଏ ଗୀତ
ଗୀତ ନୁହେଁ ସେ ତ ବେଳାଭୂଇଁ ପରେ
ବେଣୁ ସ୍ୱନ ସୁଲଳିତ।

ନୀଳ ଦରିଆରେ ପବନ ଦୋଳିରେ
ଝୁଲୁଛି ତରଙ୍ଗମାଳା
ଆବେଗେ ଅଧୀର ଜ୍ୟୋସ୍ନାରେ ବିଭୋର
ପୁଲକେ ଛୁଅଁଇ ବେଳା।

ଶୁଭୁଛି କାହାର ପାଦର ଶବଦ
ଲାଗୁଅଛି ଚିହ୍ନା ଚିହ୍ନା
ଦୂରେ ଦିଶିଯାଏ ଛାଇ ଆଲୁଅରେ
ସୁରଭି ସ୍ମୃତି ଆଇନା।

ସମୁଦ୍ରକୂଳରେ ଫୁଲ ସଞ୍ଜବେଳେ
ଲଳିତ ଲାବଣ୍ୟ ମାଖି
ସ୍ମୃତିର ପସରା ଧରି କେ ଆସିଛି
ଝୀନ ଉତ୍ତରୀୟ ଢାଙ୍କି।

ଚମକି ଉଠୁଛି ସସାଗରା ଧରା
କିଏ ଏହି ସ୍ମରଣିକା
ବିସ୍ମୃତି ଶାମୁକା ଗର୍ଭୁ ସ୍ମୃତି ମୁକ୍ତା
ସାଉଁଟି ଆଣୁଛି ଏକା।

ମୋ: ୮୦୯୩୪୮୬୬୭୪

## ନାତିର କୋଳ

ମନୀଷା ପଣ୍ଡା

ଲଘୁଗଳ୍ପ

କଲୋନିସାରା ରସଗୋଲା ବାଣ୍ଟି ଚାଲିଥିଲେ ପ୍ରତିଭା ଦେବୀ। ତାଙ୍କ ପୁଅ ବାବାନିର ଆଜି ପୁଅ ହୋଇଛି। ସେ ଜେଜେମା' ହୋଇଛନ୍ତି। ଖୁସିରେ ଫାଟିପଡୁଥିଲା ମନଟା। ବିମୋହିତ ହୋଇ କାହାକୁ କହୁଥିଲେ– 'ବାବାନି ବ୍ଲେସ୍‌ଡ ଏ ବେବି ବୟ' ତ କାହାକୁ କହୁଥିଲେ 'ମୋ ବାବାନିର ପୁଅ ହୋଇଛି'।

କେତେ ଶୀଘ୍ର ପୁଅ ତାଙ୍କର ବଡ଼ ହୋଇଗଲା। ବାବାନିର ଜନ୍ମ ଏଇ କଲୋନିରେ। ନାମୀଦାମୀ ଡାକ୍ତରପତ୍ନୀ ହେଉଛନ୍ତି ପ୍ରତିଭା ଦେବୀ। କଲୋନିରେ ତାଙ୍କର ଖୁବ୍ ଖାତିର। ଖୁବ୍ ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ ତାଙ୍କର। ବାହାଘରର ଗୋଟିଏ ବର୍ଷ ନ ପୂରୁଣୁ ରହଣି ତାଙ୍କର ଶାଶୁଘର ଗାଁ ଛାଡ଼ି ରାଜଧାନୀରେ। ରାଜଧାନୀ ହାୱାରେ ରହିଲେ ଆଉ କ'ଣ ଗାଁ ପବନ ଦେହରେ ଯିବ? ସେଇଥିପାଇଁ ତ ନିଜକୁ ଅଥବା ନିଜ ସଂସାରକୁ ଦିନେ ଅଧେ ରହିବାକୁ ଦେଇନାହାନ୍ତି ସେଇ ଗାଁରେ। ଅତି କାମ ପଡ଼ିଲେ ବର୍ଷେ ଦୁଇ ବର୍ଷକେ ଥରେ ଅଧେ ଯାଆନ୍ତି ଦୁଇଘଣ୍ଟା ପାଇଁ। ବାବାନି ବଡ଼ ହେବା ପରେ ସେଇ ଦୁଇ ଘଣ୍ଟା ବି ବାବାନିକୁ ନେଇ କେବେ ଯାଇ ନାହାନ୍ତି। ପୁଅର ପଢ଼ାପଢ଼ି, ଖାଇବାପିଇବା, ଦେହ ପା' ପାଇଁ ଯଥେଷ୍ଟ ସଚେତନ। କେତେ ଶୀଘ୍ର ବାବାନି ପଢ଼ା ସାରି ଚାକିରି ପାଇଗଲା ଚିକାଗୋରେ। ସେଇଠି ଲାଇଫ୍ ପାର୍ଟନର୍ ଆଉ ବିବାହ। ବାବାନି ଆଉ ବୋହୂ ଦୁହେଁ ଖୁବ୍ ବ୍ୟସ୍ତ। ଆଉ ଏ ବ୍ୟସ୍ତତା ଭିତରେ ପୁଅ ହୋଇଛି। ପ୍ରତିଭା ଦେବୀ ଭିଡିଓ କଲ୍‌ରେ ଦେଖି ଖୁବ୍ ବିମୋହିତ ହୋଇପଡୁଥିଲେ।

ବାବାନିର ଜନ୍ମ ଭୁବନେଶ୍ୱରରେ ହୋଇଥିବା ବେଳେ ତା' ଜେଜେ ଗାଁରୁ ବସ୍ ଯୋଗେ ଧାଇଁ ଆସିଥିଲେ। ଖୁବ୍ ଜିଦି ଧରିଥିଲେ କୁଳନନ୍ଦନକୁ ପାପୁଲିରେ ଟେକିଧରିବା ଲାଗି ଡାକ୍ତରଖାନାରେ। ହେଲେ ସେ ସୁଯୋଗ ମିଳି ନଥିଲା ତାଙ୍କୁ। ପ୍ରତିଭା ଦେବୀ ଶିଶୁ ଜନ୍ମ ପରେ ଚେତା ପାଇ ପରିଷ୍କାର ଜଣେଇ ଦେଇଥିଲେ କଫ ଶ୍ୱାସ ସଂକ୍ରାମକ ରୋଗ। ଆଉ ତାଙ୍କ ଶ୍ୱଶୁର ଜଣେ କଫ ରୋଗୀ। ଏଣୁ ସାବଧାନ! ହେଲେ ସେଦିନ ମନ କଷ୍ଟ କରି ନଥିଲେ ବାବାନିର ଜେଜେ। ଧରିଲେ ନାହିଁ ପଛେ ଆଖି ପୂରେଇ ଦେଖିଦେଇ ଚାଲି ଆସିଥିଲେ ନିଜ ବାଟରେ। କେତେ ମହୋତ୍ସବ ଲଗାଇଥିଲେ ଗାଁରେ। ଗାଁ ଶିବ ମନ୍ଦିରରେ କେତେ ପୂଜାପାଠ ହୋମ ହୋଇଥିଲା ବାବାନି ପାଇଁ। ଆଜି ବାବାନି ବାପା ହୋଇଛି ଆଉ ପ୍ରତିଭା ଦେବୀ ଜେଜେମା'। ବାବାନିର ଜେଜେ ସ୍ୱର୍ଗରେ।

ଜେଜେ ଯିବାବେଳକୁ ବାବାନି କଲେଜ ପଢୁଥାଏ। ଗୋଡ଼ହାତ ଅଚଳ ହୋଇ ପଡ଼ିବା ପରେ ଗାଁ ଛାଡ଼ି ଜେଜେବାପା ରାଜଧାନୀରେ ପଡ଼ି ରହିବାକୁ ବାଧ ହେଲେ। ଜେଜେ ରହୁଥିବା କୋଠରିକୁ ବାବାନିର କେବେ ହେଲେ ପାଦ ପଡ଼େନି। ମମି ପାପା କଲେଜ ପଢ଼ା, ଖେଳକୁଦ ସାଙ୍ଗସାଥୀ, ଏସବୁ ଭିତରେ ଜେଜେ କେବେ କେବେ ତାଙ୍କୁ ଲୋଡୁଥିବେ ଏକଥା କେବେ ଚିନ୍ତା ବି କରିନି ବାବାନି। ପ୍ରତିଭା ଦେବୀ ଖୁବ୍ ତାରିଫ୍ କରି କୁହନ୍ତି ମୋ' ପୁଅ ମୋ' ବିନା ବଞ୍ଚି ପାରିବନି। ଅନ୍ୟ ସମସ୍ତଙ୍କ ସହ ତା' ଆଟାଚ୍‌ମେଣ୍ଟ କମ୍।

ସେଇ ବାବାନି ଆଜି ମମିକୁ ଛାଡ଼ି ବିଦେଶରେ। ବର୍ଷକେ ଥରେ ରାଜଧାନୀ ଆସେ, ତାହା ପୁଣି ବହୁତ କଷ୍ଟରେ। ସେଦିନ ରସଗୋଲା ବଣ୍ଟା ସାରି ବାବାନିକୁ ଫୋନ୍ ଲଗେଇଲେ ପ୍ରତିଭା ଦେବୀ। ନାତିକୁ ଦେଖିଯିବା ପାଇଁ ମନଟା ଖୁବ୍ ଆଉଟୁପାଉଟୁ ହେଉଛିରେ ବାବା! ବୋହୂଟା କୁନି ପୁଅଟାକୁ କେମିତି ରଖିବ କେଜାଣି? ମୁଁ ସେଠାକୁ ଚାଲିଯିବି କି କହିବାମାତ୍ରେ ବାବାନି ସେ ପାଖରୁ ବୁଝାଇ ପକାଇଲା, "ନା ମମି! ଏଠି ସ୍ପେଶାଲ କେୟାରଟେକର ଅଛନ୍ତି। ସେମାନେ ଯେମିତି କେୟାର ନେବେ ତୁମେ କ'ଣ ପାରିବ? ସେମାନେ ଖୁବ୍ ହାଇଜିନ୍ ମେଣ୍ଟେନ କରନ୍ତି। ସେମାନେ ତାଲିମପ୍ରାପ୍ତ। ମୋତେ ତୁମେ ସମ୍ଭାଳି ଦେଉଥିଲ ସିନା, ମୋ' ବେବିକୁ ତୁମେ ପାରିବନି ମମି। ତୁମେ ସେଇଠି ନିଶ୍ଚିନ୍ତ ରୁହ।"

ପ୍ରତିଭା ଦେବୀଙ୍କ ମୁଣ୍ଡଟା ବୁଲେଇଦେଲା ଭଳି ଲାଗୁଥିଲା। ନିଜକୁ ସମ୍ଭାଳି ସେ ପଚାରିଲେ– ନାତି ମୋର କାହା ପରି ହୋଇଛିରେ? ବାବାନି କହୁଥିଲା– ଠିକ୍ ଆମ ଜେଜେଙ୍କ ଭଳି ଚେହେରା ମମି। ଜାଣିଛ ମମି ତା' ମମି ଲୁଇସ୍ ଜେଜେଙ୍କ ଫଟୋ ଦେଖି କହୁଥିଲା, 'ୟା.. ଆୱାର୍ ଗ୍ରାଣ୍ଡପା' କମ୍ ବ୍ୟାକ୍'।

ଅତୀତ ଗୋଟେ ବେତାଳ ହୋଇ କାନ୍ଧ ଉପରେ ବସିପଡ଼ିବା ଭଳି ମନେହେଉଥିଲା ପ୍ରତିଭା ଦେବୀଙ୍କର। ନଜରରେ ଆସୁଥିଲା ଶ୍ୱଶୁର ହସୁଛନ୍ତି କାନ୍ଥ ଟଙ୍ଗା କାନ୍‌ଭାସ୍‌ରେ।

ମୋ: ୮୨୪୯୬୮୬୦୯୩



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହୀରାକୁଦ ଏସିଏଫ୍‌ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ | ନଗଦ ୧୪.୫ ଲକ୍ଷ ଟଙ୍କା ଜବତ





ଏସିଏଫ୍ ରେବତୀ ରମଣ ଯୋଶୀ, ଜବତ ଟଙ୍କା ଓ ଠାବ ହୋଇଥିବା କୋଠା ।

ସମ୍ବଲପୁର, ୬।୧୨(ପ୍ରମୋଦ ବହିଦାର)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଦୁର୍ନୀତି ନିବାରଣ(ଭିଜିଲାନ୍ସ) ବିଭାଗ ପକ୍ଷରୁ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ (ଏସିଏଫ୍) ରେବତୀ ରମଣ ଯୋଶୀଙ୍କ ଘର ସମେତ ଏକକାଳୀନ ୯ଟି ସ୍ଥାନରେ ଚଢ଼ାଉ କରାଯାଇଛି। ସମ୍ବଲପୁରର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗର ୩ ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କ ୯ଟି ଦଳ ସମ୍ବଲପୁର ଓ ବରଗଡ଼ର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସେଥିମଧ୍ୟରେ ଯୋଶୀଙ୍କ ସମ୍ବଲପୁରର ଡିଅରପାର୍କରେ ଥିବା ସରକାରୀ କ୍ୱାର୍ଟର୍ସ, ସମ୍ବଲପୁର ବନ ବିଭାଗ କାର୍ଯ୍ୟାଳୟରେ ଥିବା ତାଙ୍କ ଚାମ୍ବର, ସମ୍ବଲପୁରର ଅଇଁଠାପାଲିସ୍ଥିତ ୯୭୯୯ ବର୍ଗଫୁଟ୍ ବିଶିଷ୍ଟ ପ୍ରାୟ ୧.୮୦ କୋଟି ଟଙ୍କା ମୂଲ୍ୟର ତିନି ମହଲା ବିଶିଷ୍ଟ କୋଠା, ସମ୍ବଲପୁର ବ୍ରିଜଧାମ ହାଉସିଂ ସୋସାଇଟି ଜି-୫ ଓ ଜି-୬ ଆଦି ଦୁଇଟି ଫ୍ଲାଟ, ସମ୍ବଲପୁର ଫାର୍ମ ରୋଡ୍, ସିଟି ପ୍ରାଇଡ୍ ଆପାର୍ଟମେଣ୍ଟ ବିଲ୍ଡିଂ ଫ୍ଲାଟ ନମ୍ବର ଏ-୪୦୬, ସମ୍ବଲପୁର-ଝାରସୁଗୁଡା ରାସ୍ତା ଅଇଁଠାପାଲି ଥାନା ଅନ୍ତର୍ଗତ ମାଲିପାଲିରେ ଏକମହଲା ବିଶିଷ୍ଟ ବ୍ୟବସାୟିକ କୋଠା, ବରଗଡ଼ ଜିଲା ପଦ୍ମପୁରରେ ଥିବା ଏକ ମହଲା କୋଠାଘର, ବରଗଡ଼ ଜିଲା ବିଜେପୁର ବଲଣ୍ଡାରେ ଯୋଶୀଙ୍କ ପୈତୃକ ଘର, ଭୁବନେଶ୍ୱର ଘାଟିକିଆଠାରେ ଥିବା ସତ୍ୟମ ରୟାଲ ଆପାର୍ଟମେଣ୍ଟରେ ଏକ ୨ ବିଏଚ୍‌କେ ଫ୍ଲାଟ ଅନ୍ତର୍ଭୁକ୍ତ। ଚଢ଼ାଉବେଳେ ଯୋଶୀଙ୍କ ସମ୍ବଲପୁରର ଡିଅରପାର୍କସ୍ଥିତ ସରକାରୀ କ୍ୱାର୍ଟର୍ସରୁ ନଗଦ ୧୪ ଲକ୍ଷ ୭୧ ହଜାର ୨୦୦ ଟଙ୍କା ଜବତ କରାଯାଇଛି। ଏହାସହ ୭ଟି ଘରଡିହ ସହିତ ୧୫୦ ଗ୍ରାମର ସୁନା ଅଳଙ୍କାର, ୩ ଶହ ଗ୍ରାମର ରୁପା ଅଳଙ୍କାର, ପ୍ରାୟ ୯.୧୩ ଲକ୍ଷ ଟଙ୍କା ମୂଲ୍ୟର ଏକ ବାଇକ୍ ଓ ଘରକରଣା ସାମଗ୍ରୀ, ୩୧ ଲକ୍ଷ ୩୧ ହଜାର ୮୪୯ ଟଙ୍କାର ବୀମା ଓ ବ୍ୟାଙ୍କ ଜମାକୁ ଠାବ କରାଯାଇଛି। ତେବେ ଯୋଶୀଙ୍କ ନାମରେ ସମ୍ବଲପୁର ଓ ଭୁବନେଶ୍ୱରରେ ଠାବ ହୋଇଥିବା ଘରଡିହ, ଫ୍ଲାଟ ଓ କୋଠାଗୁଡ଼ିକର ବିଶେଷଜ୍ଞଙ୍କ ଦ୍ୱାରା ମୂଲ୍ୟାୟନ କରାଯାଉଛି। ଯଦ୍ୱାରା ତାଙ୍କ ନାମରେ କେତେ ପରିମାଣର ଆୟ ବହିର୍ଭୁତ ସମ୍ପତ୍ତି ରହିଛି ତାହା ସ୍ପଷ୍ଟ ହେବ। ଚଢ଼ାଉ ଜାରି ରହିଥିବାରୁ ତାଙ୍କ ସମ୍ପତ୍ତିର ପରିମାଣ ଅଧିକ ହେବା ଆଶା କରାଯାଉଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

## ଯୁବତୀଙ୍କୁ ଅଚେତ କରି ବଳାତ୍କାର, ବାବାଜି ଗିରଫ

ରେଢାଖୋଲ, ୬।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ବୈଷ୍ଣବଖୋଲିରେ ୬ ମାସ ହେଲା ମଠ କରି ରହୁଥିବା ବାବାଜି ପ୍ରଫୁଲ୍ଲ ମହଲା(୪୪) ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ରେଢ଼ାଖୋଲ ପୋଲିସ ତାଙ୍କୁ ଶୁକ୍ରବାର ଗିରଫ କରିଛି। ତାଙ୍କ ଘର ବୌଦ୍ଧ ଜିଲା ଭାଲିଆପଦରରେ। ପୀଡିତା ଯୁବତୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୨୮୫।୨୦୨୪) ରୁଜୁ କରିଛି। ଶନିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସବିତାଲତା ସେଠୀ କହିଛନ୍ତି। ଯୁବତୀ ଜଣକ ଅଭିଯୋଗ କରିଛନ୍ତି, ତାଙ୍କ ଘର ଚାରମାଳ ଥାନା ଅଞ୍ଚଳରେ ହୋଇଥିବାବେଳେ ତାଙ୍କ ଦେହ ଅସୁସ୍ଥ ହେବା ଓ ଭଲ ନ ହେବା ଯୋଗୁ ସେ ଶୁକ୍ରବାର ବାବାଜିଙ୍କ ପାଖକୁ ଔଷଧ ଆଣିବାକୁ ଯାଇଥିଲେ। ବାବାଜି ୨ଟି ଟାବଲେଟ ଖାଇବାକୁ ଦେଇଥିଲେ। ତେବେ ଖାଇବା ପରେ ସେ ଅଚେତ ହୋଇଯାଇଥିଲେ। ଏହାପରେ ବାବାଜି ତାଙ୍କୁ ବଳାତ୍କାର କରିଥିଲେ।

## ଜ୍ୱାଇଁଙ୍କ ଘର ଆଗରେ ଜଳାଗଲା ଝିଅର ଜୁଇ

ଭୋଗରାଇ, ୬।୧୨(ପ୍ରଦୀପ ଦାସ)



ବିବାହିତ ଝିଅକୁ ହତ୍ୟା କରିବା ଅଭିଯୋଗରେ ଜ୍ୱାଇଁ ଗୁରୁବାର ଗିରଫ ହୋଇଛନ୍ତି। ଏଭଳିସ୍ଥିତିରେ ମୃତା ମହିଳାଙ୍କ ବାପଘର ଲୋକେ ଶୁକ୍ରବାର ତାଲାପଡ଼ିଥିବା ଜ୍ୱାଇଁଙ୍କ ଘର ସମ୍ମୁଖରେ ଝିଅର ଅନ୍ତିମ ସଂସ୍କାର କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୁନାଇବସାଣ ପଞ୍ଚାୟତ ହରିପୁର ଗ୍ରାମରେ। ଗୁରୁବାର ହରିପୁରର ସସ୍ମିତା ମାହାନା (୨୪) ମହିଳାଙ୍କୁ ତାଙ୍କ ସ୍ୱାମୀ ରାମକୃଷ୍ଣ ମାହାନା ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଭୋଗରାଇ ଥାନାରେ ଏକ ମାମଲା(ନଂ. ୫୩୨/୨୪)ରେ ମାମଲା ରୁଜୁ ହୋଇଛି। ସସ୍ମିତାଙ୍କ ମାତାପିତା ଓ ଆତ୍ମୀୟସ୍ୱଜନମାନେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାତି ଉଜାଗର ହୋଇ ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଇଥିଲେ। ପରେ ସସ୍ମିତାଙ୍କ ମୃତଦେହକୁ ସେଠାରୁ ଆଣି ଜ୍ୱାଇଁଙ୍କ ଘର ସମ୍ମୁଖରେ ଦାହ କରିଥିଲେ।


**JAIVIK SRI FARMERS PRODUCER COMPANY LTD.**
(CIN-U01100OR2016PTC025269, PAN-AADCJ8466F)
At-Pujariput (Panda Colony), PO/Dist-Koraput, ODISHA, India 764020
Email ID: jaisrifarmersproducercompany@gmail.com, Mob:9437871574

କୋରାପୁଟ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଜୈବିକ ଉପାୟରେ ଧାନ, ମାଣ୍ଡିଆ, ଅଳସୀ, ସୁଆଁ, ଅଦା, ହଳଦୀ ଓ ଡାଲି ଜାତୀୟ ଫସଲ ଉତ୍ପାଦନ କରି ମାଟି ମାଆର ସୁରକ୍ଷା ସୁନିଶ୍ଚିତ କରିବା ସହ ସୁରକ୍ଷିତ ଖାଦ୍ୟ ବ୍ୟବସ୍ଥାକୁ ଆପଣାନ୍ତୁ । ପରିବର୍ତ୍ତିତ ଜଳବାୟୁରେ ଜୈବିକ କୃଷି, ଦେଶୀ ବିହନ ନିତ୍ୟାନ୍ତ ଆବଶ୍ୟକ । ଆପଣଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ୍ ମୂଲ୍ୟ ପାଇବା ପାଇଁ ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ସହ ଯୋଗାଯୋଗ କରନ୍ତୁ । ଆମେ ଆପଣଙ୍କ ଉତ୍ପାଦିତ ସାମଗ୍ରୀକୁ ରାଜ୍ୟ ତଥା ଦେଶ ଦରବାରରେ ପହଞ୍ଚାଇବୁ ।

ଆମ ଠିକଣା
ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଲି.,
ପୂଜାରିପୁଟ, କୋରାପୁଟ, ୭୬୪୦୨୦
ଯୋଗାଯୋଗ ନଂ.-
୯୫୫୬୨୬୭୦୦୪, ୭୦୦୮୫୮୭୪୩୨, ୯୯୩୭୪୨୧୭୧୮, ୭୦୦୮୮୯୭୧୦୫

Outlets/Sales Centre:
At Dayanidhiguda, Po-Kendar, Pin 764021, Dist- Koraput & At-Doraguda, Po-Hordali, Pin-764056, Dist-Koraput

ସ୍ୱା./-ମୁରଲୀଧର ଅଧିକାରୀ
ସିଇଓ, ଜେଏସ୍ଏଫ୍‌ପିସିଏଲ୍


## ୧୪୪୦ ବୋତଲ କଫ୍ ସିରପ୍ ଜବତ, ୫ ଗିରଫ

ସମ୍ବଲପୁର, ୬।୧୨(ପ୍ରମୋଦ ବହିଦାର):

ସମ୍ବଲପୁର ସହର ଧନୁପାଲି ଥାନା ସିଟିଷ୍ଟେଶନ ନିକଟସ୍ଥ ଝାଙ୍କରପଡ଼ାରୁ ଶୁକ୍ରବାର ୧୨ ପେଟିରେ ଥିବା ଶହେ ମିଲିଲିଟର ବିଶିଷ୍ଟ ୧୪୪୦ ବୋତଲ କଫ୍ ସିରପ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିର ମହମ୍ମଦ ତସ୍ଲିମ୍(୨୪), ମହମ୍ମଦ ଆତିଫ୍(୩୫), ମୋତିଝରଣର ଏସ୍‌କେ ଜୈରୁଦ୍ଦିନ ଓରଫ ବିଟୁ(୨୮), ଟାଉନଥାନା ଅନ୍ତର୍ଗତ ସାହୁ କଲୋନୀର ଶାନ୍ତନୁ ଦାସ ଓରଫ ସୋନୁ(୨୯) ଓ ଉତ୍ତରପ୍ରଦେଶ କୌସମ୍ବି ଜିଲା ହାଟୁଆ ଗ୍ରାମର ମହମ୍ମଦ ଆକ୍ରମ୍(୩୦)। ସେମାନଙ୍କ ନିକଟରୁ କଫ୍ ସିରପ୍ ସହିତ ଏକ କାର୍ (ଓଡି ୧୫ ଏକ୍ସ ୨୬୯୪), ଏକ ବିନା ନମ୍ବରର ସ୍କୁଟି, ୪ ମୋବାଇଲ୍ ଫୋନ ଓ ନଗଦ ୧୦ ହଜାର ଟଙ୍କା ଜବତ କରାଯାଇଛି। ଧନୁପାଲି ଥାନାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ତୋଫାନ ବାଗ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କୋଲକାତାରୁ ସମ୍ବଲପୁର ଆଣି ଝାଙ୍କରପଡ଼ାରେ ବେଆଇନ ଭାବେ ବ୍ୟାପକ ପରିମାଣର କଫ୍ ସିରପ୍ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ସମ୍ପର୍କରେ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଉକ୍ତ ସୂଚନା ଅନୁସାରେ ଧନୁପାଲି ପୋଲିସ ଝାଙ୍କରପଡ଼ାରେ ଅତର୍କିତ ଚଢ଼ାଉ କରିଥିଲା। ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବିଭିନ୍ନ ବ୍ରାଣ୍ଡର କଫ୍ ସିରପ୍ ଜବତ କରାଯାଇଥିଲା। ଏହାକୁ ନେଇ ଧନୁପାଲି ଥାନାରେ ଏକ ମାମଲା (ନଂ. ୫୦୪/୨୦୨୪) ରୁଜୁ କରି ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। କଫ୍‌ସିରପ ଚୋରା ଚାଲାଣକାରୀଙ୍କ ମାଷ୍ଟର ମାଇଣ୍ଡଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି ପୋଲିସ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଆସିକା,୬।୧୨(ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା ବଡଗଡ ଥାନା ଅନ୍ତର୍ଗତ ଓଳମ୍ବା ଗ୍ରାମରେ ପାଣ୍ଡବ ନାୟକ ହତ୍ୟା ମାମଲାର ବୃତ୍ତାନ୍ତ ରାୟ ପ୍ରକାଶ ପାଇଛି। ଶୁକ୍ରବାର ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ମାମଲାର ବିଚାର କରି ଅଭିଯୁକ୍ତ ସେହି ଗ୍ରାମର ଅଙ୍ଗଦ ରାଉତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ୩ ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୭ ଅକ୍ଟୋବର ୧ ତାରିଖରେ ପାଣ୍ଡବଙ୍କୁ ଘରୁ ଡାକିନେଇ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ତାଙ୍କ ମୁଣ୍ଡବିହିନ ମୃତଦେହ ଗାଁ ନିକଟସ୍ଥ ଏକ ନାଳ ପାଖରୁ ଜବତ ହୋଇଥିଲା । ଘଟଣା ସମ୍ପର୍କରେ ମୃତକଙ୍କ ସ୍ତ୍ରୀ ସାବିତ୍ରୀ ନାୟକ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ. ୨୨୬/୧୭ରେ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ମୋଟ ୧୨ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ ।

## ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡ

ବାଲେଶ୍ୱର, ୩।୧୨(ବାଞ୍ଛାନିଧି ଦେ)

ଜଣେ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଶୁକ୍ରବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ମଣ୍ଟୁ ସିଂଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୩ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନସେବା ପ୍ରାଧିକରଣକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯେ, ୨୦୨୪ ମାର୍ଚ୍ଚ ୧୮ ତାରିଖରେ ବରହମ୍ପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନୀଳଗିରି ଥାନା ଅଧୀନ ବାଲିଆଝର ଅଞ୍ଚଳର ଯୁବକ ମଣ୍ଟୁ ସିଂ ଜବରଦସ୍ତ ରାସ୍ତାରୁ ଉଠାଇ ନେଇ ଶ୍ୱଶୁରଘରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ବରହମ୍ପୁର ଥାନାରେ ଏକ ମାମଲା (ନଂ. ୫୧/୨୦୨୪) ରୁଜୁ ହୋଇଥିଲା। ଏହି ମାମଲାରେ ପୀଡ଼ିତାଙ୍କ ବୟାନ ସହ ୧୧ଜଣ ସାକ୍ଷୀ ଓ ୨୧ ଦଲିଲ ଦସ୍ତାବିଜକୁ ଆଧାର କରି ଜଜ୍ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।


# Classified Everyday 0674-2580101, 2549949



REAL ESTATE
SALE

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 8917622925. D-2173

Duplex and Apartment sale near Kalinga Nagar DAV School, Bhubaneswar. 9777433701. D-76212

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987. D-76220


ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧାଥାଇ 2BHK @ 4500000/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75583

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-2174

4 BHK luxurious flat for sale at Unit-3, Kharavelanagar, back side of Ram Mandir handover within 2 months. Please contact: 9438362399. D-2127

Plots for sale near Trisulia, CISF Campus CDA, Rera Approved. (RP/07/2023/01069), (www.rera.odisha.gov.in. Contact- 7008513309. D-2157

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888. D-2167



On Nandan Vihar main road nearer to KIIT University Area, Bhubaneswar suitable for resident, Tutorial, Offices and other institutions. 9078831520, 9438058383. D-2176

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open full body massage relax with new lady therapist. M-7205354089. D-76035



BUSINESS

ଓଡ଼ିଶା ପରିବହନର ସ୍ୱୀକୃତିପ୍ରାପ୍ତ VLTD (GPS) DEVICE ର ଜିଲ୍ଲା ସ୍ତରରେ Fitment Center ପାଇଁ ଯୋଗାଯୋଗ କରନ୍ତୁ। Mob- 7008533430. D-2166

LOST

ପୁରୀ ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ମନ୍ଦିରରେ ଗତ ସୋମବାର ତା ୦୨।୧୨।୨୦୨୪ ଦିନ ଏକ ଶ୍ରାଦ୍ଧବାର୍ଷିକ ପଂକ୍ତି ଭୋଜନ ସମୟରେ ଏକ ଲକେଟ ସହ ସୁନାଚେନ ଏବଂ ଦୁଇଟି ମୁଦି ଖସିପଡ଼ି ହଜିଯାଇଛି। କୌଣସି ବ୍ୟକ୍ତି ପାଇଥିଲେ ସହୃଦୟତା ସହ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଯୋଗାଯୋଗ ନମ୍ବର- 7008265610, 6370685690. D-2170

By virtue of an affidavit before Executive Magistrate, Bhubaneswar Affidavit No.-13/ dt-06.12.2024 and Affidavit No.-14/ dt-06.12.2024 I Sucharita Sethy, R/o- Plot No.-3549, Badagada, Bhubaneswar, Dist.- Khurdha, lost my M.Tech Degree Certificate of IIT, Bhubaneswar & Grade Sheets 1st & 2nd year and also lost my B.Tech Degree Certificate of CIPET, Bhubaneswar under BPUT, Odisha & Grade Sheets of 1st, 2nd, 3rd & 4th year. Inspite of my best efforts I could not trace it. If any body found please contact above address. D-2164

AFFIDAVIT

By virtue of an affidavit sworn before the Executive Magistrate, Nimapada dated 30.11.2024, I Prafulla Kumar Sahoo, Son of Indramani Sahoo, At-Chhitikana Samil, Akhadapada, P.O.- Bantugram, P.S.- Nimapada, Dist.- Puri, Odisha, Pin-752106 declare that I have changed My son's name from Lokanath Sahoo to Arnav Sahoo. Henceforth, my son shall be known as Arnav Sahoo for all purposes. D-2168


By virtue of affidavit No.-2356, dtd.6.12.2024 before the Notary Public, Jajpur Road I Jayesh, S/o-Awanindra Kumar Singh, At-Mahavir Colony, Kanheipur, Jajpur Road, Dist.-Jajpur hereby declare that I have changed my name from Jayesh to Jayesh Singh. Henceforth, I shall be known as Jayesh Singh for all purposes. I further declare that my father's name has been changed to Awanindra Kumar Singh from Awaindra Kumar Singh. Henceforth, my father shall be known as Awanindra Kumar Singh for all purposes.
Jayesh
D-2175

Affidavit No.-19797, dt. 21.11.2024 before the Notary Public, Bhubaneswar, my name has changed from SK. Asif to Sek. Asif. Henceforth I shall be known as Sek. Asif, S/o- Sek. Yasin, At- Jharpada Muslim Sahi, P.O.- Bhudheswari, P.S.- Laxmisagar, Dist.- Khurda for all purpose. D-2177

Rashmita Dash, W/o- Priyabrata Dash at Nuadia, P.O.- Amrutamanohi, Pattamundai, Dist.- Kendrapara, Pin- 754218, Odisha declare by this affidavit No.- 11, dtd.03.12.24 that now onwards I shall be Known as RASHMITA MAHAPATRA for all future Purposes and obliged . D-2172

## ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଜୀବନ ବଲ୍ଲଭ ଦାଶ
ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୧୭।୦୯।୧୯୪୫
ତିରୋଧାନ: ୧୮।୧୨।୨୦୧୫
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ-ବୋହୂ, ନାତି-ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୧୫୯୩

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ରମେଶ ଚନ୍ଦ୍ର ମହାପାତ୍ର
(ବିଜ୍ଞାନ ଶିକ୍ଷକ, ସାରସ୍ୱତ ବିଦ୍ୟାପୀଠ, ବୀରତୁଙ୍ଗ)
ଗ୍ରାମ: ଭିଙ୍ଗାରପୁର, ଖୋର୍ଦ୍ଧା
ଆବିର୍ଭାବ: ୧୨।୦୧।୧୯୬୪
ତିରୋଧାନ: ୦୬।୧୨।୨୦୧୬
ଚାହୁଁ ଚାହୁଁ ୮ବର୍ଷ ବିତିଗଲା । ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଉପରେ ସର୍ବଦା ରହୁଥାଉ। ଆଜିର ଏହି ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୫୩୫୪


## ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଫୁଲ୍ଲ ସାମଲ ବିଜେଡି ଶ୍ରମିକ ସାଖୁଖ୍ୟ ରାଜ୍ୟ ସଭାପତି

ଭୁବନେଶ୍ୱର, (ଅନିଲ ଦାସ): ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ପ୍ରଫୁଲ ସାମଲ ବିଜୁ ଶ୍ରମିକ ସାଖୁଖ୍ୟର ରାଜ୍ୟ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି । ଶୁକ୍ରବାର ଏ ନେଇ ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରଫୁଲ୍ଲ ୩ଥର ଭଦ୍ରକ ଓ ୩ଥର ଭଣ୍ଡାରି ପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି। ତେବେ ୨୦୨୪ରେ ସେ ଭଦ୍ରକ ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଛନ୍ତି।



ପାର୍ଲାମେଣ୍ଟ ପରିସରରେ ଶୁକ୍ରବାର ସମ୍ବିଧାନର ମୁଖ୍ୟ ସ୍ଥପତି ବି.ଆର୍. ଆମ୍ବେଡକରଙ୍କ ଶ୍ରାଦ୍ଧଦିବସ ପାଳନ ଅବସରରେ ପ୍ରେରଣାସ୍ଥଳରେ ଉପସ୍ଥିତ ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ।

# ବିଧାନସଭାରେ ପୋଲାଭରମ୍ ତାତି

ଭୁବନେଶ୍ୱର,୬।୧୨(ଅନିଲ ଦାସ)

- ରାଜ୍ୟ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରହିବ: ବିଜେଡି
- ଡବଲ ଇଞ୍ଜିନ ସରକାର ରାଜ୍ୟ ସ୍ୱାର୍ଥକୁ ଅଣଦେଖା କରୁଛି: କଂଗ୍ରେସ
- କିଏ ଲଢ଼େଇ କରୁଥିଲେ ୨୪ ବର୍ଷ ଇତିହାସ ଦେଖିଲେ ଜଣାପଡୁଛି: ଭାଜପା

ପୋଲାଭରମ୍ ପ୍ରକଳ୍ପକୁ ନେଇ ବିଧାନସଭାରେ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ସହ ସ୍ୱର ମିଶାଇ ବିଜେଡି ପୋଲାଭରମ୍ ପ୍ରକଳ୍ପ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଦାବିକରି ଗୃହରେ ପ୍ରବଳ ହଟ୍ଟଗୋଳ କରିଛି। ପରିସ୍ଥିତି ଏପରି ହୋଇଥିଲା ଯେ ଗୃହରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ ସବୁ କିଛି ବାଏଁ ବାଏଁ ଉଡ଼ିଯାଇଥିଲା।

ଶୁକ୍ରବାର ସଭା କାର୍ଯ୍ୟ ଚଳାଇବାକୁ ବାଚସ୍ପତି ୧୦ଟା ୩୦ମିନିଟ୍‌ରେ ଗୃହକୁ ପ୍ରବେଶ କରିଥିଲେ। ରାୟଗଡ଼ା ବିଧାୟକ କାଡ୍ରାକା ଆପଲାସ୍ୱାମୀ ରାୟଗଡ଼ା ଜିଲା ଲୋକ ମହୋତ୍ସବ ଚଇତିକୁ ନେଇ ମୁଖ୍ୟ ଶାସନ ସଚିବଙ୍କୁ କରାଯାଇଥିବା ଅଭିଯୋଗର ତଦନ୍ତ ଉପରେ ପ୍ରଶ୍ନ କରିଥିଲେ। ଏହା ଉପରେ ଉତ୍ତର ଦେବାକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଉତ୍ତରଦେବାକୁ ଡାକିଥିଲେ। ଏହି ସମୟରେ ପୋଲାଭରମ୍ ପ୍ରକଳ୍ପ ସମ୍ପର୍କିତ ମୁଲତବୀ ଆଲୋଚନା ପ୍ରସ୍ତାବ ଅଗ୍ରାହ୍ୟ ହେବାକୁ ନେଇ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗରେ କଂଗ୍ରେସ ସଦସ୍ୟଙ୍କ ସହିତ ସ୍ୱର ମିଳାଇଥିଲେ। ମୁଲତବୀ ଆଲୋଚନା ଦାବି କରି କଂଗ୍ରେସ ସଭ୍ୟ ହଟ୍ଟଗୋଳ କରିଥିଲେ। ପାଟିତୁଣ୍ଡ ମଧ୍ୟରେ ମନ୍ତ୍ରୀ ଉତ୍ତର ପଢ଼ିଥିଲେ। ମୁଲତବୀ ପ୍ରସ୍ତାବ ଆଲୋଚନାକୁ ବାଚସ୍ପତି ସୁରମା ପାଢ଼ୀ ଅଗ୍ରାହ୍ୟ କରିବାରୁ କଂଗ୍ରେସ ସଦସ୍ୟମାନେ ଜୋରଦାର ଢଙ୍ଗରେ ବିରୋଧ କରିଥିଲେ।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିଜ ଆସନରେ ଛିଡ଼ା ହୋଇ ଗୃହକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ ମଧ୍ୟ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ୧୦ଟା ୩୮ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପୁଣି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ହୋହାଲ୍ଲା କରିଥିଲେ। ବାଚସ୍ପତି କହିଥିଲେ, ପୋଲାଭରମ୍ ପ୍ରକଳ୍ପ ପ୍ରସଙ୍ଗ କୋର୍ଟରେ ବିଚାରାଧୀନ ଥିବାରୁ ବିଧାନସଭାର ବିଧି ବ୍ୟବସ୍ଥା ଅନୁସାରେ କଂଗ୍ରେସ ଏହା ଉପରେ ଦେଇଥିବା ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟ ହୋଇଛି। ଗୁରୁବାର କଂଗ୍ରେସ ପକ୍ଷରୁ ଏହି ମୁଲତବୀ ନୋଟିସ୍ ଦିଆଯିବା ପରେ ତାକୁ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଥିଲା। କିନ୍ତୁ ଏହି ପ୍ରସଙ୍ଗ କୋର୍ଟରେ ବିଚାରାଧୀନ ଥିବାରୁ ବିଧାନସଭାର ବିଧି ବ୍ୟବସ୍ଥା ଅନୁସାରେ ବିଚାରାଧୀନ ପ୍ରସଙ୍ଗ ଗୃହରେ ଆଲୋଚନା ହୋଇପାରିବ ନାହିଁ। ଏଥିପାଇଁ ପୋଲାଭରମ୍ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଅଗ୍ରାହ୍ୟ କରାଯାଇଛି ବୋଲି ବାଚସ୍ପତି ଘୋଷଣା କରିଥିଲେ। ଏହାସତ୍ତ୍ୱେ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। ପରିସ୍ଥିତି ସ୍ୱାଭାବିକ ନ ହେବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ଗୃହ ବାହାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ବିଜେଡି ଆଗରୁ ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ କରୁଥିଲା। ଆଉ ଆଗକୁ ମଧ୍ୟ ଲଢ଼େଇ ଜାରି ରଖିବ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ଅଭିଯୋଗ କରିଛନ୍ତି, ଗୋଦାବରୀ ନଦୀରେ ବିବାଦୀୟ ପୋଲାଭରମ୍ ଡ୍ୟାମ୍ ନିର୍ମାଣ କାର୍ଯ୍ୟରେ ଡବଲ ଇଞ୍ଜିନର ଭାଜପା ସରକାର ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରୁଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ବହୁ ଅଞ୍ଚଳ ବୁଡ଼ିଯିବ। କିନ୍ତୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛି ବୋଲି ସେ କହିଛନ୍ତି। ଭାଜପା ନେତା ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କିଏ କେତେ ବାଟ ଲଢ଼େଇ କରୁଥିଲା କି କ'ଣ କରୁଥିଲା, ୨୪ ବର୍ଷର ଇତିହାସ ଦେଖିଲେ ଜଣାପଡୁଛି। ଏହି ଇତିହାସ ବହୁତ ଲମ୍ବା ଅଛି। ତେଣୁ ଲଢ଼େଇ କେଉଁଠି, କେମିତି କରୁଥିଲେ, ସେକଥା ଯଦି ଖୋଲି ଦିଆଯାଏ ତା'ହେଲେ କିଛି ଲୋକ ରାଜନୀତିରୁ ସନ୍ନ୍ୟାସ ନେଇଯିବେ ନ ହେଲେ କାହାକୁ ମୁହଁ ଦେଖାଇପାରିବେ ନାହିଁ। ଓଡ଼ିଶାବାସୀଙ୍କ ସ୍ୱାର୍ଥ ଲାଗି ଭାଜପା ଲଢ଼େଇ କରିବା ପାଇଁ ସର୍ବଦା ଆଗକୁ ଆସିଛି। ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିବଦ୍ଧ ବୋଲି ହରିଚନ୍ଦନ କହିଛନ୍ତି।

# ଭଦ୍ରକ ମାଟି ପାଇଁ ସଂଘର୍ଷ ଜାରି ରହିବ: ଅସିତ୍

ଭଦ୍ରକ,୬।୧୨
(ସନାତନ ରାଉତ)

## ଚର୍ଚ୍ଚାରେ ଜନ୍ମଦିନ ପାଳନ

ଭଦ୍ରକ ମାଟି ପାଇଁ ସବୁବେଳେ ସଂଘର୍ଷ ଜାରି ରହିବ ବୋଲି ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ପୁଅ ତଥା ଯୁବ କଂଗ୍ରେସ ନେତା ଅସିତ୍ ପଟ୍ଟନାୟକ(ବୁଲୁ) କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ଭଦ୍ରକସ୍ଥିତ ବାସଭବନରେ ତାଙ୍କ ଜନ୍ମଦିନ ପାଳନ ଅବସରରେ ସେ କହିଥିଲେ, ଭଦ୍ରକ ମାଟିର ସମ୍ମାନକୁ କେବେ ତଳେ ପଡ଼ିବାକୁ ଦେବେନି। ନିର୍ବାଚନରେ ହାରିବା ଜିତିବା ଅଛି। କିନ୍ତୁ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବାକୁ ବୁଲୁ ପଟ୍ଟନାୟକ ଆପଣମାନଙ୍କ ସହ ସବୁବେଳେ ରହିଥିବା ସେ ଦଳୀୟ କର୍ମୀ, ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଭାଷଣ ମାଧ୍ୟମରେ ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ସବରେ ବହୁ କଂଗ୍ରେସ ନେତା ଯୋଗ ଦେଇଥିବା ବେଳେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ବହୁ ଲୋକ ଏଥିରେ ସାମିଲ ହୋଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ଜନ୍ମଦିନ ପାଳନକୁ ନେଇ ଏବେ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।


ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ଟିକେଟ୍ ନ ମିଳିବାରୁ ଅସିତ୍ କଂଗ୍ରେସରେ ଯୋଗ ଦେଇଥିଲେ। ଭଦ୍ରକ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇ ନିର୍ବାଚନରେ ହାରିବା ପରେ ଏହା ତାଙ୍କର ଏକ ବଡ଼ ସମାବେଶ ଥିଲା ବୋଲି ଚର୍ଚ୍ଚା ହେଉଛି। ଦୀର୍ଘଦିନର ବ୍ୟବଧାନ ପରେ ଦଳୀୟ କର୍ମୀଙ୍କ ସହ ଜନ୍ମଦିନ ଅବସରରେ ଏକାଠି ହୋଇଥିବା ଦେଖିବାକୁ ମିଳିଥିଲା। ବିଜେଡିରୁ ଟିକେଟ୍ ନ ମିଳିବା ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ଥିଲା। ଚାଟୁକାରିତା କରି ନ ଥିବାରୁ ତାଙ୍କୁ ବିଜେଡିରୁ ଟିକେଟ୍ ମିଳି ନ ଥିଲା। ନିର୍ବାଚନରେ ତାଙ୍କୁ ୪୩ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ମିଳିବା ଲୋକଙ୍କର ତାଙ୍କ ପରିବାର ଓ ବାପାଙ୍କ ପ୍ରତି ଭଲପାଇବାର ପ୍ରମାଣ ବୋଲି ସେ କହିଥିଲେ। ଏହି ଉତ୍ସବରେ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ନଳିନୀ ମହାନ୍ତି, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଦଳିତ ନେତା ରାଜେନ୍ଦ୍ର ଦାସ, ଯୁବନେତା ସନିଆ ନନ୍ଦ, ତପନ ରାଉତ, ରାଧାକାନ୍ତ ସାମଲ, ରୁବି ମହାନ୍ତି, ଶରତ ସାମଲଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

# ଭୋଟର ତାଲିକାରୁ ନାଁ କଟାଯିବା ଗଣତନ୍ତ୍ରକୁ ବିପଦ: କେଜ୍‌ରିୱାଲ

ନୂଆଦିଲ୍ଲୀ,୬।୧୨

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ବହୁସଂଖ୍ୟାରେ ଭୋଟରଙ୍କ ନାଁ କାଟିଦିଆଯାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ଅଭିଯୋଗ କରିଛନ୍ତି। ଆମ ଆଦ୍‌ମୀ ପାର୍ଟି ଆବାହକ କେଜ୍‌ରିୱାଲ କହିଛନ୍ତି, ଶହଦର ଅଞ୍ଚଳରୁ ୧୧,୦୧୮ ଜଣଙ୍କ ନାଁ ଭୋଟର ତାଲିକାରୁ ବାଦ୍ ଦେବା ପାଇଁ ଭାଜପା ଆବେଦନ କରିଥିଲା। ତେବେ ଆମେ ଆବେଦନପତ୍ରର ୫୦୦ ନାମକୁ ଯାଞ୍ଚ କରିବା ପରେ ସେଥିରୁ ୭୫ ପ୍ରତିଶତ ଲୋକ ଏବେବି ଜୀବିତ ଥିବା ଜଣାପଡ଼ିଥିଲା। ଜୀବିତ ଲୋକଙ୍କ ନାମକୁ ଭୋଟର ତାଲିକାରୁ କାଟି ଦିଆଯାଇଥିବା କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ୨୦୨୦ରେ ଶହଦର ଆସନରୁ ଆପ୍ ନେତା ରାମନିବାସ ଗୋଏଲ ୫,୦୦୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ନାଁ କଟାଯାଇଥିବା ଅଧିକାଂଶ ଭୋଟର ଆମ୍ ଆଦ୍‌ମୀ ପାର୍ଟିର। ଯଦି ଗୋଟିଏ ନିର୍ବାଚନ ମଣ୍ଡଳୀରୁ ୬ ପ୍ରତିଶତ ଭୋଟ୍ କାଟିଦିଆଯାଏ, ତେବେ ନିର୍ବାଚନ କରାଇବାର ମାନେ କ'ଣ ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି।



ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଡିସେମ୍ବର ୭/୨୦୨୪ Bhubaneswar, Saturday, December 7/ 2024

# ଭାରତ ସ୍କୋର ୧୮୦ରେ ସୀମିତ

## ପିଙ୍କ୍‌ବଲ୍ ଟେଷ୍ଟରେ ଷ୍ଟାର୍କଙ୍କୁ ୬ ଉଇକେଟ



**ଆଡିଲେଡ୍, ୬।୧୨**

ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଶୁକ୍ରବାର ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ତଥା ପିଙ୍କ୍‌ବଲ୍ (ଦିବା/ରାତ୍ର) ଟେଷ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅଷ୍ଟ୍ରେଲୀୟ ସ୍ୱିଙ୍ଗ୍‌ଷ୍ଟର ମିଚେଲ ଷ୍ଟାର୍କଙ୍କୁ ମୁକାବିଲା କରିବାରେ ଭାରତୀୟ ବ୍ୟାଟର ବିଫଳ ହୋଇଛନ୍ତି। ଫଳରେ ଭାରତର ପ୍ରଥମ ଇନିଂସ ସ୍କୋର ୧୮୦ରେ ସୀମିତ ହୋଇଯାଇଛି। ଏକା ଷ୍ଟାର୍କ ୬ ଉଇକେଟ ସଫଳତା ପାଇଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧ ଉଇକେଟ ହରାଇ ୮୬ ରନ ସଂଗ୍ରହ କରି ନେଇଛି। ୯ ଉଇକେଟ ସୁରକ୍ଷିତ ଥିବାବେଳେ ଅଷ୍ଟ୍ରେଲିଆ ଆଉ ମାତ୍ର ୯୪ ରନ ପଛରେ ରହିଛି। ଆଡିଲେଡ୍ ପିଚ୍‌ରେ ଦ୍ୱିତୀୟ ଦିବସ ଖେଳ ବ୍ୟାଟିଂ ପାଇଁ ଉପଯୋଗୀ ହୋଇଥାଏ। ତେଣୁ ଅଷ୍ଟ୍ରେଲିଆ ମଜଭୁତ ସ୍ଥିତି ଆଡ଼କୁ ଆଗଉଥିବା କୁହାଯାଇପାରିବ।


ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା। ମାତ୍ର ଫର୍ମରେ ଥିବା ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ରଥମ ବଲ୍‌ରେ ଆଉଟ କରି ଭାରତକୁ ଶକ୍ତ ଝଟ୍‌କା ଦେଇଥିଲେ ଷ୍ଟାର୍କ। ଲୋକେଶ ରାହୁଲ ଓ ଶୁବମନ ଗିଲ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ମାତ୍ର ଦୁହେଁ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ ଉଇକେଟରେ ୬୯ ରନର ଭାଗୀଦାରି ପରେ ରାହୁଲ ଆଉଟ ହେବା ସହ ଯୋଡ଼ି ଭାଙ୍ଗିଥିଲା। ରାହୁଲ ୩୭ ରନକରି ଷ୍ଟାର୍କଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଗିଲ୍ ମଧ୍ୟ ଅଧିକ ସମୟ ତିଷ୍ଠି ନ ପାରି ୩୧ ରନକରି ପ୍ୟାଭିଲିୟନ ଫେରିଥିଲେ। ବିରାଟ କୋହଲି ୭ ଓ ରୋହିତ ୩ ରନରେ ଆଉଟ ହେବାରୁ ଭାରତ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ୨୬ତମ ଓଭରରେ ଭାରତ ସ୍କୋର ୮୭/୫ ହୋଇ ଯାଇଥିଲା। ଲୋୟର ମିଡିଲ ଅର୍ଡରରେ ନୀତୀଶ କୁମାର ରେଡ୍ଡୀ ୪୨ ରନ କରିବାରୁ ଭାରତ ସ୍କୋର ୧୮୦ରେ ପହଞ୍ଚିବାରେ ସକ୍ଷମ ହୋଇଥିଲା। ରବିଚନ୍ଦ୍ରନ ଅଶ୍ୱିନ ୨୨ ଓ ରିଷଭ ପନ୍ତ ୨୧ ରନର ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ ୪୮ ରନ ବିନିମୟରେ ୬ଟି ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏ ଉଇକେଟ ନେଇଥିଲେ। ଟେଷ୍ଟ କ୍ରିକେଟରେ ଏହା ଥିଲା ଷ୍ଟାର୍କଙ୍କ ଶ୍ରେଷ୍ଠ ବୋଲିଂ ସଫଳତା। ପୂର୍ବରୁ ୨୦୧୬ରେ ସେ ଗାଲେଠାରେ ଶ୍ରୀଲଙ୍କା ବିପକ୍ଷରେ ୫୦ ରନ ବିନିମୟରେ ୬ ଉଇକେଟ ପାଇଥିଲେ।

ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଓପନିଂ ଯୋଡ଼ିରେ ୨୪ ରନ ଯୋଗ କରିବାପରେ ଉସମାନ ଖ୍ୱାଜାଙ୍କ ଉଇକେଟ ହରାଇଥିଲା। ଖ୍ୱାଜା ୧୩ ରନକରି ବାର୍ଥ ଡେ' ବୟ ଯଶପ୍ରୀତ୍ ବୁମ୍‌ରାଙ୍କ ଶିକାର ହୋଇଥିଲେ। ଏଥିସହ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ବୁମ୍‌ରା ୫୦ ଉଇକେଟ ପୂରଣ କରିଥିଲେ। ତାଙ୍କ ପୂର୍ବରୁ କପିଲ ଦେବ (୧୯୭୯ରେ ୭୪ ଓ ୧୯୮୩ରେ ୭୫ ଉଇକେଟ) ଏବଂ ଜାହିର ଖାଁ (୨୦୦୨ରେ ୫୧) ଏହି କ୍ଲବର ସଦସ୍ୟ ଥିଲେ। ପ୍ରଥମ ଦିବସ ଖେଳ ବନ୍ଦ ରହିବା ବେଳକୁ ନାଥାନ ମ୍ୟାକ୍‌ସ୍ୱିନି ୩୮ ଓ ମାର୍ନସ ଲାବୁସେନ ୨୦ ରନରେ ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୮୦/ଅଲ୍‌ଆଉଟ (ନୀତୀଶ କୁମାର ରେଡ୍ଡୀ-୪୨, ଲୋକେଶ ରାହୁଲ-୩୭, ଶୁବମନ ଗିଲ୍-୩୧, ରବିଚନ୍ଦ୍ରନ ଅଶ୍ୱିନ-୨୨, ରିଷଭ ପନ୍ତ-୨୧, ମିଚେଲ ଷ୍ଟାର୍କ-୬/୪୮, ପ୍ୟାଟ୍ କମିନ୍ସ-୨/୪୧, ସ୍କଟ ବୋଲାଣ୍ଡ-୨/୫୪)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୮୬/୧ (ନାଥାନ ମ୍ୟାକ୍‌ସ୍ୱିନି-୩୮*, ମାର୍ନସ ଲାବୁସେନ-୨୦*, ଯଶପ୍ରୀତ୍ ବୁମ୍‌ରା-୧/୧୩)।

# ବାପା ହେବେ ଭର୍ଷ୍ଟାପେନ୍



**ଆବୁଧାବି, ୬।୧୨(ଏପି):** ଫର୍ମୁଲାୱାନ ଚାମ୍ପିୟନ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତାଙ୍କ ଗର୍ଲଫ୍ରେଣ୍ଡ କେଲି ପିକ୍ୱେଟଙ୍କ ସହ ପ୍ରଥମ ଥର ବାପା ହେବାକୁ ଯାଉଛନ୍ତି। ଉଭୟ ପକ୍ଷ ପରିବାର ଫର୍ମୁଲା ୱାନ ରେସ୍ ସହିତ ବେଶ୍ ପରିଚିତ। ଗତ ମାସରେ ଲାସ୍‌ଭେଗାସ୍‌ଠାରେ ଭର୍ଷ୍ଟାପେନ୍ ତାଙ୍କର ଚତୁର୍ଥ ଫର୍ମୁଲା ୱାନ ଟାଇଟଲ ହାସଲ କରିଛନ୍ତି। କେଲିଙ୍କ ବାପା ହେଉଛନ୍ତି ନେଲସନ ପିକ୍ୱେଟ୍। ୧୯୮୦ ଦଶକରେ ପିକ୍ୱେଟ ୩ଥର ଚାମ୍ପିୟନ ହୋଇଛନ୍ତି। ମିନି ଭର୍ଷ୍ଟାପେନ୍-ପିକ୍ୱେଟଙ୍କ ଆଗମନକୁ ଅପେକ୍ଷା ବୋଲି ଡଚ୍ ଡ୍ରାଇଭର ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଭର୍ଷ୍ଟାପେନ୍‌ଙ୍କ ପିତା ଜୋସ୍ ୧୯୯୦ଦଶକ ଏବଂ ୨୦୦୦ ଦଶକ ପ୍ରାରମ୍ଭରେ ଫର୍ମୁଲା ୱାନରେ ଡ୍ରାଇଭିଂ କରିଛନ୍ତି। କେଲି ପିକ୍ୱେଟଙ୍କ ଭାଇ ନେଲସନ ପିକ୍ୱେଟ ଜୁନିୟର ରେନଲ୍ଟ ଡ୍ରାଇଭର ଥିଲେ।

# ଓଡ଼ିଶାକୁ ବ୍ରୋଞ୍ଜ

**ସିକନ୍ଦରାବାଦ, ୬।୧୨ (ପି.ଟି.):** ୧୪ତମ ଜାତୀୟ ସବ୍ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ୩ୟ-୪ର୍ଥ ସ୍ଥାନ ପାଇଁ ଶୁକ୍ରବାର ଖେଳାଯାଇଥିବା ମ୍ୟାଚରେ ମିଜୋରାମକୁ ୪-୩ ଗୋଲରେ ହରାଇ ଓଡ଼ିଶା ବ୍ରୋଞ୍ଜ ପଦକ ଲାଭ କରିଛି। ଦଳ ପକ୍ଷରୁ ପ୍ରିୟଙ୍କା ମିଞ୍ଜ (୯ମ, ୧୨ତମ ଓ ୧୨ତମ ମିନିଟ୍) ତିନୋଟି ଗୋଲ ସ୍କୋର କରିଥିବା ବେଳେ ଚତୁର୍ଥ ଗୋଲ୍‌ଟିକୁ ଅଞ୍ଜନା ଖାଖା ଦେଇଥିଲେ। ମିଜୋରାମ ତରଫରୁ ଭାନଲାଲ୍‌ରିନ୍‌ଲୁଇ (୩୬ତମ ଓ ୫୨ତମ) ଦୁଇଟି ଏବଂ ମଙ୍ଗଲାମସାଙ୍ଗ୍ (୨୮ତମ) ଗୋଟିଏ ଗୋଲ ଦେଇଥିଲେ। ଫାଇନାଲରେ ଝାଡ଼ଖଣ୍ଡ ୧-୦ ଗୋଲ୍‌ରେ ହକି ମଧ୍ୟପ୍ରଦେଶକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜୟସୂଚକ ଗୋଲ୍‌ଟିକୁ ୧୫ତମ ମିନିଟ୍‌ରେ ଜମୁନା କୁମାରୀ ସ୍କୋର କରିଥିଲେ।

# ଜୟ ଶାହାଙ୍କ ସ୍ଥାନରେ ସିଲ୍‌ଭା ସଭାପତି

**ଦୁବାଇ, ୬।୧୨ (ପି.ଟି.):** ଭାରତର ଜୟ ଶାହାଙ୍କ ସ୍ଥାନରେ ଶ୍ରୀଲଙ୍କାର ଶାମି ସିଲ୍‌ଭା ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି)ର ସଭାପତି ହୋଇଛନ୍ତି। ଶାହା ନିକଟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଚେୟାରମ୍ୟାନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏସିସି ସଭାପତି ଭାବେ ୩ବର୍ଷ କାର୍ଯ୍ୟକାଳ ପୂରଣ କରିବା ପରେ ଏହି ସ୍ଥାନ ଖାଲି ପଡ଼ିଥିଲା। ଏସିସିରେ କୌଣସି ପଦବୀ ଅଳଙ୍କୃତ କରିବା ସିଲ୍‌ଭାଙ୍କ ପାଇଁ ଏହା ପ୍ରଥମ ନୁହେଁ। ପୂର୍ବରୁ ସେ ଏସିସି ଫାଇନାନ୍ସ ଆଣ୍ଡ ମାର୍କେଟିଂ କମିଟିର ଚେୟାରମ୍ୟାନ ଭାବେ କାର୍ଯ୍ୟ ସମ୍ପାଦକ କରିଛନ୍ତି।

# କଳିଙ୍ଗରେ ଆଜିଠୁ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ



- ୧୦,୦୦୦ ମିଟର ରେସ୍‌ରୁ ଆରମ୍ଭ ହେବ ପ୍ରତିଯୋଗିତା
- ହରିୟାଣାରୁ ସର୍ବାଧିକ ୧୫୦, ଓଡ଼ିଶାରୁ ୭୮ ଭାଗନେବେ

**ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଏବେ ଦେଶର ପ୍ରତିଭାସମ୍ପନ୍ନ ଆଥ୍‌ଲେଟଙ୍କ ମହାମେଳା। ଶନିବାରଠାରୁ ଏଠାରେ ଆରମ୍ଭ ହେବ ୩୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍। ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଅନୁମୋଦନ କ୍ରମେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେଏହି ପ୍ରତିଯୋଗିତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ପାଖାପାଖି ୨୦୦୦ ଆଥଲେଟ୍ ଅଂଶଗ୍ରହଣ କରିବେ। ହରିୟାଣାରୁ ସର୍ବାଧିକ ୧୫୦ ଏବଂ ଓଡ଼ିଶାରୁ ୩୫ ମହିଳା ଆଥଲେଟ୍‌ଙ୍କ ସମେତ ମୋଟ ୭୮ ପ୍ରତିଯୋଗୀ ଭାଗନେବେ। ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ୍ ଆଦି ୪ଟି ବର୍ଗ (ବାଳିକା ଓ ବାଳକ)ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଥମ ଦିବସ ସକାଳ ୬ଟାରେ ୨୦ ବର୍ଷରୁ କମ୍ ପୁରୁଷ ୧୦,୦୦୦ ମିଟର ରେସ୍‌ରୁ ପ୍ରତିଯୋଗିତା ଆରମ୍ଭ ହେବ। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ପାର୍ବତୀ ହାଁସଦା, ଆଂଶିକା ରାଉତରାୟ, ବାପି ହାଁସଦା, ଡି. ଜୟରାମ ପ୍ରମୁଖ ଆକର୍ଷଣର କେନ୍ଦ୍ରରେ ରହିବେ। ଓଡ଼ିଶା ଆଥଲେଟ୍‌ମାନେ ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଶାପ୍ରକାଶ କରିଛନ୍ତି। ଚଳିତବର୍ଷ ଏହା ପୂର୍ବରୁ ଓଡ଼ିଶାରେ ୨୭ତମ ଜାତୀୟ ଫେଡେରେଶନ ସିନିୟର ଆଥଲେଟିକ୍ସ, ୭୦ତମ ଓଡ଼ିଶା ରାଜ୍ୟ ସିନିୟର ଓ ଜୁନିୟର ଆଥ୍‌ଲେଟିକ୍ସ ଏବଂ ୩୫ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇସାରିଛି। ପ୍ରକୃତରେ ୩୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅକ୍ଟୋବର ୨୫ରୁ ୨୯ ପର୍ଯ୍ୟନ୍ତ ହେବାଲାଗି କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଥିଲା। ମାତ୍ର ଓଡ଼ିଶାରେ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିଲା। ପରେ ଏଏଫ୍‌ଆଇ ପକ୍ଷରୁ ନୂଆ ତାରିଖ ଧାର୍ଯ୍ୟ କରାଯାଇଥିଲା।

# ଭାରତ ଫାଇନାଲରେ

**ଶାରଜା, ୬।୧୨ (ପି.ଟି.)**

ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ ଦିନିକିଆ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଉଦୀୟମାନ ଷ୍ଟାର ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ପୁଣିଥରେ ଅର୍ଦ୍ଧଶତକ ହାସଲ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିହାରର ଏହି ୧୩ବର୍ଷୀୟ ବୈଭବ ଗତମାସରେ ସବୁଠାରୁ କନିଷ୍ଠ କ୍ରିକେଟର ଭାବେ ଆଇପିଏଲ୍ ନିଲାମିରେ ବିକ୍ରି ହୋଇଛନ୍ତି। ସେ ୫ ଛକା ଓ ୬ ଚୌକା ସହ ୩୬ ବଲ୍‌ରେ ୬୭ ରନ କରିବା ଦ୍ୱାରା ଭାରତ ୧୭୦ ବଲ୍ ବାକିଥାଇ ୧୭୪ରନର ବିଜୟ ଲକ୍ଷ୍ୟକୁ ହାସଲ କରି ନେଇଥିଲା। ଭାରତ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁଥିବା ଫାଇନାଲରେ ବାଂଲାଦେଶକୁ ଭେଟିବ। ଦୁବାଇରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ବାଂଲାଦେଶ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଦଳ ୨୨.୧ ଓଭରରେ ୧୧୭ ରନ୍‌ର ସହଜସାଧ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।



ବୈଭବ ସୂର୍ଯ୍ୟବଂଶୀ

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୬.୨ ଓଭରରେ ୧୭୩ (ଲକଭିନ୍ ଆବେସିଂଘେ-୬୯, ସାରୁଞ୍ଜନ ଶନମୁଗନାଥନ-୪୨, ଚେତନ ଶର୍ମା -୩/୩୪, କିରନ ଚୋରମାଲେ-୨/୩୨, ଓ ଆୟୁଷ ମାହାତ୍ରେ-୨/୩୭। ଭାରତ ୨୧.୪ ଓଭରରେ ୧୭୫/୩ (ବୈଭବ ସୂର୍ଯ୍ୟବଂଶୀ-୬୭, ମାହାତ୍ରେ-୩୪, ମହମ୍ମଦ ଅମନ-୨୫*)।

# ଭାରୋତ୍ତୋଳନ ଓଜନ କାଟେଗୋରୀ ହ୍ରାସ ପାଇବ

**ମାନାମା, ୬।୧୨ (ପି.ଟି.)**

ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ୍) ଉଭୟ ପୁରୁଷ ଓ ମହିଳା ବିଭାଗର ଓଜନ କାଟେଗୋରୀ ୧୦ରୁ ୮କୁ ହ୍ରାସ କରିବା ଲାଗି ନିଷ୍ପତ୍ତି ନେଇଛି। ଆଇଡବ୍ଲ୍ୟୁଏଫ୍‌ର ଇନୋଭେଶନ କମିଶନ ଏନେଇ ପ୍ରସ୍ତାବ ଦେଇଥିଲା। ଏହା ଆସନ୍ତାବର୍ଷ ଜୁନ୍‌ରୁ କାର୍ଯ୍ୟକାରୀ ହେବ। ପୁରୁଷ ବିଭାଗରେ ୫୫କେଜି କାଟେଗୋରୀକୁ ବାଦ୍ ଦିଆଯିବ। ପ୍ରତିଯୋଗିତା ୬୦କେଜିରୁ ଆରମ୍ଭ ହେବ। ୭୦କେଜି, ୮୦କେଜି ଓ ୯୦କେଜିକୁ ମଧ୍ୟ ହଟାଇ ଦିଆଯିବ। ନୂଆ ପ୍ରସ୍ତାବ ଅନୁସାରେ ପୁରୁଷ ବିଭାଗରେ ୫୫କେଜି, ୬୧କେଜି, ୬୭ କେଜି, ୭୩ କେଜି, ୮୧କେଜି, ୮୯ କେଜି, ୯୬ କେଜି, ୧୦୨ କେଜି, ୧୦୯ କେଜି ଓ +୧୦୯କେଜି ପରିବର୍ତ୍ତେ ଆଗକୁ ୬୦କେଜି, ୬୫କେଜି, ୭୧କେଜି, ୭୯ କେଜି, ୮୮ କେଜି, ୯୮ କେଜି, ୧୧୦ କେଜି, +୧୧୦ କେଜି ଓଜନ ବିଭାଗରେ ପ୍ରତିଯୋଗିତା ହେବ। ସେହିପରି ମହିଳା ବିଭାଗରେ ୪୫କେଜି କାଟେଗୋରିକୁ ବାଦ୍ ଦିଆଯାଇ ନୂତନ ଭାବେ ୪୮ କାଟେଗୋରି ପ୍ରଚଳନ କରାଯିବ। ପୂର୍ବରୁ ରହିଥିବା ୪୫ କେଜି, ୪୯କେଜି, ୫୫ କେଜି, ୫୯ କେଜି, ୬୪ କେଜି, ୭୧କେଜି, ୭୬ କେଜି, ୮୧ କେଜି, ୮୭ କେଜି ଏବଂ +୮୭ କେଜି ପରିବର୍ତ୍ତେ ୫୩ କେଜି, ୫୮ କେଜି, ୬୩ କେଜି, ୬୯ କେଜି, ୭୭ କେଜି, ୮୬ କେଜି ଏବଂ +୮୬ କେଜି ଓଜନ ଶ୍ରେଣୀରେ ପ୍ରତିଯୋଗିତା ହେବ। ସୂଚନାଯୋଗ୍ୟ, ଭାରତର ମୀରାବାଈ ଚାନୁ ୪୯କେଜି କାଟେଗୋରିରେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ଜିତିଥିଲେ। ଏହି କାଟେଗୋରୀ ଏବେ ବାଦ୍‌ପଡ଼ିବାକୁ ଯାଉଛି। ଡିସେମ୍ବର ୨-୩ରେ ଏଠାରେ ଆଇଡବ୍ଲ୍ୟୁଏଫ୍ କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ପରେ ଏକ ବିବୃତ୍ତି ଜରିଆରେ ଏହି ସୂଚନା ଦିଆଯାଇଛି। ତେବେ ୨୦୨୮ ଲସ୍ ଆଞ୍ଜେଲ୍ସ ଗେମ୍ସ ପୁରୁଷ ଓ ମହିଳା ବିଭାଗରେ ଅଲିମ୍ପିକ ଓ ଅଣ-ଅଲିମ୍ପିକ କାଟେଗୋରୀ ପାଇଁ କ'ଣ କରାଯିବ ତାହା ଜଣାପଡ଼ି ନାହିଁ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ କେବଳ ୫ଟି ଓଜନ ଶ୍ରେଣୀ ବଛା ଯାଇଥିଲା। ସେଗୁଡ଼ିକ ହେଲା ୬୧କେଜି, ୭୩କେଜି, ୮୯କେଜି, ୧୦୨କେଜି ଏବଂ ପୁରୁଷରେ ୧୦୨ କେଜିରୁ ଉର୍ଦ୍ଧ୍ୱ ଏବଂ ମହିଳାରେ ୪୯କେଜି, ୫୯ କେଜି, ୭୧କେଜି, ୮୧ କେଜି ଏବଂ ୮୧+ କେଜି।

# ରାଜ୍ୟ ସିନିୟର ସଫ୍ଟବଲ ପ୍ରତିଯୋଗିତା ଆରମ୍ଭ



ପ୍ରଥମ ଦିବସରେ କିସ୍ ଓ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)।

**ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)**

ଓଡ଼ିଶା ସଫ୍ଟବଲ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ୨୩ତମ ରାଜ୍ୟ ସିନିୟର ସଫ୍ଟବଲ ପ୍ରତିଯୋଗିତା ଶୁକ୍ରବାର କଟକର ସତ୍ୟବ୍ରତ ଷ୍ଟାଡିୟମରେ ଆରମ୍ଭ ହୋଇଛି। ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ମହିଳାରେ ୨୦୦ ଓ ପୁରୁଷରେ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମହିଳାରେ ମୋଟ ୧୦ ଓ ପୁରୁଷରେ ୧୮ ଦଳ ଭାଗ ନେଉଛନ୍ତି। ୬ ମହିଳା ଓ ୧୪ ପୁରୁଷଙ୍କୁ ମିଶାଇ ମୋଟ ୨୦ ଅଫିସିଆଲ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଭାଜପାର ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଓ ରାଜ୍ୟ ସଂଘ ଉପଦେଷ୍ଟା ଶିବାନନ୍ଦ ପ୍ରଧାନ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସଂଘ ସଭାପତି ଦୀପକ କୁମାର ଗୌଡ଼ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ରାଜ କିଶୋର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓକିନୱା କରାଟେ ସ୍କୁଲର ଶୋଟୋକାଇ ପ୍ରଶିକ୍ଷଣ

**ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)**

ଓକିନୱା କରାଟେ ସ୍କୁଲ ଆନୁକୂଲ୍ୟରେ ଶୋଟୋକାଇ ପ୍ରଶିକ୍ଷଣ ଶିବିର ଓ ବେଲ୍ଟ ଟେଷ୍ଟ ଓଭରଅଲ୍ ସ୍ପୋର୍ଟ୍ସ ଏକାଡେମୀରେ ସଫଳତାର ସହ ସମ୍ପନ୍ନ ହୋଇଛି। ବ୍ଲାକ୍ ବେଲ୍ଟ ପ୍ରଥମ ଡାନ୍ ପାଇଁ ମୋଟ ୧୫ ଛାତ୍ର ଭାଗ ନେଇଥିଲେ। ଏଥିରେ ସନ୍ଦୀପ ପଟ୍ଟନାୟକ ଓ ପ୍ରତାପ ନାୟକ ଦ୍ୱିତୀୟ ଡାନକୁ ଉତ୍ତୀର୍ଣ୍ଣ ହୋଇଥିଲେ। ବରିଷ୍ଠ ପ୍ରଶିକ୍ଷକ ବେଣୁଧର ମଲ୍ଲିକ୍, ଅନ୍ତର୍ଯ୍ୟାମୀ ବେହେରା ଏବଂ ଦୀପକ ପଟ୍ଟଆରସିଂଙ୍କ ସହଯୋଗରେ ଜାପାନ କରାଟେ ଶୋଟୋକାଇର ଉପସଭାପତି ସୌମ୍ୟରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ପୂରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଥମ ଡାନ୍ ପାଇଥିବା କରାଟେକାମାନେ ହେଲେ ଅଭିଷେକ ସାହୁ, ଅଙ୍କିତା ସାମନ୍ତରାୟ, ଆୟୁଷ ଜେନା, ଆୟୁଷ କୁମାର ମହାନ୍ତ, ଆୟୁଷ ଏନ୍ ମହାନ୍ତି, ଦୀନେଶ କୁମାର ସିଂ, ଲାଲ ମୋହନ ମଲ୍ଲିକ, ଓମ୍‌ପ୍ରକାଶ ବେହେରା, ପ୍ରକୃତି ପ୍ରିୟଦର୍ଶିନୀ ମଲ୍ଲିକ, ପ୍ରିୟାଂଶୁ ନାୟକ, ଶର୍ମିଷ୍ଠା ଦ୍ୱିବେଦୀ, ଶ୍ରୀକାନ୍ତ ରାଣା, ଶିବମ୍ ଜେ. ମହାପାତ୍ର ଓ ଉଜ୍ଜ୍ୱଳ ମହାରଣା। ସିଦ୍ଧାର୍ଥ ଶେଖର ମହାପାତ୍ର ଓ ବିଜୟାଲକ୍ଷ୍ମୀ ତ୍ରିପାଠୀ ପ୍ରମୁଖ କୃତୀ କରାଟେକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





ଓକିନୱା କରାଟେ ସ୍କୁଲର ଶୋଟୋକାଇ ପ୍ରଶିକ୍ଷଣ ଶିବିର ଓ ବେଲ୍ଟ ଟେଷ୍ଟରେ ଅଂଶଗ୍ରହଣକାରୀ କରାଟେକା ଓ କର୍ମକର୍ତ୍ତା।

# କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ





ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଚାମ୍ପିୟନ କିଟ୍ ବିଶ୍ୱବିଦ୍ୟାଳୟ ଦଳ।

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ**

**ବାଲେଶ୍ୱର, ୬।୧୨ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୪ ଦିନ ବ୍ୟାପୀ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ୪ଟି ଦଳ ମଧ୍ୟରେ ମ୍ୟାଚ୍ ହେବାପରେ ୩ ବିଜୟ ସହ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ୨ଟି ମ୍ୟାଚ ଜିତିଥିବା ଛତିଶଗଡ଼ ଦୁର୍ଗର ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ରନରଅପ୍, ଗୋଟିଏ ମ୍ୟାଚ ଜିତିଥିବା ରାୟପୁରର ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ତୃତୀୟ ଏବଂ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ହାସଲ କରିଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା, ପିଇଓ ସଂଗ୍ରାମ ବିଶୋଇ ଯୋଗଦେଇ ଏହି ୪ ବିଜୟୀ ଦଳକୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନା କରିଥିବା ୨୫ ରେଫେରିଙ୍କୁ କୁଳପତି ପ୍ରଫେସର ତ୍ରିପାଠୀ ସମ୍ମାନିତ କରିବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ